- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-94 ◆SATURDAY ◆27 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୯୪ ◆ଶନିବାର ◆୨୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ସୁଶ୍ରୀ ଓଡ଼ିଶା ଅଧିନାୟିକା

▶ପୃଷ୍ଠା ୧୨ ଦେଖନ୍ତୁ...

# ଆଜି ଝାରସୁଗୁଡ଼ା ଆସୁଛନ୍ତି ପ୍ରଧାନମନ୍ତ୍ରୀ



### ଯୁବ ସମାବେଶରେ ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ

### ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ନେଟ୍‌ୱର୍କ ସେବାର ହେବ ଶୁଭାରମ୍ଭ

■ ଭୁବନେଶ୍ୱର/ସମ୍ବଲପୁର ୨୬।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି (ଶନିବାର) ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ 'ସେବା ପର୍ବ-୨୦୨୫' ଚାଲିଛି। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶକୁ ସମ୍ବୋଧିତ କରିବା ସହ ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସାରା ଦେଶ ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବିଏସ୍‌ଏନ୍‌ଏଲ୍ ୪ଜି ନେଟ୍‌ୱର୍କ ଟାୱାର ସେବାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି।

କାର୍ଯ୍ୟସୂଚୀ ଅନୁସାରେ, ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୧୦ ମିନିଟରେ ପହଞ୍ଚି, ସେଠାରୁ ଅମଲିପାଲି ପଡ଼ିଆ ଅଭିମୁଖେ ଯାତ୍ରା କରିବେ। ସଭାସ୍ଥଳରେ ୧୧ଟା ୨୫ ମିନିଟରେ ପହଞ୍ଚି ସାଢ଼େ ୧୧ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଏକ ଘଣ୍ଟାର କାର୍ଯ୍ୟକ୍ରମ ରହିଛି। ସାଢ଼େ ୧୨ଟାରେ ସଭାସ୍ଥଳରୁ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ବିମାନ ବନ୍ଦରକୁ ଯାଇ ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ।

ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୭ ବର୍ଷ ପରେ ଝାରସୁଗୁଡ଼ାକୁ ଆସୁଛନ୍ତି। ୨୦୧୮ ମସିହା ସେପ୍ଟେମ୍ବର ୨୨ ତାରିଖ ଝାରସୁଗୁଡ଼ା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ଉଦ୍‌ଘାଟନ କରିଥିଲେ।

# ଅବପାତ ରୂପ ନେଲା ଲଘୁଚାପ

## ଆଜି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା

■ ଭୁବନେଶ୍ୱର, ୨୬।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ଶୁକ୍ରବାର ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୟୂରଭଞ୍ଜଠାରୁ ଗଞ୍ଜାମ ପର୍ଯ୍ୟନ୍ତ ବର୍ଷା ହୋଇଛି। ଏହି ଅବପାତ ଶନିବାର ସକାଳ ସୁଦ୍ଧା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ମୁହାଁ ହୋଇ ସେଠାରେ ସ୍ଥଳଭାଗ ଅତିକ୍ରମ କରିବ। ତେଣୁ ଶନିବାର ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଶନିବାର ନବରଙ୍ଗପୁର ଜିଲ୍ଲା ପାଇଁ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**୨ରେ ଆଉ ଏକ ଲଘୁଚାପ**

ଅନ୍ୟପଟେ ଶୁକ୍ରବାର ଦିନ ତମାମ ମହାନଦୀରେ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହୋଇଛି। ମହାନଦୀର ଉପରମୁଣ୍ଡରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଏହି ସ୍ଥିତି ସୃଷ୍ଟି ହୋଇଛି। ଯେହେତୁ ଉପରମୁଣ୍ଡରେ ଅଧିକ ବର୍ଷା ହୋଇଛି ଓ ମହାନଦୀକୁ ପାଣି ପଶୁଛି, ତେଣୁ ହୀରାକୁଦରେ ଏବେ ବି ୨୦ ଟି ଗେଟ୍ ଖୋଲାଯାଇ ୩ ଲକ୍ଷ ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ନିଷ୍କାସିତ କରାଯାଉଛି। ଏହି ପାଣି ▶ପୃଷ୍ଠା-୭

## ବର୍ଷା, ବନ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



### ୧୭ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨୬।୯ (ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ପ୍ରଭାବିତ ହେବାକୁ ଥିବା ୧୭ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବର୍ଷା ଓ ସମ୍ଭାବ୍ୟ ବନ୍ୟା ସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲଘୁଚାପ ପ୍ରଭାବରେ ୩ଟି ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାସହ ୧୪ ଜିଲ୍ଲା ଯଥା ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ▶ପୃଷ୍ଠା-୭

## ମୁଣ୍ଡଳୀରେ ପହଞ୍ଚିଲା ମହାନଦୀ ବନ୍ୟାଜଳ

■ତ୍ରିଶୂଳିଆ, ୨୬।୯ (ସମିସ): ହୀରାକୁଦରୁ ଗେଟ୍ ଖୋଲିବା ପରେ ଶୁକ୍ରବାର ଦିନ ମୁଣ୍ଡଳୀରେ ମହାନଦୀର ବନ୍ୟାଜଳ ପହଞ୍ଚିଛି। ଆଜି ସକାଳ ୬ଟା ସୁଦ୍ଧା ମୁଣ୍ଡଳୀ ଦେଇ ୫ଲକ୍ଷ ୧୨ ହଜାର ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ପୂର୍ବାହ୍ନ ୧୧ଟା ବେଳକୁ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଦିନ ୧ଟା ବେଳକୁ ୫ଲକ୍ଷ ୭୮ ହଜାର ୧୮୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ମୁଣ୍ଡଳୀର ଉପର ମୁଣ୍ଡରେ ୮୮.୭୦ ଫୁଟ୍ ଏବଂ ତଳ ମୁଣ୍ଡରେ ୮୬.୬୦ ଫୁଟ ଜଳସ୍ତର ରହିଛି। ଧୀରେଧୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳ କାଠଯୋଡ଼ି, କୁଆଖାଇ, ଦୟା ଆଦି ଅନେକ ନଦୀକୂଳିଆ ଅଞ୍ଚଳରେ ▶ପୃଷ୍ଠା-୭

### ପୁଣି ଭାରତକୁ ଟ୍ରମ୍ପ ଝଟ୍‌କା

# ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଟାରିଫ୍

**କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦%, ଭାରୀ ଟ୍ରକ୍ ଉପରେ ୩୦%**

**ଅକ୍ଟୋବର ପହିଲାରୁ ଲାଗୁ**



■ ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରକୁ ଆଉ ଏକ ଶୁଳ୍କ ବୋମା ଛାଡିଛନ୍ତି। ଏଥର ଔଷଧ, ଫର୍ଣ୍ଣିଚର ଏବଂ ରୋଷେଇ କ୍ୟାବିନେଟ୍ ଉତ୍ପାଦ ଉପରେ ଭାରୀ ଟାରିଫ୍ ଘୋଷଣା କରିଛନ୍ତି। ଫର୍ଣ୍ଣିଚର, ଔଷଧ ସାମଗ୍ରୀ, ରୋଷେଇ କ୍ୟାବିନେଟ୍ ଏବଂ ବିଦେଶରୁ ଆମଦାନି ହେଉଥିବା ଭାରୀ ଟ୍ରକ୍ ଉପରେ ସେ ଏହି ଶୁଳ୍କ ଲଗାଇଛନ୍ତି। ଭାରତରୁ ଆସୁଥିବା ବ୍ରାଣ୍ଡେଡ୍ ଔଷଧ ସାମଗ୍ରୀ ଉପରେ ଶତ ପ୍ରତିଶତ ଟାରିଫ୍ ଲଗାଇଥିବା ▶ପୃଷ୍ଠା-୭

# ପ୍ରିୟାଂଶୁ ପାଲ୍ ଓସିଏସ୍ ଟପ୍ପର୍



### ୩୯୮ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୪୪ ଝିଅ

■ ଭୁବନେଶ୍ୱର/କଟକ, ୨୬।୯ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ୨୦୨୩ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ମୋଟ୍ ୩୯୮ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଚଳିତଥର ଝିଅଙ୍କ ତୁଳନାରେ ପୁଅମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୯ ଜଣ ପୁଅ ଥିବା ବେଳେ ଅନୁଗୋଳର ପ୍ରିୟାଂଶୁ ପାଲ ଟପର୍ ହୋଇଛନ୍ତି। ଶ୍ରେଷ୍ଠ ୧୦ରେ ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ଅନନ୍ୟା ମିଶ୍ର ▶ପୃଷ୍ଠା-୭







# ଚାଷୀଙ୍କ ସରୁନି ଦୁଃଖ | ମୁଣ୍ଡବିନ୍ଧା ବଢ଼ାଇଲେଣି କାଣ୍ଡବିନ୍ଧା ପୋକ

**ବିପଦରେ ହଜାର ହଜାର ହେକ୍ଟର ଧାନ ଚାଷ**

**ପୋକଙ୍କୁ ବଳ ଯୋଗାଉଛି ଲଘୁଚାପ ବର୍ଷା ପାଗ**



ଭୁବନେଶ୍ୱର,୨୬।୯(ସମିସ): ଚଳିତ ବର୍ଷ ଖରିଫ୍ ଚାଷ ଆରମ୍ଭରୁ ଚାଷୀ ବିଭିନ୍ନ ଅସୁବିଧା ଦେଇ ଗତି କରୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ସମସ୍ୟା ଭୋଗିଲେ। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ଧାନ ଗଛରେ ପତ୍ରପୋଡ଼ା, ପତ୍ରମରା ଓ କାଣ୍ଡବିନ୍ଧା ରୋଗ ଚାଷୀଙ୍କ ମୁଣ୍ଡବିନ୍ଧା ବଢ଼ାଇ ଦେଇଛି। ଧାନ ଫସଲରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଚଳିତ ବର୍ଷ ଚାଷୋପଯୋଗୀ ବର୍ଷା ଓ ଅନ୍ୟାନ୍ୟ କାରଣ ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରିଥିବାରୁ ଭଲ ଅମଳ ଆଶା କରାଯାଉଛି। ମାତ୍ର ସପ୍ତାହ ହେବ ଧାନ ଗଛରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଶହ ଶହ ହେକ୍ଟର ଚାଷ ଜମିରେ ଧାନ ଚାଷ ନଷ୍ଟ ହୋଇଯିବାକୁ ବସିଲାଣି। ଏହାର ନିରାକରଣ ଦିଗରେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନି। ଚାଷୀ ଧାନ ଗଛରେ ରୋଗପୋକ ଦମନ ପାଇଁ ବଜାରରୁ ଅତି ଚଢ଼ା ଦରରେ କୀଟନାଶକ ଔଷଧ କିଣି ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛି। ଏହାସତ୍ତ୍ୱେ ବି କୀଟ ବଂଶ ନାଶ ନ ହେବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଅନୁକୂଳ ପାଗ ସ୍ଥିତି ଯୋଗୁଁ ଚଳିତ ବର୍ଷ ଧାନ ଚାଷ ସୁରୁଖୁରୁରେ ଆରମ୍ଭ ହୋଇଥିଲା। ଏବେ ଧାନ ଗଛରେ ଭଲ ପିଲ ମାରିଥିଲେ ହେଁ କାଣ୍ଡବିନ୍ଧା ପୋକଙ୍କ ଯୋଗୁଁ ଗଛ ମରିଯାଉଛି। ରୋଗପୋକ ଦମନ ପାଇଁ କୀଟନାଶକ ଔଷଧ ସିଞ୍ଚନ କରୁଥିଲେ ମଧ୍ୟ ରୋଗ ପୋକ ଦମନ ହୋଇପାରୁ ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଉପକୂଳ ଓଡ଼ିଶାରେ ପ୍ରାୟ ଏକ ସପ୍ତାହ ଧରି କ୍ରମାଗତ ଲଗାଣ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗିରହିଛି। ଏଥିଯୋଗୁଁ ଧାନ ବିଲରେ ବିଭିନ୍ନ ରୋଗପୋକ ଦେଖାଦେଇଛି। ବେଉଷଣ ପରେ ବଢୁଥିବା ଧାନ ଗଛକୁ ଏବେ ପାଣି ସହିତ ଖରାର ଆବଶ୍ୟକତା ରହିଛି। ହେଲେ ନିୟମିତ ବର୍ଷା ଯୋଗୁଁ ଚାଷ ଜମିରେ ଏବେ ଜଳ ସଙ୍କଟ ନ ଥିଲେ ହେଁ ନରମ ପାଣିପାଗ ଧାନ ଗଛକୁ ରୋଗ ପୋକ କବଳିତ କରିଛି। ଧାନ ଗଛର କଅଁଳିଆ ପତ୍ର ଏବଂ କାଣ୍ଡରେ ଏବେ କାଣ୍ଡବିନ୍ଧା ପୋକ, ଗୁଣ୍ଡି ପୋକ ଏବଂ ପତ୍ର ଝାଉଁଳା ରୋଗ ଦେଖାଦେଇଛି। ଅନ୍ୟପଟରେ ଲଘୁଚାପଜନିତ ଡୁହାକୁ ଡୁହା ବର୍ଷା ଲାଗି ରହିଥିବା ଯୋଗୁଁ ଧାନ ଗଛରେ ବିଷ ସିଞ୍ଚନ କଲେ ମଧ୍ୟ ତାହା ବର୍ଷା ପାଣିରେ ଧୋଇଯାଉଛି। ଫଳରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବିଲରେ ବିଷ ଦେଲେ ମଧ୍ୟ ତାହା କାମ ଦେଉନି। ଏହିଭଳି ପାଗ ଆଉ କିଛିଦିନ ଲାଗି ରହିଲେ, ପରସ୍ଥିତି ଅସମ୍ଭାଳ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷି ବିଶେଷଜ୍ଞଙ୍କ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ପୂର୍ବଭଳି ଏବେ ଆଉ ଜମିରେ ଜୈବିକ ଖତ ଦିଆଯାଉନି। ବେଳକୁ ବେଳ ଜମିର ଉର୍ବରତା ହ୍ରାସ ପାଉଛି। ଏଣୁ ଏକାଧିକ କିସମର ସାର ଓ ରସାୟନର ଆବଶ୍ୟକତା ଦେଖାଦେଉଛି। କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏ ବାବଦରେ ବାରମ୍ବାର ସଚେତନ କରାଇବା ଜରୁରୀ ବୋଲି ସେ କହିଛନ୍ତି।

# ରାଜ୍ୟରେ 'ଏସ୍ଆଇଆର୍' ପାଇଁ ତତ୍ପରତା



**ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳଙ୍କ ସହ ସିଇଓଙ୍କ ଆଲୋଚନା**

**ବିଏଲ୍ଓଙ୍କୁ ପୂର୍ଣ୍ଣ ସହଯୋଗ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟରେ ବିଶେଷ ସଘନ ସଂଶୋଧନ (ଏସ୍ଆଇଆର୍), ୨୦୨୬କୁ ନେଇ ତତ୍ପରତା ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରଏସ ଗୋପାଳନଙ୍କ ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ସହିତ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ବର୍ତ୍ତମାନର ସ୍ଥିତି ଏବଂ ବିଶେଷ ସଘନ ସଂଶୋଧନର ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ସମସ୍ତ ସ୍ତରରେ ନିର୍ବାଚନ ଆୟୋଗ ଦ୍ୱାରା ନିୟମିତ ଭାବରେ ଦିଆଯାଉଥିବା ନିର୍ଦ୍ଦେଶନାମାର ସମୟୋଚିତ ଅନୁପାଳନ ଏବଂ ଅନ୍ୟାନ୍ୟ ପ୍ରସ୍ତୁତିର କ୍ରିୟାଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ନିର୍ବାଚନ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ ହେବାକୁ କହିଛନ୍ତି। ଏହାସହିତ ଏହି ସଂଶୋଧନ ପ୍ରକ୍ରିୟା ଚାଲୁଥିବା ଓ ଅନ୍ୟାନ୍ୟ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟତଃ ୨୦୦୨ ଏବଂ ୨୦୨୫ ନିର୍ବାଚନ ତାଲିକା ମଧ୍ୟରେ ତୁଳନାତ୍ମକ ସ୍ଥିତି ଏବଂ ସାରାଂଶ ରିପୋର୍ଟ ଦାଖଲ କରାଯିବା ଉପରେ ଆଲୋଚନା ହୋଇଥିବା ବେଳେ ଏସ୍ଆଇଆର୍ ସୂଚୀ ଘୋଷଣା ପରେ ତୁରନ୍ତ ପରିଗଣନା ଫର୍ମ ମୁଦ୍ରଣ ଏବଂ ସେଗୁଡ଼ିକର ବୁଥ୍ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି।

ଏହାସହିତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟକଳାପ ସହ ଜଡ଼ିତ ଖାଲି ପଦବୀ ପୂରଣ କରିବା ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କିତ ଆବଶ୍ୟକୀୟ ସାମଗ୍ରୀର ପରିବହନ ଏବଂ ମାନବସମ୍ବଳ ସହାୟତାରେ ସ୍ଥିରୀକୃତ ସ୍ଥାନରେ ପରିଗଣନା ଫର୍ମ ଅପ୍‌ଲୋଡ୍ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ ଉପରେ ମଧ୍ୟ ଆଲୋଚନା ହୋଇଛି।

## ଅକ୍ଟୋବର ୧୩ରେ ଦିଲ୍ଲୀ ମହାନଦୀ ସଂସଦ

# ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ

**ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା**

**ଆଡ୍‌ଭୋକେଟ ଜେନେରାଲଙ୍କ ମନ୍ତବ୍ୟକୁ ନାପସନ୍ଦ**

ଭୁବନେଶ୍ୱର,୨୬।୯(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ ରେ ମହାନଦୀ ସଂସଦ ବସିବ। ଏଥିରେ ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧି ମାନଙ୍କ ସହିତ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ ତଥା ନଦୀ ବେଶଷଜ୍ଞ ମାନେ ଯୋଗଦେବେ। ଏହାସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତା ମାନଙ୍କୁ ମଧ୍ୟ ଯୋଗ ଦେବାକୁ ନିବେଦନ କରାଯିବ ବୋଲି ଏକ ପ୍ରେସ ଇସ୍ତାହାରରେ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରିବା ସହିତ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏହାକୁ ସୀମାବଦ୍ଧ ନ କରି ଏହାର ବେଶିନ୍ ସହିତ ଜଡିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବିଶେଷଜ୍ଞ ମାନଙ୍କୁ ମଧ୍ୟ ଯୋଡ଼ିବାକୁ କୁହାଯାଇଛି। ତେଣୁ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋଷ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶ ଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଅନ୍ୟପଟେ ଓଡ଼ିଶା ଆଡଭୋକେଟ ଜେନେରାଲ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ "ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ' ବୋଲି କହିଛନ୍ତି। ଏହି ବକ୍ତବ୍ୟ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପ୍ରକ୍ରିୟାର ପରିପନ୍ଥୀ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ କହିଛି। ବିବାଦ ଯଦି ନାହିଁ, ଆପୋଷ ସମାଧାନର ଆବଶ୍ୟକତା କଣ ରହିଛି ବୋଲି ଏଠାରେ ପ୍ରଶ୍ନ କରାଯାଇଛି। 'ଜଳ ବିବାଦ ଟ୍ରିବୁନାଲ ହେଉଛି ଓକିଲ ପୋଷିବା ସଂସ୍ଥା' ବୋଲି ମଧ୍ୟ ଆଡଭୋକେଟ ଜେନେରାଲ କହିଛନ୍ତି। ଏକ ସାମ୍ବିଧାନିକ ପଦବୀରେ ରହି ଦେଶର ସମ୍ବିଧାନରେ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦର ସମାଧାନ ପାଇଁ ଏକ ଆଇନ ବ୍ୟବସ୍ଥାକୁ ଏଭଳି ତାଚ୍ଛଲ୍ୟ କରିବା କେତେ ଯୁକ୍ତି ଯୁକ୍ତ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପ୍ରଶ୍ନ ଉଠାଇଛି।

# ସରକାରୀ ଉଦ୍ୟୋଗ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

ଭୁବନେଶ୍ୱର, ୨୬।୯ (ସମିସ): ସରକାରୀ ଉଦ୍ୟୋଗ (ରାଜ୍ୟ ପିଏସ୍‌ୟୁ)ର କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଆଜି ଘୋଷଣା କରିଛନ୍ତି। ଏହାଦ୍ୱାରା ସରକାରୀ ଉଦ୍ୟୋଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି। ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଏହା ଲାଗୁ ହେବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ାରେ ଥାଇ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

## ୮ ମାସରେ ଏସ୍‌ସିବିରେ ଓପନହାର୍ଟ ସର୍ଜରୀ କରିଥିବା ୨୬ଜଣଙ୍କ ମୃତ୍ୟୁ

# ସମୀକ୍ଷା କରି ସ୍ଥିତି ସୁଧାର: ହାଇକୋର୍ଟ

କଟକ, ୨୬।୯(ସମିସ): ଗତ ୮ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ-ହାର୍ଟ ସର୍ଜରୀ କ୍ଷେତ୍ରରେ ୨୬ଜଣଙ୍କ ମୃତ୍ୟୁ ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରୁଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଏହି ପ୍ରସଙ୍ଗରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ ଅଧୀକ୍ଷକଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ମୃତ୍ୟୁ ସମ୍ପର୍କିତ କାରଣ ଦର୍ଶାଯାଇ ନଥିବାରୁ ଏହାକୁ ସମୀକ୍ଷା କରିବା ସହ ସ୍ଥିତି ସୁଧାରିବା ଉପରେ ହାଇକୋର୍ଟ ଗୁରତ୍ୱାରୋପ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତି ୩ ଜଣରେ ଜଣେ ରୋଗୀଙ୍କ ମୃତ୍ୟୁ ନେଇ ଅଦାଲତ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ମେଡିକାଲରେ ଥିବା ମୃତ୍ୟୁ ସମୀକ୍ଷା ବୋର୍ଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲେ ହେଁ ମୃତ୍ୟୁର କାରଣ କିଛି ଉଲ୍ଲେଖ କରାଯାଇନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ତଥ୍ୟ ରଖିବାକୁ କହିଛନ୍ତି ଖଣ୍ଡପୀଠ।

୨୦୨୩ ମସିହାରେ ଓପନ ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି, ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ରେ ମାତ୍ର ୮୫ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ ହାର୍ଟସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା। ତେବେ ଏସ୍‌ସିବିରୁ ଓପନହାର୍ଟ ସର୍ଜରୀ କରି ଡିସ୍‌ଚାର୍ଜ ହୋଇଯାଇଥିବା କେତେ ରୋଗୀଙ୍କ ମୃତ୍ୟୁ ହୋଇଛି, ସେ ସମ୍ପର୍କିତ ତଥ୍ୟ ଆଜି ଅଦାଲତରେ ଉପସ୍ଥାପନ କରାଯାଇଥିଲା।

# 'ସିଏଚ୍ଏସ୍ଇ ପରୀକ୍ଷା ପ୍ରସ୍ତୁତି ପୋର୍ଟାଲ' ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୯ (ସମିସ): +୨ ପିଲାଙ୍କୁ ପାଠ ପଢ଼ିବାରେ କୃତ୍ରିମ ବୁଦ୍ଧିମତା (ଏଆଇ) ସହଯୋଗ କରିବ। ନିଜର ପାଠପଢ଼ା ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ। ହୋମ୍‌ୱାର୍କ କରିବାରେ ମଧ୍ୟ ଏହା ସାହାଯ୍ୟ କରିବ। ବାର୍ଷିକ ପରୀକ୍ଷା ପାଇଁ ଏଆଇର ଅତ୍ୟାଧୁନିକ ଜ୍ଞାନକୌଶଳକୁ ଉପଯୋଗ କରିବେ ଛାତ୍ରଛାତ୍ରୀ। ମକ୍-ଟେଷ୍ଟ ଦେଇ ପରୀକ୍ଷା ପ୍ରସ୍ତୁତି କରିବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ 'ସିଏଚ୍ଏସ୍ଇ ପରୀକ୍ଷା ପ୍ରସ୍ତୁତି ପୋର୍ଟାଲ'କୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି। ଏହି ପୋର୍ଟାଲ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଏ.ଆଇ ଟୁଲ୍ ମାଧ୍ୟମରେ ଘରେ ବସି ଟେଷ୍ଟ ଦେବା ସହ ନିଜର ଦକ୍ଷତା ମାପି ପାରିବେ। ନିଜ ଇଚ୍ଛା ଅନୁସାରେ ମଡ୍ୟୁଲଗୁଡ଼ିକର ଅଭ୍ୟାସ କରି ଜେଇଇ, ନିଟ୍ ଓ କ୍ଲାଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରିପାରିବେ।

# ୨୭ରୁ ହାଇକୋର୍ଟର ଶାରଦୀୟ ପୂଜା ଅବକାଶ

କଟକ, ୨୬।୯(ସମିସ): ଆସନ୍ତା ୨୭ ତାରିଖଠାରୁ ଓଡ଼ିଶା ହାଇକୋର୍ଟର ଶାରଦୀୟ ଦୁର୍ଗାପୂଜା ଅବକାଶ ଆରମ୍ଭ ହେଉଛି। ଅକ୍ଟୋବର ୭ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଛୁଟି ରହିବ। ଜରୁରୀ ମାମଲା ଥିଲେ, ଏହା ଅବକାଶକାଳୀନ ଖଣ୍ଡପୀଠରେ ଶୁଣାଣି ହେବ। ଏହି ସମୟରେ ଆସନ୍ତା ସେପ୍ଟେମ୍ବର ୨୯ ତାରିଖ, ଅକ୍ଟୋବର ୧ ଓ ୬ ତାରିଖ ଦିନ ଅବକାଶକାଳୀନ ଖଣ୍ଡପୀଠ ଜରୁରୀ ମାମଲାର ଶୁଣାଣି କରିବେ। ସେପ୍ଟେମ୍ବର ୨୯ରେ ଜଷ୍ଟିସ ଭି. ନରସିଂହ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଦୁଇଜଣିଆ ଖଣ୍ଡପୀଠ ସହ ଏହି ଦୁଇ ବିଚାରପତିଙ୍କ ଜଣିକିଆ ପୀଠ ଓ ଜଷ୍ଟିସ ଚିତ୍ତରଂଜନ ଦାଶ ମାମଲାର ଶୁଣାଣି କରିବେ।

ସେହିଭଳି ଅକ୍ଟୋବର୧ରେ ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ସହ ଏମାନଙ୍କ ଜଣିକିଆ ପୀଠ, ଅକ୍ଟୋବର ୬ରେ ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କ ଦୁଇଜଣିଆ ଖଣ୍ଡପୀଠ ସହ ଜଣିକିଆ ପୀଠଙ୍କ ଅବକାଶକାଳୀନ ଅଦାଲତରେ ମାମଲା ଶୁଣାଣି କରାଯିବ। ଆସନ୍ତା ଅକ୍ଟୋବର ୮ ରେ ହାଇକୋର୍ଟ ଖୋଲିବ କିନ୍ତୁ ପୂଜା ଅବକାଶ ସମୟରେ ସେପ୍ଟେମ୍ବର ୨୯, ଅକ୍ଟୋବର ୧, ୪, ୬ ଓ ୭ ତାରିଖରେ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ରହିବ। କାର୍ଯ୍ୟଦିବସରେ ଦିନ ୧୧ଟାରୁ ୧୨ଟା ମଧ୍ୟରେ ଜରୁରୀ ଆବେଦନ ଦାଖଲ କରାଯାଇପାରିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

# ଆରମ୍ଭ ହେଲା 'ଆମ ସାଥୀ' | ହ୍ୱାଟସ୍ଆପ୍‌ରେ ମିଳିବ ୧୨୦ ପ୍ରକାର ସେବା



ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟରେ ଆରମ୍ଭ ହୋଇଛି "ଆମ ସାଥୀ' ନାମକ ଏକୀକୃତ ହ୍ୱାଟ୍‌ସଆପ୍ ସେବା। ଏହି ହ୍ୱାଟ୍‌ସଆପ୍ ମାଧ୍ୟମରେ ରାଜ୍ୟବାସୀ ୧୨୦ ପ୍ରକାର ନାଗରିକ ସେବା ପାଇପାରିବେ। ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଶୁକ୍ରବାର ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କମ୍ପାନୀ 'ମେଟା' ସହିତ ସହଭାଗିତାରେ ଓଡ଼ିଶା ସରକାର ଏହି ବ୍ୟବସ୍ଥା ଆରମ୍ଭ କରିଥିବା ବେଳେ ଏଭଳି ସେବା ପ୍ରଦାନ କରିବାରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ ହୋଇଛି।

ଏହି ଅବସରରେ ରାଜ୍ୟ ସରରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହା ମାଧ୍ୟମରେ ନାଗରିକମାନେ ଜନ୍ମ ଏବଂ ଆୟ ପ୍ରମାଣପତ୍ର ପାଇବା, ଡ୍ରାଇଭିଙ୍ଗ ଏବଂ ସାର ଲାଇସେନ୍ସ ପାଇଁ ଆବେଦନ ସହିତ "ଜାତୀୟ ପରିବାର କଲ୍ୟାଣ ଯୋଜନା' ପରି ସୁବିଧା , ସବୁକିଛି ଏକୀକୃତ ହ୍ୱାଟ୍‌ସ୍ଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ଏହା ସହିତ ଆଜି ଓଡ଼ିଶା ଲୋକ ସେବା ଅଧିକାର ଅଧିନିୟମର କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ୨.୦(ସିଏମଏସ)କୁ ମଧ୍ୟ ଆରମ୍ଭ କରାଯାଇଛି। "ଆମସାଥୀ' ସହାୟକ ହ୍ୱାଟସ୍ଆପ୍ ଚାଟ୍‌ବଟ୍ ନମ୍ବର ୯୪୩୭୨୯୨୦୦୦ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ ହେବ। କଣ୍ଠସ୍ୱର (ଭଏସ୍) ମାଧ୍ୟମରେ ମଧ୍ୟ ଏଥିରେ ସେବା ପ୍ରଦାନ କରାଯାଇପାରିବ। ଏହା ମାଧ୍ୟମରେ ଲୋକମାନେ ସୁବିଧାରେ ଅଭିଯୋଗ ଦାଖଲ କରିବା ସହିତ ତାହାର ସ୍ଥିତି ଅନୁସରଣ କରିପାରିବେ। ଏହି ବ୍ୟବସ୍ଥା ମାଧ୍ୟମରେ ମଧ୍ୟ ଓଡ଼ିଶାର ନାଗରିକମାନେ ପୁଲିସ୍ ସହିତ ସଂଯୁକ୍ତ ସେବା, ଜମିର ରେକର୍ଡ ଏବଂ ରାଜସ୍ୱ ସମ୍ବନ୍ଧୀୟ ସୂଚନା ଯାଞ୍ଚ କରିବା ସହିତ ଆବଶ୍ୟକ ସହାୟତା ସୁବିଧାରେ ଉପଲବ୍ଧ କରିପାରିବେ। ପ୍ରୋତ୍ସାହନ ଯୋଜନାଗୁଡ଼ିକ ଯଥା ଜାତୀୟ ପରିବାର ଲାଭ ଯୋଜନା, ଆନ୍ତଃ-ଜାତି ବିବାହ ସହାୟତା ଇତ୍ୟାଦି ସହାୟତା ସହଜରେ ଉପଲବ୍ଧ ହେବ। ଆଗାମୀ କିଛି ମାସରେ ଏହି ସହାୟତା ୫୦୦ରୁ ଅଧିକ ସେବା ପ୍ରଦାନ ପାଇଁ ଯୋଡ଼ାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ କହିଛନ୍ତି ଯେ ଓଡ଼ିଶା ସରକାର ସାର୍ବଜନୀନ ସେବାକୁ ସହଜ, ସୁନିଶ୍ଚିତ ଭାବେ ପ୍ରଦାନ କରିବାକୁ ପ୍ରତିବଦ୍ଧ। ସୁବିଧାରେ ସେବା ପାଇପାରୁ ନ ଥିବା ପ୍ରତ୍ୟେକ ନାଗରିକକୁ ଏହି ବ୍ୟବସ୍ଥା ସହଜରେ ସେବା ପାଇବାର ଅନୁଭୂତି ଆଣି ଦେବ। ମେଟା ସହ ସହଭାଗିତାରେ "ଆମସାଥୀ'ର ଶୁଭାରମ୍ଭ, ଓଡ଼ିଶା ଶାସନର ପ୍ରକୃତ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରିବାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ 'ମେଟା'ର ଭାରତ ପରିଚାଳନା ନିର୍ଦ୍ଦେଶକ ତଥା ଦେଶ ମୁଖ୍ୟ ଅରୁଣ ଶ୍ରୀନିବାସ କହିଲେ ଯେ ମେଟା ସହ ଓଡ଼ିଶା ସରକାରଙ୍କ "ଆମ ସାଥୀ' ଶୁଭାରମ୍ଭରେ ସହଭାଗିତା ହେବା ପାଇଁ ଆମେ ଗର୍ବିତ। ଏହି ବ୍ୟବସ୍ଥା ହ୍ୱାଟ୍‌ସଆପ୍ ଶକ୍ତିକୁ ଉପଯୋଗ କରି ନାଗରିକମାନଙ୍କ ପାଇଁ ସାର୍ବଜନୀନ ସେବାଗୁଡ଼ିକୁ ସହଜ ଓ ସୁଲଭ କରିବ।





ଶ୍ରଦ୍ଧାଞ୍ଜଳି ଜାତୀୟ ଚୟନକର୍ତ୍ତା
▶ପୃଷ୍ଠା ୧୨

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-94 ◆SATURDAY ◆27 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୪ ◆ଶନିବାର ◆୨୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



Congratulations

## OCS 2023 SELECTIONS

VANIK-IAS



Under the Guidance of
Subrat Chhatoi
Founder (Vanik Group)



RANK 3 SOVAN PATTANAIK



RANK 8 MOHAMMAD NAZIF HATIF

2 IN TOP 10

TOTAL SELECTION TILL NOW 159 OUT OF 398

40% Selections

12 SWARUPINI PATNAIK; 14 SNEHA DAS MOHAPATRA; 15 ASHUTOSH SATPATHY; 16 DEEPSITA BEHERA; 18 ASEEMA ANWESHA; 25 AKASH NAYAK; 27 PRASANNAJIT PANDA; 30 GOUTAM PRADHAN; 31 MRUTYUNJAYA ROUL; 32 SOUMYA STHITA PRAGYAN; 33 MANISHA NAYAK; 34 SHASWATEE PATTANAIK; 35 SOURAV MITTAL

37 SAI RAMAN PATRA; 39 SONALI TRIPATHY; 40 BUBUN SAHOO; 41 JYOTIPRAKASH SAMAL; 42 PUSPITA TRIPATHY; 44 SRIKUMAR PRADHAN; 45 NIPUN KUMAR PUROHIT; 47 BHAGYASHREE SWAIN; 48 MOHIT MOHAPATRA; 49 JYOTIRMAYEE SWAIN; 51 MIHIKA DAS; 53 SIDHANT MISHRA; 55 AHALYA ROUTARAY; 61 SUBHASHREE JENA; 68 TARINI PRASAD DASH; 71 MOHIT BISWAL; 72 MONALISHA ROUT

74 LIPIKANT SAHOO; 82 DEBABRAT SAHU; 85 ROJALIN JENA; 86 ANSHUMAN SAHU; 87 T. NARASINGHA PATRO; 88 KHARAVEL PRADHAN; 90 PRIYANKA NAYAK; 93 MONALISA SAHU; 97 KUMAR SATYAJEET; 99 TARINI PRASAD GOCHHAYAT; 100 B. AVINASH; 104 AKSHYA KU. PATEL; 109 PRATYUSH KU. MOHAPATRA; 113 RAJESH KU. MOHAPATRA; 116 ASHIS KU. SAHU; 118 BAISAKHI DASH; 121 ANWESH MISHRA

122 MANAS PARIDA; 124 ARCHANA SARANGI; 125 SWASTIRANJAN SAHOO; 131 PRAGATI SATPATHY; 139 SATYAJIT RAIGURU; 141 BISWAJIT BEHERA; 146 SUDHIRANJAN D. DASH; 147 PUSPANJALI SAHOO; 151 SHASHANKA S. SAMAL; 152 SAHIL KUMAR PATRA; 153 ABHIJIT J. PRADHAN; 154 SOUMYA R. SAHOO; 155 AKASH U. ACHARYA; 156 SAMYAK S. MOHAPATRA; 157 POOJA SAMAL; 158 NIRAKAR SAHU; 161 CHINMAY K. PANDA

166 SAAJAN KU. SAHA; 167 BISWAJIT RANA; 170 MITALI PATTANAIK; 173 ASHUTOSH SAHU; 174 ARICHISA NAYAK; 175 SONALI SAHOO; 180 BYOMAKESH SATAPATHY; 181 JAGABANDHU MEHER; 192 SARMISTHA PRIYADARSHINI; 195 KALU RAUTA; 197 ABHIGNA KHUNTIA; 202 AISHWARYA PANDA; 204 ASHUTOSH SAHOO; 207 MURALIDHAR PAKAL; 209 RAJENDRA KU. OJHA; 212 NIKHIL AGRAWAL; 220 SARTHAK KU. MAHAPATRA

222 RAKHI BISWAL; 230 SONALI Y. DALAI; 233 RUPAK KUMAR SAHU; 235 SASWAT SOUMYAKANT; 242 BHABANI S. BEJ; 243 JAGANNATH SHA; 244 SATAROOPA SAHU; 245 SHUBHADARSHAN BISWAL; 248 ROJALIN MAJHI; 252 JATIN KUMAR BADI; 254 HEMRAJ KUMBHAR; 259 SOUMYA R. SETHI; 261 KALYANI GARDIA; 266 CHANDAN DAS; 268 YAGNASENI SETHI; 275 ALIBHA BEHERA; 282 BISHAL MAHANANDA

288 SUSHRI SANGITA; 298 PRITAM S. P. BEHERA; 299 SIPSARANI BEHERA; 303 ABINASH TRIPATHY; 306 BISWAJIT SINGH; 309 SOURABH BAG; 326 VISHAL DEV JANI; 329 MANASH KUMAR SOREN; 335 SMRUTI SIKHA BHOI; 342 SELINA P. NAIK; 346 BISHAL RANJAN BHOI; 352 PARBATI MARNDI; 370 RASHMI RANJAN PUJARI; 373 MANAS BHOI; 374 SATYANARAYAN BHOI; 382 NIKITA PATRO; 391 JITESH PANDA

## Admission Open for

## IAS/OAS

(GENERAL STUDIES) Time : 10.30am-1.30pm
Starts from 16th October 2025
EXPERT FACULTIES FROM NEW DELHI

### EXCLUSIVE OAS-2025 (Prelims & Mains)

New Batch Starts from 29th Sept' 2025
BERHAMPUR-Time : 7.00am-10.00am
CUTTACK-Time : 9.30am-1.45pm
BALASORE-Time : 9.30am-1.45pm
JEYPORE-Time : 5.00pm-8.00pm

ONLINE LIVE BATCH
Starts from 16th October 2025 | Time : 5.30pm-8.30pm

### OPTIONAL SUBJECTS

- Geography-Starts from 23rd October 2025
- Public Administration-Starts from 29th September 2025
- Political Science-Starts from 23rd October 2025
- Sociology-Starts from 23rd October 2025
- Home Science-Starts from 23rd October 2025
- Odia-Starts from 27th September 2025

### MENTORS OF VANIK-IAS

- Sunil Gupta – Gov. & Social Issues, Public Administration
- Mansiz Sharma – General Science & Technology
- Naman Jain – Indian Economics
- Jai Prakash Rou – Internal Security
- Pramod Padhi – Odisha Economy, Current Af fairs
- Abhaya Thakur – World & Indian History, International Relations
- Vinay Tripathi – Environment & Ecology
- B.M. Panda – Geography & Disaster Management
- Saroj Samal – Sociology, Social Issue, Ethics
- Shantanu Roy – History, Polity

DURGA PUJA OFFER
20% Discount on all Courses of VANIK-IAS
Offer Valid till 02nd Oct' 2025

Contact : 8093083555, 8984111101

www.vanikias.com | vaniksias@gmail.com | www.facebook.com/vanikias

**Bhubaneswar (CRP)**: Plot-1441, Opp. IOCL Petrol Pump, CRP Square, Bhubaneswar 8093083555, 8984111101

**Cuttack**: Near Yamaha Showroom, Link Road, Cuttack 8984556677, 9040656677

**Berhampur**: OSRTC Depo, Infornt of SBR Women's College, Near Khalikot College 7992556677, 8018036677

**Balasore**: Gadagadia Chowk Near Sanjay Heights-756001 8093136677, 8093146677

**Jeypore**: JCN Heights, Above Patra Electronics, Labour Office Chhak, Dhepaguda 7205556677





## ରୁପାରେ ସଜେଇ ହେବ ରୌପ୍ୟନଗରୀ

# ୩୭ ମେଢ଼ରେ ଲାଗିବ ଶହେ କୋଟିର ଚାନ୍ଦି



କଟକ, ୨୬।୯(ସମିସ): ଆଉ କିଛି ଦିନ ପରେ ମହାମାୟୀଙ୍କ ଅଗମନ ହେବ। ଦଶଭୂଜାଙ୍କ ଆଗମନ ପରେ ଏବେ ଚଳଚଞ୍ଚଳ ହୋଇ ଉଠିବ ତମାମ କଟକ। ରୁପାରେ ସଜେଇ ହୋଇଛି ରୌପ୍ୟନଗରୀ। ଏଥର ଚାନ୍ଦି ମେଢ଼ ତାଲିକାରେ ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା ସମିତି ଓ ମା ମଙ୍ଗଳା ପୂଜା କମିଟି ଗୋପାଳଜୀଉ ଲେନ, ମଠସାହି ଯୋଡି ହୋଇଛି। ଫଳରେ ଏହି ୨ଟି କମିଟିକୁ ମିଶାଇ ସହରରେ ଚାନ୍ଦି ମେଢ଼ ସଂଖ୍ୟା ୩୭ରେ ପହଞ୍ଚିଛି। ସମସ୍ତ ୩୭ଟି ମେଢ଼ରେ ଦେଖିବାକୁ ଗଲେ ୧୦୦କୁଇଣ୍ଟାଲରୁ ଅଧିକ ଓଜନର ଚାନ୍ଦି ବ୍ୟବହାର କରାଯାଇଛି। ସେହିପରି ସହରରେ ପ୍ରାୟ ବିଭିନ୍ନ ମେଢ଼ରେ ପ୍ରାୟ ୯୭କେଜିରୁ ଅଧିକ ଓଜନର ସୁନା ଅଳଙ୍କାର ବ୍ୟବହୃତ ହୋଇଛି। ସହରରେ ନିର୍ମିତ ମେଢ଼ ଗୁଡ଼ିକ ସୁନା-ଚାନ୍ଦି ଅଳଙ୍କାରରେ ଝଲସିବ। ଦଶହରାରେ ପୂଜା ମଣ୍ଡପ ଗୁଡ଼ିକରେ ସଜାଯାଇଥିବା ଚାନ୍ଦିର ମୂଲ୍ୟ ପ୍ରାୟ ୧୦୦କୋଟି ଟଙ୍କାରୁ ଅଧିକ ହେବ। ପୁଲିସ ପ୍ରଶାସନ ପକ୍ଷରୁ ଏହି ୩୭ଟି ଚାନ୍ଦି ମେଢ଼କୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୪ଜଣ ଲେଖାଁଏ ବନ୍ଧୁକଧାରୀ ପୁଲିସ ମୂଲ୍ୟବାନ ମେଢ଼କୁ ଦିନ ରାତି ଜଗିବାକୁ ନିଷ୍ପତ୍ତି ହୋଇଛି।

**ବିଭିନ୍ନ ମେଢ଼ରେ ଲାଗିଛି ୯୭ କେଜି ସୁନା**

**ଏଥର ପୁଣି ଯୋଡ଼ି ହେଲା ଦୁଇ ଚାନ୍ଦିମେଢ଼**

ପ୍ରକାଶ ଥାଉ କି, ମହାନଗରରେ ୧୭୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି। ୧୯୫୬ ମସିହାରେ ସହରରେ ପ୍ରଥମଥର ଚୌଧୁରୀବଜାରରେ ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ୧୯୯୧ ମସିହାରେ ସହରର ଦ୍ୱିତୀୟ ଚାନ୍ଦି ମେଢ଼ ଭାବେ ଶେଖ୍ ବଜାର ପୂଜା କମିଟି ଚାନ୍ଦିର ମେଢ଼ ନିର୍ମାଣ କରିଥିଲା। ଧୀରେ ଧୀରେ ଚାନ୍ଦି ମେଢ଼ର ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଲା। ଶିଖରପୁର-ଗଣ୍ଡରପୁର ପୂଜା କମିଟି, ଚାଉଳିଆଗଞ୍ଜ ପୂଜା କମିଟି, ବାଖରାବାଦ, ଛତ୍ରବଜାର, ରାଣୀହାଟ, ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି, କାଜୀ ବଜାର, ଫିରିଙ୍ଗି ବଜାର, ନୟାସଡ଼କ, ଅଲିଶା ବଜାର, ବାଲୁବଜାର-ବିନୋଦବିହାରୀ, କାଠଗଡ଼ା ସାହି, ଗଣେଶ ଘାଟ, ଶଙ୍କରପୁର-ବାଦାମବାଡ଼ି, ଦରଘାବଜାର, ଗଙ୍ଗାମନ୍ଦିର, ମାଛୁଆ ବଜାର, ମଙ୍ଗଳାବାଗ, ପିଠାପୁର କାଳୀୟଦଳନ, ହରିପୁର-ଦୋଳମୁଣ୍ଡାଇ, ଚାନ୍ଦିନୀଚୌକ, ବୁଢ଼ୀ ଠାକୁରାଣୀ କାଳିଗଳି, ବିଡ଼ାନାସୀ, ତୁଳସୀପୁର ମହାଦେବ ଏବଂ ଖଟବିନ୍ ସାହିରେ ଚାନ୍ଦି ମେଢ଼ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ କଲେଜ ଛକରେ ୩ କୁଇଣ୍ଟାଲ୍ ଓଜନର ଚାନ୍ଦି, ଶେଖ ବଜାରରେ ୩ କୁଇଣ୍ଟାଲ ୧୦ କେଜି, ରାଣୀହାଟରେ ୫ କୁଇଣ୍ଟାଲ୍, ଦରଘା ବଜାରରେ ୨କୁଇଣ୍ଟାଲ ୫୦କେଜି, କାଜିବଜାରରେ ୧କୁଇଣ୍ଟାଲ୍ ୬୦କେଜି, ଚାନ୍ଦିନୀଚୌକରେ ୪ କୁଇଣ୍ଟାଲ୍, ଫିରିଙ୍ଗିବଜାରରେ ୨କୁଇଣ୍ଟାଲ୍, ଚୌଧୁରୀ ବଜାରରେ ୨କୁଇଣ୍ଟାଲ୍ ୫୦କେଜି, ଅଲିଶା ବଜାରରେ ୩ କୁଇଣ୍ଟାଲ୍, ଚାଉଳିଆଗଞ୍ଜରେ ୪କୁଇଣ୍ଟାଲ୍ ୫୦କେଜି, ବାଲୁବଜାରର ୩ କୁଇଣ୍ଟାଲ୍ ୫୪କେଜି, ହରିପୁର-ଦୋଳମୁଣ୍ଡାଇର ସାଢ଼େ ୩ କୁଇଣ୍ଟାଲ୍, କାଠଗଡ଼ା ସାହିର ୩ କୁଇଣ୍ଟାଲ୍ ୭୦କେଜି, ମାଛୁଆବଜାରର ୩ କୁଇଣ୍ଟାଲ୍, ଶିଖରପୁର-ଗଣ୍ଡରପୁରର ୨ କୁଇଣ୍ଟାଲ୍ ୨୦କେଜି, ଗଣେଶ ଘାଟର ୧କୁଇଣ୍ଟାଲ୍ ୨୦କେଜି, ଖାନନଗର ୩ କୁଇଣ୍ଟାଲ୍, ଖଟବିନ୍ ସାହିର ୧କୁଇଣ୍ଟାଲ୍ ୫୦କେଜି, ପିଠାପୁରର ୨ କୁଇଣ୍ଟାଲ୍ ୩୦କେଜି, ବୁଢ଼ୀ ଠାକୁରାଣୀର ୨ କୁଇଣ୍ଟାଲ, ତୁଳସୀପୁରର ୨କୁଇଣ୍ଟାଲ୍, ଛତ୍ରବଜାରର ୨ କୁଇଣ୍ଟାଲ୍ ୫୦କେଜି ଏବଂ ଗଙ୍ଗାମନ୍ଦିରର ୧କୁଇଣ୍ଟାଲ୍ ୫୨କେଜି ଚାନ୍ଦିରେ ମେଢ଼ ନିର୍ମାଣ କରାଯାଇଛି।



ସେହିପରି ମେଢ଼ରେ ସୁନାର ବ୍ୟବହାର ମଧ କଟକର ପୂଜାକୁ ଅଧିକ ଆକର୍ଷଣୀୟ କରିଛି। ଚୌଧୁରୀବଜାର ମେଢ଼ରେ ୯ଟି ସୁନା କଳିକା ଲାଗିଛି। ପ୍ରତି କଳିକାର ଓଜନ ୧କିଲୋରୁ ଅଧିକ ହେବ। ଶେଖବଜାର ମେଢ଼ରେ ୫କିଲୋରୁ ଅଧିକ ସୁନା କାରୁକାର୍ଯ୍ୟ ହୋଇଛି। କାଠଗଡ଼ା ସାହି, ମଙ୍ଗଳାବାଗ, ଚାଉଳିଆଗଞ୍ଜ, ରାଣୀହାଟ, ଖାନନଗର, ହରିପୁର-ଦୋଳମୁଣ୍ଡାଇ ଏବଂ କଲେଜଛକ ଭଳି ପୂଜା ମଣ୍ଡପରେ ସୁନାର ମୁକୁଟ ଲାଗିଛି। ଏହି ୭ଟି ମଣ୍ଡପରେ ହାରାହାରି ୫ କିଲୋ ଲେଖାଁଏ ସୁନା ବ୍ୟବହାର କରାଯାଇଛି। ପ୍ରାୟ ୯୭ କିଲୋରୁ ଅଧିକ ସୁନାର ବ୍ୟବହାର ହୋଇଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏଭଳି ସୁନା ଚାନ୍ଦିର ପରମ୍ପରା ସମଗ୍ର ଦେଶରେ କେଉଁଠି ନ ଥିବା ବେଳେ କଟକରେ ଏହି ପରମ୍ପରା ପ୍ରଚଳିତ ହୋଇଆସୁଛି।



କଟକ ସହରରେ ହେଉଥିବା ଚାନ୍ଦିମେଢ଼ ସାରା ଭାରତରେ ଆମକୁ ପରିଚୟ ଦେଇଛି। ଏହି ନିଖୁଣ କାରୁକାର୍ଯ୍ୟ ସମ୍ପନ୍ନ କଳା ଆମର କୌଳିକ ବୃତ୍ତି। ପୂଜା ମଣ୍ଡପ କର୍ମକର୍ତ୍ତାଙ୍କ ମନପସନ୍ଦ ଡିଜାଇନ ମୁତାବକ ଆମେ ଚାନ୍ଦିମେଢ଼ ନିର୍ମାଣ କରିଥାଉ। ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମୁଁ ଏହି ଚାନ୍ଦିମେଢ଼ ନିର୍ମାଣ କାର୍ଯ୍ୟ କରିଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଚାନ୍ଦିମେଢ଼ ନିର୍ମାଣ କରି ମୁଁ ଗଭୀର ଆତ୍ମସନ୍ତୋଷ ପାଇଛି।

**- ପ୍ରଦୀପ ପୃଷ୍ଟି, ତାରକସୀ କାରିଗର**



ବାଦାମବାଡ଼ି, ଶିଖରପୁର, ନୟାସଡ଼କ, ଗଣେଶଘାଟ, ନିମଚୌଡି, ଗଙ୍ଗାମନ୍ଦିର, ତୁଳସୀପୁର, ରାମଗଡ଼ ପୂଜା ମଣ୍ଡପରେ ଶୋଭା ପାଉଥିବା ଚାନ୍ଦିମେଢ଼କୁ ମୁଁ ଓ ମୋର ସହଯୋଗୀମାନେ ନିର୍ମାଣ କରିଛୁ। ଚାନ୍ଦିମେଢ଼ ନିର୍ମାଣ କରିବା ପାଇଁ ପ୍ରାୟ ଏକ ବର୍ଷ ଲାଗିଥାଏ। ମେଢ଼ ନିର୍ମାଣ ସରିବା ପରେ ପୂଜା କମିଟି କର୍ମକର୍ତ୍ତାଙ୍କ ପ୍ରଶଂସାରେ ଆନନ୍ଦ ମିଳିଥାଏ।

**- ନିରାକାର ଦାସ, ତାରକସୀ କାରିଗର**

### ମା'ଙ୍କ ବେଶ



କଟକ ଚଣ୍ଡୀଙ୍କ ଷୋଡ଼ଶୀ ବେଶ

## ବଡ଼ ତୋରଣକୁ ଲଘୁଚାପ ବର୍ଷା ବିପଦ

କଟକ, ୨୬।୯(ସମିସ): କଟକର ପ୍ରସିଦ୍ଧ ଦୁର୍ଗାପୂଜା ଆଉ ମାତ୍ର ଦୁଇ ଦିନ ରହିଲା। ହେଲେ ଆଜିଠାରୁ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଚୂଡାନ୍ତ ପ୍ରସ୍ତୁତିରେ ବାଧକ ସାଜିଛି। ଲଗାଣ ବର୍ଷା ଦୁର୍ଗାପୂଜା ଅବସରରେ ହେଉଥିବା ବଡ ତୋରଣ ପାଇଁ ବିପଦ ହୋଇ ଉଭା ହୋଇଛି। ଏପରିକି ବିଗତ ବର୍ଷରେ ଖାନନଗର ଠାରେ ତୋରଣ ଭୁଶୁଡିଥିବାର ନଜିର ରହିଛି। ବଡ ବଡ ତୋରଣ ଗୁଡିକର ନିରାପତ୍ତା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ପୂର୍ତ୍ତ ବିଭାଗର ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏହି ବଡ ତୋରଣ ଗୁଡିକର ଉପଯୁକ୍ତ ଯାଞ୍ଚ କରିବା ପାଇଁ ହାଇକୋର୍ଟ କହିଛନ୍ତି। ସୂଚନାନୁସାରେ ବିଭିନ୍ନ ଲାଇନ ବିଭାଗର ୬ ଅଧିକାରୀ/କର୍ମଚାରୀଙ୍କୁ ନେଇ ବଡ ତୋରଣ ଯାଞ୍ଚ କରିବା ପାଇଁ ଦୁଇଟି ଦଳ ଗଠନ କରାଯାଇଛି। କଟକ ସହରର ବିଭିନ୍ନ ପୂଜାମଣ୍ଡପରେ ହେଉଥିବା ବଡ ତୋରଣ କାମ ବର୍ଷା ପାଇଁ ଅଗ୍ରଗତି କରିପାରିନାହିଁ। ତେବେ ଏଗୁଡିକର ନିରାପତ୍ତା ସଂକ୍ରାନ୍ତରେ ଆବଶ୍ୟକ ପରାମର୍ଶ ଦିଆଯାଇଛି।

### ଆସ ବୁଲିଯିବା ପୂଜାମଣ୍ଡପ

ରଣସିଂହପୁର



## କାଳ୍ପନିକ ତୋରଣରେ ବିରାଜିବେ ମା'

ଭୁବନେଶ୍ୱର, ୨୬।୯(ସମିସ): ରାତି ପାହିଲେ ଧରାପୃଷ୍ଠରେ ଅବତରଣ କରିବେ ମହିଷାମର୍ଦ୍ଦିନୀ ମା' ଦୁର୍ଗା। ତୋରଣ ପ୍ରସ୍ତୁତି ପ୍ରତିଯୋଗିତା ଠାରୁ ଦୂରରେ ରହି ୮ଟି ଗାଁର ମିଳିତ ସହଯୋଗରେ ପୂଜା କରୁଥିବା ରଣସିଂହପୁର ଗ୍ରାମପଞ୍ଚାୟତ ପୂଜା କମିଟି ଏଥର ମଧ ପାରମ୍ପରିକ ଭାବେ ପୂଜା ପାଳନ କରୁଛନ୍ତି। ୪ବର୍ଷରେ ପଦାର୍ପଣ କରୁଥିବା ଏହି ପୂଜା କମିଟିରେ ଚଳିତ ବର୍ଷ କାଳ୍ପନିକ ତୋରଣ ନିର୍ମାଣ କରାଯାଇଥିବା ବେଳେ ଏହାର ଉଚ୍ଚତା ୫୫ଫୁଟ ଓ ଚଉଡ଼ା ୫୪ ଫୁଟ ରହିଛି। ସେହିପରି ମା'ଙ୍କ ମୂର୍ତ୍ତିର ଉଚ୍ଚତା ରହିଛି ୧୬ଫୁଟ। ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଉଚ୍ଚତା ୫୫ଫୁଟ ଓ ଓସାର ରହିଛି ୫୪ ଫୁଟ। ମା'ଙ୍କ ଉଚ୍ଚତା ୧୬ ଫୁଟ ରହିଥିବା ବେଳେ। ଚଳିତ ବର୍ଷ ପୂଜା ବଜେଟ୍ ୧୨ଲକ୍ଷ ଟଙ୍କା ରହିଥିବା କମିଟି ପକ୍ଷରୁ କୁହାଯାଇଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଷ୍ଟମୀରେ ଯଜ୍ଞ ଓ ଭଜନ ପରିବେଷଣ ସହ ନବମୀରେ ଛୋଟ ପିଲାଙ୍କର ନୃତ୍ୟ କାର୍ଯ୍ୟକ୍ରମ, ଦଶମୀରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରାଯିବା ଯାଏ ଅନୁଷ୍ଠାନ ପକ୍ଷରୁ ୧୫୦ ସ୍ୱେଚ୍ଛାସେବୀ ଉପସ୍ଥିତ ରହିବେ ସହଯୋଗ କରିବେ। ଏଥର କମିସନରେଟ୍ ପୁଲିସ ଡିଜେ ପରିବେଷଣ ପାଇଁ କଟକଣା ଲଗାଇଥିବାରୁ ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ଭସାଣି ଅନୁଷ୍ଠିତ ହେବ। ପାରମ୍ପରିକ ବାଦ୍ୟରେ ନୂଆପଲ୍ଲୀ ଭସାଣି ଉତ୍ସବରେ ସାମିଲ ହୋଇ ମା'ଙ୍କୁ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ବିକ୍ରମ କେଶରୀ ଛୋଟରାୟ, ଭୋଳାନାଥ ଜେନା ପ୍ରମୁଖ ସଦସ୍ୟମାନେ କହିଛନ୍ତି।

## ପୂଜା ମଣ୍ଡପରେ 'ମିନି ଭୁବନେଶ୍ୱର'



ଭୁବନେଶ୍ୱର, ୨୬।୯(ସମିସ): ପ୍ରତିବର୍ଷ ଦୁର୍ଗାପୂଜା ମଣ୍ଡପକୁ ଆର୍ଟ ଡିଜାଇନ୍‌ରେ ଆକର୍ଷଣୀୟ ରୂପ ଦେଇ ଚର୍ଚ୍ଚାରେ ରହିଥାଏ ଷ୍ଟେସନ୍ ବଜାର ପୂଜା କମିଟି। ଚଳିତବର୍ଷ ମଧ ଭିନ୍ନ ତୋରଣ ନିର୍ମାଣ କରି ପୂର୍ଜ ପୂର୍ବରୁ ପ୍ରଶଂସା ସାଉଁଟିଛି ଏହି ପୂଜା କମିଟି। ତନ୍ତ୍ର ସାଧନା ଭଳି ଅନ୍ଧବିଶ୍ୱାସକୁ ନେଇ ନିର୍ମିତ ତୋରଣ ସାଙ୍ଗକୁ ସାଙ୍ଗକୁ ମଣ୍ଡପ ପରିସରରେ ନିର୍ମାଣ ହୋଇଛି ମିନି ଭୁବନେଶ୍ୱର। ଯାହାକି ଚଳିତ ବର୍ଷର ବେଶ୍ ଆକର୍ଷଣ ପାଲଟିଛି। ପୂଜା ମଣ୍ଡପକୁ ପ୍ରବେଶ ପଥର ଉପରେ ନିର୍ମାଣ ହୋଇଛି ଭୁବନେଶ୍ୱର ସହର। ଆକାଶ ମାର୍ଗରୁ ଭୁବନେଶ୍ୱରକୁ ଦେଖିଲେ ଯେଉଁଭଳି ଅନୁଭବ ହୋଇଥାଏ ଠିକ୍ ଅନୁରୂପ ଅନୁଭବ ଦେବ ଏହି ଭୁବନେଶ୍ୱରର ମିନିଏଚର। ଧଉଳି ଶାନ୍ତିସ୍ତୂପ ଠାରୁ ଆରମ୍ଭ କରି ଲିଙ୍ଗରାଜ ମନ୍ଦିର, ବିନ୍ଦୁସାଗର, ରାମନ୍ଦିର, ସମେତ ବଡ଼ବଡ଼ ଅଟ୍ଟାଳିକା, ରେଳ ଷ୍ଟେସନ୍, ବିମାନବନ୍ଦର ସାଙ୍ଗକୁ ଭୁବନେଶ୍ୱରର ଗଳିକନ୍ଦିରେ ରହିଥିବା ପ୍ରସିଦ୍ଧ ଓ ଦର୍ଶନୀୟ ସ୍ଥାନ ରହିଛି। ଫାଇବରରେ ନିର୍ମିତ ହୋଇଥିବା ଏହି କାରୁକାର୍ଯ୍ୟକୁ ଓଡ଼ିଶାର କାରିଗରମାନେ ପ୍ରାୟ ୩ମାସ ହେବ ତିଆରି କରୁଥିବା କହିଛନ୍ତି ପୂଜା କମିଟିର ସଭାପତି ଦୀପକ କୁମାର ଜେନା। ତେଣୁ ଗୁଗୁଲ ମ୍ୟାପ୍‌ରେ ଭୁବନେଶ୍ୱରକୁ ଦେଖିଲେ ଯେମିତି ଦିଶେ ଏବଂ କେଉଁଠାରେ କ'ଣ ରହିଛି ସବୁ ଜାଣି ହୁଏ ଠିକ୍ ସେମିତି ଏହାକୁ ଦେଖିଲା ପରେ ଭୁବନେଶ୍ୱର ବିଷୟରେ ଜଣେ ନୂଆ ଲୋକେ ସମ୍ପୂର୍ଣ୍ଣ ଭାଭବେ ଜାଣିପାରିବେ। ଏହା ବେଳେ ଲାଇଟ୍ ଲାଗିଛି। ଓଡ଼ିଆ କାରିଗର ମାନେ ୩ ମାସ ହେଲା କରୁଛନ୍ତି।

## ଚାନ୍ଦି ମେଢ଼ରେ ଲାଗିଛି ଦେଢ଼ କ୍ୱିଣ୍ଟାଲ ରୁପା

ଭୁବନେଶ୍ୱର, ୨୬।୯(ସମିସ): ଧରାପୃଷ୍ଠରେ ମା'ଙ୍କ ଆଗମନକୁ ନେଇ ଉତ୍ସବମୁଖର ହୋଇଛି ସହର। ପୁରୁଣା ଭୁବନେଶ୍ୱରସ୍ଥିତ ପ୍ରତ୍ୟକ ମଣ୍ଡପରେ ମଧ ମା' ଦୁର୍ଗାଙ୍କ ଆଗମନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି।

ସେଥିମଧ୍ୟରୁ ସର୍ବପୁରାତନ ପୂଜା ମଣ୍ଡପ ଭାବେ ପରିଚିତ ତଥା ଶ୍ରୀ ଲିଙ୍ଗରାଜଙ୍କ ବ୍ରାହ୍ମଣ ନିଯୋଗରେ ମଧ ମା'ଙ୍କ ପୂଜା ଲାଗି ପ୍ରସ୍ତୁତି ସରିବା ଉପରେ। ୨୦୧୯ ମସିହାଠାରୁ ମା'ଙ୍କ ଲାଗି ତିଆରି ହୋଇଆସୁଛି ଚାନ୍ଦୀ ମେଢ଼, ଯାହା ପୁରୁଣା ଭୁବନେଶ୍ୱରର ଏକମାତ୍ର ଚାନ୍ଦୀ ମେଢ଼ ଭାବେ ପରିଚିତ। ପ୍ରାୟ ଦେଢ କୁଇଣ୍ଟାଲ ରୁପା ଲାଗି ଏହି ମେଢ଼ଟି ତିଆରି ହୋଇଥିଲା।



ସମସ୍ତ ଦେବାଦେବୀଙ୍କ ଚାନ୍ଦୀ ମୁକୁଟ, ଅସ୍ତ୍ର, ଅଳଙ୍କାର ଆଦି ରୁପା ଛାଉଣୀ କରାଯାଇଛି। ସାଜସଜ୍ଜା ପାଇଁ ଦୁଇଟି ୫୦ ଫୁଟ୍‌ର ବିଶାଳ ଲାଇଟ ଗେଟ୍ ସହ ବଡଦାଣ୍ଡ ସାରା ଏଲଇଡି ଲାଇଟ୍‌ରେ ଆଚ୍ଛାଦିତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ସଭାପତି ଭାଗିରଥି ମହାସୁଆର।

## ବରମୁଣ୍ଡାରେ ପୋଡ଼ିବ ୬୦ ଫୁଟ୍‌ର ରାବଣ

**ନୂଆପଲ୍ଲୀ, ଚନ୍ଦକାରେ ୫୦ ଫୁଟ୍‌ର ରାବଣ**

**ଏଥର ପଳାଶୁଣିଲେ ହେବନି ରାବଣପୋଡ଼ି**

ଭୁବନେଶ୍ୱର, ୨୬।୯(ସମିସ): ଜମିଲାଣି ପୂଜା ବଜାର। ତା' ସାଙ୍ଗକୁ ସନ୍ଧ୍ୟା ହେଲା ମାତ୍ରେ ଆକର୍ଷଣୀୟ ଆଲୋକମାଳାରେ ଝଲସି ଉଠୁଛି ରାଜଧାନୀ। ସତେ କି ଏଥରର ପାର୍ବଣ ନିଆରା। ସେପଟେ ପୂଜା ମଣ୍ଡପ ବୁଲା ସାଙ୍ଗକୁ ଅପେକ୍ଷା ରହିଛି ରାବଣ ପୋଡ଼ିକୁ। ରାବଣ ପୋଡ଼ି ସୂଚେଇ ଦିଏ ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର ବିଜୟ କଥା। ସେ ନେଇ ମଧ ଚଳଚଞ୍ଚଳ ରାବଣ ପୋଡ଼ି ଆୟୋଜନ କରୁଥିବା କମିଟି ଓ ତା'ର କର୍ମକର୍ତ୍ତା। କେଉଁଠାରେ ସୁରକ୍ଷାକୁ ପ୍ରାଧାନ୍ୟ ଦିଆ ଯାଇଛି ତ ଆଉ କଉଠି ରାମଲୀଳା ପ୍ରଦର୍ଶନ କରାଯିବାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ତେବେ ଏଥର ସବୁଠାରୁ ଉଚ୍ଚ ରାବଣ ବରମୁଣ୍ଡାରେ ପ୍ରସ୍ତୁତ କରାଯାଉଛି।

ରାଜଧାନୀର ଅନ୍ୟତମ ବଡ଼ ଦୁର୍ଗାପୂଜା କହିଲେ ନୂଆପଲ୍ଲୀ ରାବଣପୋଡ଼ି। ଚଳିତ ବର୍ଷ ମଧ ନୂଆପଲ୍ଲୀ ଦୂର୍ଗାପୂଜା ସମିତି ପକ୍ଷରୁ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହେବ। ଅନୁଷ୍ଠାନ ପକ୍ଷରୁ ମା'ଙ୍କ ପୂଜା ୩୮ ବର୍ଷରେ ପହଞ୍ଚିଛି। ପ୍ରତିଷ୍ଠାତା ସନାତନ ବେହେରାଙ୍କ କହିବା ଅନୁଯାୟୀ ପୂଜା ଆରମ୍ଭ ବର୍ଷରୁ ହିଁ ରାବଣ ପୋଡି ଉତ୍ସବ ପାଳନ ହୋଇ ଆସୁଛି। ସେହିଭଳି ଚଳିତ ବର୍ଷ ସମିତି ପକ୍ଷରୁ ୫୦ ଫୁଟ୍‌ର ରାବଣ ପୋଡା ଯିବ, ସେ ପୁଣି ବିନା ବାଣରେ। ରାବଣପୋଡ଼ି ଉତ୍ସବ ମଣ୍ଡପ ସମ୍ମୁଖ କସ୍ତୁରବା ପଡ଼ିଆରେ ଅନୁଷ୍ଠିତ ହେବ।

ସେହିଭଳି ବରମୁଣ୍ଡା ଦୁର୍ଗାପୂଜାରେ ଏଥର ସର୍ବବୃହତ ରାବଣ ନିର୍ମାଣ ଚାଲିଛି। ଯାହାର ଉଚ୍ଚତା ରହିଛି ୬୦ ଫୁଟ୍। ୨୬ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବରମୁଣ୍ଡା ଦୁର୍ଗାପୂଜା ପାଇଁ କମିଟି ପକ୍ଷରୁ ଏଥିପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ସେହିପରି କାଳ୍ପନିକ ତୋରଣ ନିର୍ମାଣ ସାଙ୍ଗକୁ ସବୁଠୁ ଉଚ୍ଚ ରାବଣ ବିଶେଷ ଆକର୍ଷଣ ସାଜିବ ବୋଲି କମିଟି ପକ୍ଷରୁ ଅକ୍ଷୟ ପାଇକରାୟ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଯେବେଠାରୁ ପୂଜା ଆୟୋଜିତ ହେଉଛି ସେହିଦିନଠାରୁ ଅର୍ଥାତ ୨୫ ବର୍ଷ ହେବ ରାବଣ ପୋଡି ମଧ ଆୟୋଜିତ ହେଉଛି।



ସେହିଭଳି ୧୪ ବର୍ଷରେ ପଦାର୍ପଣ କରିଥିବା ଗୋପୀନାଥଜିଉ ଦୂର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ବିଜୟା ଦଶମୀରେ ୫୦ ଫୁଟ୍‌ର ରାବଣ ପୋଡ଼ା ଯିବ। କିନ୍ତୁ ଶବ୍ଦ ପ୍ରଦୂଷଣ କଲାଭଳି ବାଣ ବ୍ୟବହାର ହେବ ନାହିଁ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ଆରମ୍ଭରୁ ଏଠାରେ ରାବଣ ପୋଡି ମଧ ଆୟୋଜିତ ହୋଇ ଆସୁଛି। ଚନ୍ଦକା ଦୁର୍ଗାପୂଜା ସମିତି ପକ୍ଷରୁ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ସମିତି ୭୮ ବର୍ଷରେ ପଦାର୍ପଣ କରୁଥିବା ବେଳେ ପ୍ଲାଟିନମ୍ ଜୁବୁଲି ପାଳନ କରିବାକୁ ପ୍ରସ୍ତୁତି ମଧେ ଚାଲିଛି। ପ୍ରତିବର୍ଷ ଅନୁଷ୍ଠାନ ପକ୍ଷରୁ ରାବଣ ପୋଡି ଆୟୋଜିତ ହେଉଥିବା ବେଳେ ଚଳିତ ବର୍ଷ ପ୍ଲାଟିନମ୍ ଜୁବୁଲି ଅବସରରେ ୫୦ ଫୁଟର ରାବଣ ପୋଡ଼ି ଆକର୍ଷଣ ପାଲଟିବ।


ଏଥର ପଳାଶୁଣି ଦୁର୍ଗାପୂଜା କମିଟି ପକ୍ଷରୁ ତୋରଣ ଏବଂ ମୂର୍ତ୍ତି ତିଆରିକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ତେଣୁ ରାବଣ ପୋଡି ପଳାଶୁଣି ଦୁର୍ଗାପୂଜାର ପ୍ରମୁଖ ଆକର୍ଷଣ ହେଉଥିବାବେଳେ ଚଳିତ ବର୍ଷ ଆଉ ରାବଣ ପୋଡି ହେବ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେବେ ନବରାତ୍ରି ବ୍ରତଧାରୀଙ୍କ ପାଇଁ ପ୍ରସାଦ ସେବନ ଆଦିର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।








## ଚିଙ୍ଗିଡ଼ି ଓ ରାଜେଶ ପୁଣି ଦୋଷୀ ସାବ୍ୟସ୍ତ



ଭୁବନେଶ୍ୱର, ୨୬।୯ (ସମିସ): ଏୟାରପୋର୍ଟ ଥାନା ଅଞ୍ଚଳର ଏକ ସୁନା ଚେନ ଲୁଟ୍ ମାମଲାରେ ରାଜେଶ କୁମାର ପଣ୍ଡା ଓ ଲିଙ୍ଗରାଜ ଦଳେଇ ଓରଫ୍ ଚିଙ୍ଗିଡ଼ିକୁ ଶୁକ୍ରବାର ଜେଲ୍ ଦଣ୍ଡାଦେଶ ଦେଇଛନ୍ତି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ଇତିଶ୍ରୀ ମହାପାତ୍ର। ଉଭୟଙ୍କୁ ୧୪ ମାସର କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ବିଚାରପତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଏଲଡି. ଆସିସ୍ଟାଣ୍ଟ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ। ପ୍ରକାଶ ଥାଉ କି ଗତ ଏପ୍ରିଲ ମାସ ୨୨ ତାରିଖ ସକାଳ ୬ଟା ସମୟରେ ଏୟାରପୋର୍ଟ ଥାନା ଅନ୍ତର୍ଗତ ଏରୋଡ୍ରମ ଏରିଆ ଲେନ୍ ୨ରେ ରହୁଥିବା ମମତା ପଣ୍ଡା ଫୁଲ ତୋଳୁଥିବା ସମୟରେ ଚିଙ୍ଗିଡ଼ି ଓ ରାକେଶ ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ମମତାଙ୍କ ଅଭିଯୋଗ କ୍ରରେ ଏୟାରପୋର୍ଟ ଥାନା ପୁଲିସ କେସ୍ ନଂ - ୧୧୪ ରେ ବିଏନ୍ଏସ୍ ଧାରା-୩୦୯(୪)/୩(୫)ରେ ମାମଲା ରୁଜୁ କରିଥିଲା। ରାକେଶ ଓ ଲିଙ୍ଗରାଜକୁ ଗିରଫ କରି ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ ତଦନ୍ତକାରୀ ଅଧିକାରୀ ଏସ୍ଆଇ ସତ୍ୟ ନାରାୟଣ ବାରିକ। ସୂଚନାଯୋଗ୍ୟ ଯେ, ରାଜେଶ ଓ ଚିଙ୍ଗିଡ଼ି ପୂର୍ବରୁ ମଧ୍ୟ ଏକାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

## ୧୨ ବର୍ଷ ପରେ ଧରାପଡ଼ିଲା ବାଇକ୍ ଚୋର

ଭୁବନେଶ୍ୱର, ୨୬।୯ (ସମିସ): ବାଇକ୍ ଚୋରି ଘଟଣାର ଅଭିଯୁକ୍ତକୁ ୧୨ ବର୍ଷ ପରେ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଜିଲ୍ଲା ବନ୍ତ ଥାନା ଖଳାଗାଡ଼ିଆର ହିମାଂଶୁ ଭୂଷଣ ଜେନା (୪୭)। ପୁଲିସ ସୂଚନାନୁସାରେ, ୨୦୧୩ ଅଗଷ୍ଟ ୨୧ ତାରିଖ ଦିନ ପଞ୍ଜାବୀ କଲୋନୀର ଲକ୍ଷ୍ମୀଧର ବୈରିଗଞ୍ଜନ ତାଙ୍କ ଘର ସାମ୍ନାରେ ବାଇକ୍ ପାର୍କିଂ କରିଥିଲେ। ସେହି ସମୟରେ ହିମାଂଶୁ ତାଙ୍କ ଗାଡ଼ିଟିକୁ ଚୋରି କରି ନେଇଥିଲେ। ଏନେଇ ଲକ୍ଷ୍ମୀଧର ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେହି ସମୟରେ ନନ୍ଦିପଡ଼ା ଥାନା ପୁଲିସ ଅନ୍ୟ ଏକ ଘଟଣାରେ ହିମାଂଶୁକୁ ଗିରଫ କରିବା ସହ ହେପାଜତରୁ ଚୋରି ବାଇକ୍ ଜବତ କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜବତ ଗାଡ଼ିକୁ ଜିମାନାମାରେ ଲକ୍ଷ୍ମୀଧରଙ୍କୁ ଦିଆଯାଇଥିଲା। ଆଜି ସକାଳେ ଖାରବେଳ ନଗର ଥାନା ପୁଲିସ ଓ ବନ୍ତି ପୁଲିସ ସହାୟତାରେ ହିମାଂଶୁକୁ ଗିରଫ କରିଥିଲା।

### ପ୍ରଥମ ପର୍ଯ୍ୟାୟ ଗଣନା ଶେଷ

# ରାଜଧାନୀରେ ୪୬ ହଜାର ବୁଲାକୁକୁର

ଭୁବନେଶ୍ୱର, ୨୬।୯(ସମିସ): ଭୁବନେଶ୍ୱରର ଦୁଇଟି ପର୍ଯ୍ୟାୟରେ ହୋଇଥିବା କୁକୁର ଗଣନା ଶେଷ ହୋଇଛି। ବିଏମ୍ସିର ସମସ୍ତ ୩ଟି ୱାର୍ଡରେ ପ୍ରଥମ ପର୍ଯ୍ୟାୟର କୁକୁର ସଂଖ୍ୟା ୪୬ହଜାର ବୋଲି ଗଣନା ପରେ ରିପୋର୍ଟରୁ ଜଣାପଡ଼ିଛି। ବିଏମ୍ସିର ଉତ୍ତର ଜୋନ୍ରେ ୧୫୮୦୦ କୁକୁର ଥିଲା ବେଳେ ଦକ୍ଷିଣ-ପୂର୍ବ ଜୋନରେ ୧୪, ୯୦୦ ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍ରେ ଏହି ସଂଖ୍ୟ ୧୫ ହଜାରରୁ ସାମାନ୍ୟତମ ଅଧିକ ବୋଲି ବିଶ୍ୱସ୍ତ ସୂଚନା ମିଳିଛି। ତେବେ ଭୁବନେଶ୍ୱରରେ ମାତ୍ର ୪୬ ହଜାର କୁକୁର ଥିବା ନେଇ ଜଣାପଡ଼ିବା ପରେ ଏବେ ବିଏମ୍ସିର କୁକୁର ଗଣନାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କୁକୁର ଗଣନା ଠିକ୍ ଭାବେ ହୋଇଛି କି ନାହିଁ। ଗଣନା ଠିକ୍ ସମୟରେ ହୋଇଛି କିମ୍ବା ନାହିଁ ବୋଲି ଏକ୍ସପର୍ଟମାନେ ପ୍ରଶ୍ନ ଉଠାଇଛନ୍ତି।

ଭୁବନେଶ୍ୱର ସହରରେ ପ୍ରାୟ ୮୫ହଜାର କୁକୁର ଥିବା ନେଇ ବିଶେଷଜ୍ଞ ଅନୁମାନ କରିଥିଲେ। ହେଲେ କୁକୁର ସଂଖ୍ୟା ଅନୁମାନର ବି ଅଧାରେ ପହଞ୍ଚିଛି। ଏହାକୁ ନେଇ ଏବେ ଚିନ୍ତାରେ ବିଏମ୍ସି। କ'ଣ ଗଣନା ଠିକ୍ ଭାବେ ହେଲା ନାହିଁ ନା ବିଏମ୍ସି ମନଇଚ୍ଛା କୁକୁର ଗଣନା କରି ନିଜର ଦାୟିତ୍ୱ ସାରିଦେଲା।



ରାଜଧାନୀରେ ଦୀର୍ଘବର୍ଷ ଧରି କୁକୁର ବନ୍ଧ୍ୟାକରଣ ବନ୍ଦ ଥିଲା। କେତେତେବେ ହାଇକୋର୍ଟରେ ମାମଲା ଚାଲିଥିବାରୁ ବନ୍ଧ୍ୟାକରଣ ଉପରେ ରହିତାଦେଶ ଜାରି ହୋଇଥିଲା। ପୁଣି କେତେବେଳେ ଉପଯୁକ୍ତ ସଂସ୍ଥା ନ ମିଳିବାରୁ କୁକୁର ବନ୍ଧ୍ୟାକରଣକୁ ବନ୍ଦ କରାଯାଇଥିଲା। ଏବେ ଉପଯୁକ୍ତ ସଂଖ୍ୟାକ ଡାକ୍ତର ନ ଥିବାରୁ ବନ୍ଧ୍ୟାକରଣ ପ୍ରକ୍ରିୟା ସ୍ଥିର ହୋଇଯାଇଛି। କୁକୁର ବନ୍ଧ୍ୟାକରଣ ବନ୍ଦ ରହିବା ଯୋଗୁଁ ରାଜଧାନୀରେ କୁକୁର ସଂଖ୍ୟା ହୁ ହୁ ହୋଇ ବଢ଼ିବା କଥା। ହେଲେ କୁକୁର ସଂଖ୍ୟା ସେହି ତୁଳନାରେ କିଭଳି ବଢ଼ି ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛି।

**ଉତ୍ତରରେ ୧୬ ହଜାର, ଦକ୍ଷିଣରେ ୧୫ ହଜାର**

**ବନ୍ଧ୍ୟାକରଣ ବନ୍ଦ ସତ୍ତ୍ୱେ କମିଲା କୁକୁରଙ୍କ ସଂଖ୍ୟା**

**ସଂଖ୍ୟାକୁ ନେଇ ଅନେକ ପ୍ରଶ୍ନବାଚୀ**

ସୂଚନାଯୋଗ୍ୟ ଯେ, ଗତ ୧୮ ତାରିଖରୁ ୨୫ ତାରିଖ ମଧ୍ୟରେ ସମୁଦାୟ ୬୭ଟି ୱାର୍ଡରେ କୁକୁର ଗଣନା ହୋଇଥିଲା। ବୁଲା କୁକୁର ଗଣନା ପାଇଁ ଜୋନ୍, ୱାର୍ଡ ଓ ୱାର୍ଡରେ ଥିବା ପ୍ରତ୍ୟେକ ଗଳି ପାଇଁ ଟିମ୍ ଗଠନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୧୮ ରୁ ୨୧ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଭୋର ୫ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଏହି କୁକୁର ଗଣନା ଚାଲିଥିଲା। ଏକ କାଳୀନ ୪୧୦ଟି ଟିମ୍ ଭୁବନେଶ୍ୱରର ବିଭିନ୍ନ ଗଳିକନ୍ଦିରେ କୁକୁର ଗଣନା କରିଥିଲେ।

ଦୁଇଟି ପର୍ଯ୍ୟାୟର ଗଣନା ଶେଷ ହୋଇଥିଲା ବେଳେ ପ୍ରଥମ ପର୍ଯ୍ୟାୟର ମିଶ୍ରଣ ପ୍ରକ୍ରିୟା ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣ ପରେ ଫଳାଫଳ ସ୍ପଷ୍ଟ। ଏସମ୍ପର୍କରେ ବିଏମ୍ସିର ବିଭାଗୀୟ ବରିଷ୍ଠ ଅଧିକାରୀ କହିଛନ୍ତି ଏବେ ସମ୍ପୂର୍ଣ୍ଣ ଗଣନାର ଫଳାଫଳ ଜଣାପଡ଼ି ନାହିଁ। ଦ୍ୱିତୀୟ ପର୍ଯ୍ୟାୟ ପରେ ଫଳାଫଳ ଗଣମାଧ୍ୟମକୁ ଜଣାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଯାହା ଗଣନା ହୋଇଛି, ଦ୍ୱିତୀୟ ପର୍ଯ୍ୟାୟରେ ଏହି ସଂଖ୍ୟ ବଢ଼ିବା କିମ୍ବା କମିବାର ସମ୍ଭାବନା ରହିଛି।

## ପତ୍ନୀହନ୍ତା ସ୍ୱାମୀକୁ ୮ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୬।୯ (ସମିସ): ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏକ ପତ୍ନୀ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲ୍ଲା ଓ ସେସନ୍ସ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି ଅଭିଯୁକ୍ତ ସ୍ୱାମୀ ସାଗର ପ୍ରଧାନକୁ ସଜା ଶୁଣାଇଛନ୍ତି।

ପୁଲିସ ସୂଚନାନୁସାରେ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ମାମା ପ୍ରଧାନ ଓ ସ୍ୱାମୀ ସାଗର ପ୍ରଧାନ ଭରତପୁର ତେଲୁଗୁ ସାହିରେ ରହୁଥିଲେ। ସାଗର ପତ୍ନୀଙ୍କ ଚରିତ୍ରକୁ ସନ୍ଦେହ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ୨୦୨୩ ଏପ୍ରିଲ ୧୮ ତାରିଖରେ ସାଗର ଉତକ୍ଷିପ୍ତ ହୋଇ ମାମାଙ୍କ ବେକକୁ ଚାପି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ତତ୍କାଳୀନ ସବ୍ ଇନ୍ସପେକ୍ଟର ବିଜୟ କୁମାର ଦାସ ସାଗରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏଥିସହିତ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୩ ସାକ୍ଷ୍ୟ ଓ ବିଭିନ୍ନ ଦଲିଲ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ସାଗରକୁ ୮ ବର୍ଷର କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୬ ମାସର କାରାଦଣ୍ଡ ଆଦେଶ ମଧ୍ୟ ଦେଇଛନ୍ତି। ପବ୍ଲିକ୍ ପ୍ରୋସିକ୍ୟୁଟର ସିପ୍ରାଞ୍ଜଳି ସ୍ୱାଇଁ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

### କଲପେବଲ୍ ହୋମିସାଇଡ୍ କ'ଣ

କଲପେବଲ୍ ହୋମିସାଇଡ୍ ଭଳି ଅପରାଧ ଘଟାଇଲେ ବିଏନ୍ଏସ୍ ଦଫା ୧୦୫ (ଆଇପିସି ୩୦୪) ଲାଗିବାର ପ୍ରାବଧାନ ରହିଛି। 'କ' ଓ 'ଖ' ଉଦାହରଣ ଭାବେ ନେଇପାରିବା। ଯଦିଓ କାହାରିକୁ ହତ୍ୟା କରିବା 'କ' ର ଉଦ୍ଦେଶ୍ୟ ନୁହଁ। କିନ୍ତୁ 'କ' ର କାର୍ଯ୍ୟ ଦ୍ୱାରା 'ଖ' ର ମୃତ୍ୟୁ ଘଟିଥାଏ। ଯେଉଁଠି କି 'କ' ଜାଣିଥାଏ ଯେ, ସେ କରୁଥିବା କାମ ଅତ୍ୟନ୍ତ ବିପଦଜନକ ଓ ଏହା ନିଶ୍ଚିତ ଭାବରେ 'ଖ' ର ମୃତ୍ୟୁ ଘଟାଇପାରେ କିମ୍ବା ମୃତ୍ୟୁ ହେବାର ସମ୍ଭାବନା ରହିଛି। ସେହି କ୍ଷେତ୍ରରେ ଦଫା ୧୦୫ ବିଏନ୍ଏସ୍ଏସ୍ (ଆଇପିସି ୩୦୪) ଲାଗିଥାଏ।

ମାମାଙ୍କ ମୃତ୍ୟୁ ଘଟଣାରେ, ଯଦିଓ ତାଙ୍କୁ ହତ୍ୟା କରିବା ସାଗରର ଉଦ୍ଦେଶ୍ୟ ନୁହଁ। କିନ୍ତୁ ସାଗର ଜାଣିଥିଲା ଯେ ମାମାଙ୍କ ବେକକୁ ଚାପିବା ଦ୍ୱାରା ତାଙ୍କର ପ୍ରାଣହାନୀ ହୋଇପାରେ। ମାମାଙ୍କୁ ହତ୍ୟା କରିବା ଯଦିଓ ସାଗରର ଉଦ୍ଦେଶ୍ୟ ନଥିଲା, କିନ୍ତୁ ତା'ର କାର୍ଯ୍ୟ ଦ୍ୱାରା ମାମା ପ୍ରାଣ ହରାଇଥିଲେ। ସେଥିଲାଗି ସାଗର ବିରୋଧରେ ଆଇପିସି ଦଫା - ୩୦୪ (କଲପେଡଲ୍ ହୋମିସାଇଡ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଗଲା।

## ଫୁଡ୍ ଲାଇସେନ୍ସ ପାଇଁ ଜାଲ୍ ଦସ୍ତାବିଜ୍ ଦେଇ ଗିରଫ

ଭୁବନେଶ୍ୱର, ୨୬।୯(ସମିସ): ଫୁଡ୍ ଲାଇସେନ୍ସ ପାଇଁ ଜାଲ ଦସ୍ତାବିଜ୍ ବଳରେ ବିଏମ୍ସି ପୋର୍ଟାଲରେ ଆବେଦନ କରିଥିବା ଅଭିଯୁକ୍ତକୁ ଭରତପୁର ଥାନା ପୁଲିସ ନୂଆଗାଁ ଛକ ନିକଟରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଜୟଦୁର୍ଗା ନଗରର ଅଭିଷେକ ରାଉତ। ଅଭିଷେକ ରେଣ୍ଟ ଚୁକ୍ତିକୁ ନକଲି କରିଥିବା ନେଇ ଘର ମାଲିକା ପାର୍ଥ ବିଶ୍ୱାଳଙ୍କ ଅଭିଯୋଗ କରିବା ପରେ ତାକୁ ଗିରଫ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଗତ ୨୦୨୫ ଜୁନ୍ ୧୩ରେ ମେସର୍ସ ଫର୍ଚୁନ୍ ରିକ୍ରିଏସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ନିର୍ଦ୍ଦେଶକ ଅଭିଯୋଗକାରୀଙ୍କୁ ଜଣାଇଥିଲେ ଯେ ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ସହିତ ସଂଲଗ୍ନ କ୍ଲବ୍ ହାଉସ୍ ଅଭିଯୁକ୍ତ ଅଭିଷେକ ରାଉତଙ୍କୁ ଭଡା ଦିଆଯାଇଛି। ଯଦିଓ ଅଭିଷେକଙ୍କର ସମ୍ପତ୍ତି ସହିତ କୌଣସି ସମ୍ପର୍କ ନାହିଁ। ଯାଞ୍ଚ ପରେ, ଅଭିଯୋଗକାରୀ ଜାଣିବାକୁ ପାଇଲେ ଯେ ୨୦୨୩ ଏପ୍ରିଲ ୧୧ତାରିଖର ଏକ ଜାଲ୍ ଭଡ଼ା ଚୁକ୍ତିନାମା ତାଙ୍କର ଜାଲ୍ ଦସ୍ତଖତ ଏବଂ ଅନ୍ୟ ଏକ କମ୍ପାନୀର ଠିକଣା ବ୍ୟବହାର କରି ପ୍ରସ୍ତୁତ କରାଯାଇଥିଲା। ଏବଂ ଏହାକୁ ନୋଟାରି କରାଯାଇ ବେଆଇନ ଉପାୟରେ ବାଣିଜ୍ୟ ଏବଂ ଖାଦ୍ୟ ଲାଇସେନ୍ସ ପାଇବା ପାଇଁ ବ୍ୟବହାର କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ମେସର୍ସ ଫର୍ଚୁନ୍ ରିକ୍ରିଏସନ୍ ପ୍ରାଇଭେଟ୍ ଲିମିଟେଡ୍ ପୂର୍ବରୁ ମେସର୍ସ ସହିତ ବାସିନ୍ଦାଙ୍କ ପାଇଁ କ୍ଲବ୍ ହାଉସ୍, ସୁଇମିଂ ପୁଲ୍ ୫୦୦୦ ବର୍ଗଫୁଟ ଖୋଲା ଅଞ୍ଚଳର ପରିଚାଳନା ପାଇଁ ଏକ କାର୍ଯ୍ୟକ୍ଷମ ଚୁକ୍ତିନାମା କରିଥିଲା। କିନ୍ତୁ, ଅଭିଯୁକ୍ତ ଅଭିଷେକ ତାଙ୍କ ବାପା ରଞ୍ଜନ କୁମାର ରାଉତଙ୍କ ସହ ମିଶି ଜାଲିଆତି କରି ଏକ ଜାଲ୍ ଭଡ଼ା ଚୁକ୍ତିନାମା ପ୍ରସ୍ତୁତ କରି ଖାଦ୍ୟ ଲାଇସେନ୍ସ ପାଇବା ପାଇଁ ବିଏମ୍ସିର ପୋର୍ଟାଲରେ ଅପଲୋଡ୍ କରିଥିଲେ ଏବଂ ଏହା ପରେ ବେଆଇନ ଭାବରେ ପରିସରରେ 'ବ୍ଲାକ୍ ହୋଲ୍' ନାମକ ଏକ ରେଷ୍ଟୁରାଣ୍ଟ ଚଳାଇଥିଲେ।






## ବୁଲେଟ୍ ଚୋରକୁ ୧୧ ମାସ ଜେଲଦଣ୍ଡ

ଭୁବନେଶ୍ୱର, ୨୬।୯ (ସମିସ): ଖଣ୍ଡଗିରି ଥାନା ଅଞ୍ଚଳର ଏକ ବୁଲେଟ ଚୋରି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ଅଭିଯୁକ୍ତ ମନୀଷ ପଟ୍ଟନାୟକକୁ ଜେଲଦଣ୍ଡ ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ବରମୁଣ୍ଡା ତଳ ସାହିର ବାଦଲ କୁମାର ପାତ୍ର ଗତ ମେ ମାସ ୧୪ ତାରିଖ ରାତିରେ ତାଙ୍କ ବୁଲେଟ୍ ଗାଡ଼ିଟିକୁ ଘର ଆଗରେ ପାର୍କିଂ କରିଥିଲେ। ବିଳମ୍ବିତ ରାତିରେ ମନୀଷ ସେହି ଗାଡ଼ିଟିକୁ ଚୋରି କରି ନେଇଥିଲା। ବାଦଲ ଏନେଇ ଅଭିଯୋଗ କରିବା ପରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏଏସ୍ଆଇ ରାଜୀବ ନାୟକ ଅଭିଯୁକ୍ତ ମନୀଷକୁ ଗିରଫ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ୬ ଜଣ ସାକ୍ଷ୍ୟ ଓ ୧୭ଟି ଦଲିଲ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ମନୀଷକୁ ଭାରତୀୟ ନ୍ୟାୟ ସଂହିତା ଧାରା-୩୦୩(୨) ଆଧାରରେ ୧୧ ମାସର କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୨ ମାସର କାରାଦଣ୍ଡ ଆଦେଶ ମଧ୍ୟ ଦେଇଛନ୍ତି। ସରକାରଙ୍କ ତରଫରୁ ଏଲଡି ଆସିସ୍ଟାଣ୍ଟ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଓ ସଞ୍ଜୟ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

### ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅବ୍ୟବସ୍ଥା | ଗରମ, ଗୁଳୁଗୁଳିରେ ଜଳୁଛନ୍ତି ବସ୍ ଯାତ୍ରୀ

# ଦୁଇ ମାସ ହେଲା ଏସି ଅଚଳ, ଭାଙ୍ଗିଗଲାଣି ପାଣିକଳ

ଭୁବନେଶ୍ୱର, ୨୬।୯(ସମିସ): କାଇଁ ଥଣ୍ଡା ଲାଗୁନି ତ!! ଗୁଳୁଗୁଳି ହଉଛି ହେଲେ ଆଗରୁ ବହୁତ ଜୋରରେ ଥଣ୍ଡା ଲାଗୁଥିଲା ହେଲେ ଏବେ କାଇଁ ଥଣ୍ଡା ଲାଗୁନି ବୋଲି ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ସୁନ୍ଦରଗଡ଼ର ବିଜୟଲକ୍ଷ୍ମୀ ରାଉତ କହିଛନ୍ତି। ଏହିପରି ମଧ୍ୟ ନୟାଗଡ଼ର ରାହୁଲ କୁମାର ସାହୁ କୁହନ୍ତି ଏସି ଲାଗିଛି ହେଲେ ନାଁକୁ ମାତ୍ର। କେବଳ କାମ ଚଳାକୁ ଲଗାଯାଇଛି। ଏହାଠୁ ଭଲ ଏସି ବନ୍ଦ କରିଦେବା କଥା ବୋଲି ସେ କହିଛନ୍ତି।




ବରମୁଣ୍ଡା ବସ୍ ଟର୍ମିନାଲକୁ ପ୍ରତିଦିନ ଶହଶହ ଲୋକଙ୍କ ଯିବା ଆସିବା ଲାଗି ରହିଛି। ଅନେକ ଲୋକ ସକାଳୁ ରାତି ପର୍ଯ୍ୟନ୍ତ ବସ୍ ପାଇଁ ଅପେକ୍ଷା କରୁଛନ୍ତି। ହେଲେ ରାଜକୀୟ ପ୍ରସାଦ ଭଳି ତିଆରି ହୋଇଥିବା ବିଏସ୍‌ବିଟି ବସ୍‌ଷ୍ଟାଣ୍ଡରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକାରର ସୁବିଧା କରାଯାଇଥିଲା। ହେଲେ ଏହି ବସ୍‌ଷ୍ଟାଣ୍ଡରେ ଆସ୍ତେ ଆସ୍ତେ ଜିନିଷ ସବୁ ଖରାପ ହେବାକୁ ଲାଗିଲାଣି ବୋଲି ଅଭିଯୋଗ ହେଉଛି।

ବିଶେଷ କରି ବସ୍‌ଷ୍ଟାଣ୍ଡ ଭିତରେ ରହିଥିବା ଅନେକ ପାଣି ଟ୍ୟାପ ଖରାପ ହୋଇଥିବା ବେଳେ ଆହାର କେନ୍ଦ୍ରରେ ରହିଥିବା ଚେୟାର ସବୁ ଅଧା ଭାଙ୍ଗି କେଁ କେଁ ଡ଼ାକ ଦେଲାଣି। ଅନେକ ସମୟରେ ଖାଇ ବସିଲା ବେଳେ ଚେୟାରଗୁଡ଼ିକ ଭାଙ୍ଗି ଯାଇଛି। ଠିକ୍ ଏମିତି ମଧ୍ୟ ଛୁଆମାନଙ୍କ ପ୍ଲେ ଗ୍ରାଉଣ୍ଡରେ ବିଭିନ୍ନ ଉପକରଣ ଆଦି ଭାଙ୍ଗିଗଲାଣି। ତତ୍ ସହିତ ଏସି ମଧ୍ୟ ଠିକ୍‌ରେ ଲାଗୁନାହିଁ। ଯେଉଁଥିପାଇଁ ଯାତ୍ରୀମାନେ ଗୁଳୁଗୁଳିରେ ବସ୍‌ପାଇଁ ଅପେକ୍ଷା କରୁଛନ୍ତି।

ବିଡ଼ିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ୫ ବର୍ଷ ପାଇଁ କଣ୍ଟ୍ରାକ୍ଟ ଦିଆଯାଇଥିଲା। ହେଲେ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଅନ୍ୟ ଏକ ଡ଼ାଇଟିନ୍ କମ୍ପାନୀକୁ ଏସି ଲଗାଇବା ପାଇଁ ସୁପାରିଶ କରିଥିଲେ। ଏସିର ୱାରେଣ୍ଟି ସରିବା ପରେ ପ୍ରାୟ ବର୍ଷେ ହୋଇଯିବ ମେଣ୍ଟେନ୍ ଠିକ୍‌ରେ କରାନଯିବାରୁ ବାରମ୍ବାର ଏସି ଅସୁବିଧା ଦେଖାଉଛି। ହେଲେ ଏସିର ଆନୁଆଲ୍ ଏମ୍‌ସି ରିପୋର୍ଟ ହୋଇନାହିଁ ବୋଲି ଏସିରେ କିଛି ଅସୁବିଧା ହେଲେ କମ୍ପାନୀ ଆସି ସଜାଡୁନାହିଁ। ବିଡ଼ିଏ ପକ୍ଷରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ଏସିର ମେଣ୍ଟେନ୍ କରିବାକୁ କୁହାଯାଉଛି। ବ୍ରିଜ୍ ଆଣ୍ଡ ରୁଫ୍ ବିଡ଼ିଏକୁ ଡ଼ାଇଟିନ୍ କମ୍ପାନୀକୁ ଏସି ମେଣ୍ଟେନ୍ କରିବା ପାଇଁ କହୁଛି। ଏମିତି ଟଣାଓଟରା ଭିତରେ ପ୍ରାୟ ଦୁଇ ମାସ ହେଲେ ଏସି ବହୁତ ଅସୁବିଧା ଦେଖାଉଛି। ଯେଉଁଥିପାଇଁ ଲୋକମାନେ ଗରମ ଓ ଗୁଳୁଗୁଳି ସହୁଛନ୍ତି। ଏସି ଟିକେ ଆସୁବିଧା ହେଲେ ଆମ ସପକ୍ଷରେ ଯେତିକି ହେଇ ପାରୁଛି ଆମେ ସାଧାରଣ ମେକାନିକ୍ ଡ଼ାକି ସଜାଡ଼ୁଛୁ। ଯଦି କମ୍ପାନୀ ପକ୍ଷରୁ ମେକାନିକ୍ ଆସି ସଜାଡ଼ି ଯାଆନ୍ତେ ତେବେ ଏମିତି ଆସୁବିଧା ହୁଅନ୍ତା ନାହିଁ ବୋଲି ବିଏସ୍‌ବିଟି ଦାୟିତ୍ୱରେ ଥିବା ଇପ୍ସିକାନ୍ତ ମହାପାତ୍ର କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱ ଦେଖ ମଧ୍ୟମରେ ଜୀବନ ବିଶ୍ୱ ଦେଖ ମଧ୍ୟମ,
ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟ।
-ସ୍ୱଭାବ କବି ଗଙ୍ଗାଧର ମେହେର

## ସୁଧୁରୁଛି ମଧ୍ୟପ୍ରାଚ୍ୟ ସ୍ଥିତି

ଏକ ବୃହତ୍ତର ଇସ୍ରାଏଲ ଗଠନ ଆଳରେ ପାଲେଷ୍ଟାଇନ୍ ସ୍ଥିତିକୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୃଢ଼ ଅସ୍ୱୀକାର କରିଆସିଥିବା ବେଳେ ଗାଜାପଟିରେ ଚାଲିଥିବା ନରସଂହାର ଓ ଅମାନବୀୟ ନିର୍ଯାତନାକୁ ବିଶ୍ୱଜନମତ ଦୃଢ଼ ବିରୋଧ କରିବା ସହ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେଉଥିବା ରାଷ୍ଟ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଇସ୍ରାଏଲକୁ ଏପର୍ଯ୍ୟନ୍ତ ନିରଙ୍କୁଶ ସମର୍ଥନ ଦେଇଆସିଥିବା ଆମେରିକାର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ମଧ୍ୟ ଏହି ପ୍ରସଙ୍ଗରେ କେବଳ କରଛଡ଼ା ଦେଇନାହାନ୍ତି, ପାଲେଷ୍ଟାଇନକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଇଂଲଣ୍ଡ, କାନାଡ଼ା, ଫ୍ରାନ୍ସ, ପର୍ତ୍ତୁଗାଲ ଓ ଅଷ୍ଟ୍ରେଲିଆ ଅନ୍ୟତମ। ଏପରିକି ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟ ଇସ୍ରାଏଲ ସହ ଥିବା ଦ୍ୱିପାକ୍ଷିକ ଚୁକ୍ତି ରଦ୍ଦ କରିବାକୁ ଧମକ ଦେଇଛି। ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୫୭ ଦେଶ ପାଲେଷ୍ଟାଇନର ସ୍ୱାତନ୍ତ୍ର୍ୟକୁ ମାନ୍ୟତା ଦେଇଛନ୍ତି। ଏହି ପୃଷ୍ଠଭୂମିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରବ ରାଷ୍ଟ୍ରର ମୁସଲମାନ ନେତାଙ୍କ ସହ ଆଲୋଚନା ବେଳେ ସ୍ଥାୟୀ ଯୁଦ୍ଧ ବିରତି ପ୍ରସ୍ତାବ ଆଗତ କରାଉଥିବା ସୂଚନା ଦେଇଛନ୍ତି। ଏହାର ପ୍ରଥମ ସର୍ତ୍ତ ରହିବ ପଣବନ୍ଦୀ ପ୍ରତ୍ୟାହାର। ନେତାନ୍ୟାହୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ହରାଇଥିବାରୁ ହମାସ ଏହି ସର୍ତ୍ତକୁ କେତେଦୂର ଗ୍ରହଣ କରିବ ସେ ନେଇ ସନ୍ଦେହ ରହିଛି। ତେବେ ବୁଝାମଣା ପ୍ରସ୍ତାବକୁ ଏକ ସକାରାତ୍ମକ ରୂପ ଦେବା ପାଇଁ ବିଭିନ୍ନ ମହଲରୁ ଉଦ୍ୟମ ଚାଲିଛି। ଏପରିକି ଯୁଦ୍ଧ ପରବର୍ତ୍ତୀ ଗାଜାର ଶାସନ ଦାୟିତ୍ୱ କାହା ହାତରେ ରହିବ ଓ ୱେଷ୍ଟବ୍ୟାଙ୍କର ଭବିଷ୍ୟତ ନେଇ ଆଲୋଚନାରେ ବେଶ ଅଗ୍ରଗତି ଘଟିଥିବାର ସୂଚନା ମିଳିଛି।

ଜାତିସଂଘ ଅଧିବେଶନରେ ଯୋଗଦେବା ସକାଶେ ନେତାନ୍ୟାହୁ ପହଞ୍ଚିଛନ୍ତି। ଯେତେଦୂର ସମ୍ଭବ ଏହି ଶାନ୍ତି ପ୍ରସ୍ତାବ ନେଇ ଟ୍ରମ୍ପ ତାଙ୍କ ସହ ଆଲୋଚନା କରିବେ। ଇସ୍ରାଏଲ କ୍ରମେ ଏକଘରିଆ ହୋଇଯାଇଥିବାରୁ ପ୍ରତିକୂଳ ପରିସ୍ଥିତିର ଗୁରୁତ୍ୱ ସମ୍ପର୍କରେ ସେ ବୁଝାଇବା ସହ ଏହି ଶାନ୍ତି ପ୍ରୟାସ ପଛରେ ନିଜର ମହତାକାଂକ୍ଷାକୁ ସାକାର କରିବାକୁ ଚାହିଁବେ। ଏମିତିରେ ଇସ୍ରାଏଲରେ ଜନମତ ଯାହା, ଯୁଦ୍ଧ ସମାପ୍ତି ପରେ ନେତାନ୍ୟାହୁଙ୍କୁ କ୍ଷମତାରୁ ବିଦା କରିବାକୁ ବେଶି ସମୟ ଲାଗିବ ନାହିଁ। ଏହାବ୍ୟତୀତ ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗର ପ୍ରାମାଣିକ ତଥ୍ୟ ଅଦାଲତରେ ବିଚାରାଧୀନ ରହିଛି। ତେଣୁ ବୃହତ୍ତର ଇସ୍ରାଏଲ ଗଠନର ଆଶା ନେଇ ଯୁଦ୍ଧ ଜାରି ରଖିବାକୁ ସେ ଚାହାନ୍ତି। ନିଜର କ୍ଷମତା ଓ ରାଜନୈତିକ ଭବିଷ୍ୟତକୁ ସେ ଏହି ଯୁଦ୍ଧରେ ବାଜି ଲଗାଇଛନ୍ତି। ତେଣୁ ଟ୍ରମ୍ପଙ୍କ ପ୍ରସ୍ତାବରେ ସେ ରାଜି ହେବା ବିନିମୟରେ ଇରାନ ଉପରେ ଆକ୍ରମଣ କରିବାକୁ ଚାହିଁବେ। ଆମେରିକାର ଇରାନ୍ ବିରୋଧୀ ନୀତି ଦୃଷ୍ଟିରୁ ନେତାନ୍ୟାହୁଙ୍କୁ ଟ୍ରମ୍ପ ବ୍ୟବହାର କରିବା କିଛି ବିଚିତ୍ର ନୁହେଁ। ଏଠାରେ ମନେ ରଖିବାକୁ ହେବ ଯେ ଇରାନ ଗାଜାପଟି ନୁହେଁ। ଇରାନକୁ ସାମରିକ ଦୃଷ୍ଟିରୁ ସୁଦୃଢ଼ କରିବା ସକାଶେ ରୁଷ ଓ ଚୀନ କ୍ରମାଗତ ସହାୟତା ଯୋଗାଉଛନ୍ତି। ଅନ୍ୟପକ୍ଷରେ କାତାର ରାଜଧାନୀ ଦୋହା ଉପରେ ବୋମାମାଡ଼ କରି ଇସ୍ରାଏଲ ଯେଉଁ ରଣନୈତିକ ତ୍ରୁଟି କରିଛି ତାହା ସମ୍ଭାବ୍ୟ ତେହେରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ବାଧକ ହେବ।

ମଧ୍ୟପ୍ରାଚ୍ୟରେ ଇସ୍ରାଏଲର କାର୍ଯ୍ୟକଳାପକୁ ନେଇ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଛି ତାହା ଆଗକୁ ଆମେରିକାର ବୃହତ୍ତର ସ୍ୱାର୍ଥହାନି ଘଟାଇବ। ଏହାସତ୍ତ୍ୱେ ନେତାନ୍ୟାହୁଙ୍କ ପ୍ରତି ଟ୍ରମ୍ପଙ୍କ କୋହଳ ନୀତି କୂଟନୈତିକ ମହଲରେ ବିସ୍ମୟ ସୃଷ୍ଟି କରିଛି। ଗାଜା ପରେ ଯୁଦ୍ଧ ଯଦି ଇରାନ ମୁହାଁ ହୁଏ ତେବେ ପରିସ୍ଥିତି ଆହୁରି ଭୟାବହ ହେବ। ସେଥିପାଇଁ ବିଶ୍ୱର ଦୁଇ ଅହଂକାରୀ ନେତା ହିଁ ଦାୟୀ ହେବେ।

## ଅସୁରକ୍ଷିତ ସ୍ୱାସ୍ଥ୍ୟ ବ୍ୟବସ୍ଥା

ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କେଉଁଠି ଚିକିତ୍ସା କରିବାକୁ ଡାକ୍ତର ନାହାନ୍ତି ତ କେଉଁଠି ସେବାକାରୀ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ହସପିଟାଲ ଓ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭରଶୀଳ ସାଧାରଣ ରୋଗୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢୁଛି। ସ୍ଥଳବିଶେଷରେ ଚିକିତ୍ସା ତ୍ରୁଟି ଦର୍ଶାଇ ରୋଗୀର ପରିବାର ଓ ଆତ୍ମୀୟସ୍ୱଜନ ଦାୟିତ୍ୱରେ ଥିବା ଚିକିତ୍ସକ ଓ ତାଙ୍କ ସହାୟକଙ୍କୁ ଆକ୍ରମଣ କରୁଛନ୍ତି। ଏଭଳି ପରିସ୍ଥିତି ଅପେକ୍ଷାକୃତ ଅଧିକ ନିରାପଦ ଓ ସୁରକ୍ଷିତ ବ୍ୟବସ୍ଥା ମଧ୍ୟରେ ପରିଚାଳିତ ରାଜଧାନୀ ହସପିଟାଲରେ ମଧ୍ୟ ଅନୁଭୂତ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ୪ ଦିନ ସମୟ ଲାଗିଥିଲା। ଅନୁରୂପ ପରିସ୍ଥିତି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଉପୁଜିଛି। ଛୋଟ ପିଲାଙ୍କ ଚିକିତ୍ସା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ କୌଣସି କାରଣରୁ ସେମାନଙ୍କ ଜୀବନ ଚାଲିଗଲେ ଉତ୍ତେଜନା ଓ ହିଂସାକାଣ୍ଡ ସୃଷ୍ଟି ହୋଇଥାଏ। ଉପରୋକ୍ତ ଦୁଇଟି ଯାକ କ୍ଷେତ୍ରରେ ଶିଶୁମୃତ୍ୟୁ ହିଁ ବିବାଦର ମୁଖ୍ୟ କାରଣ।

ସୋମବାର କ୍ୟାପିଟାଲ ହସପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଅଟୋଚାଳକଙ୍କ ପିଲାର ମୃତ୍ୟୁ ଘଟଣାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେଠାରେ ଥିବା ଫାଣ୍ଡି ଅଧିକାରୀ ଓ ପୁଲିସକର୍ମୀ କେବଳ ଦେଖଣାହାରି ପାଲଟିଥିଲେ। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିବା ହିଂସାକାଣ୍ଡର ତୁରନ୍ତ ସମାଧାନ ହୋଇ ପାରିନଥିଲା। ଅପରାହ୍ନ ୫ଟାରେ ତନଖି ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାକ୍ରମ ସଂପର୍କରେ ପଚାରି ଚାଲିଯାଇଥିଲେ। ଏହି ଆକ୍ରମଣ ଘଟଣାକୁ କେନ୍ଦ୍ର କରି ହସପିଟାଲରେ ୩ ଦିନ ଧରି ଅଚଳାବସ୍ଥା ଲାଗିରହିଥିଲେ ମଧ୍ୟ ପରିସ୍ଥିତି ସୁଧୁରି ନଥିଲା। ଚତୁର୍ଥ ଦିନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆକ୍ରମଣକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ସ୍ୱାଭାବିକତା ଫେରିଛି। କ୍ୟାପିଟାଲ ହସପିଟାଲକୁ ମେଡିକାଲ କଲେଜର ମର୍ଯ୍ୟାଦା ଦିଆଯାଇଥିବାରୁ ତାହାର ଗୁରୁତ୍ୱ ବଢ଼ିଛି। ଅଥଚ ସେଠାରେ ଥିବା ଫାଣ୍ଡି ସହ ସଂଯୁକ୍ତ ଥିବା ଏକ ପ୍ଲାଟୁନ ପୁଲିସ ବାହିନୀକୁ କେଉଁ ପରିସ୍ଥିତିରେ ପ୍ରତ୍ୟାହାର କରିଦିଆଯାଇଥିଲା ତାହା ଆମକୁ ଅଜଣା। ଏବେ ପ୍ରଶାସନ ସେହି ପୁରୁଣା ବ୍ୟବସ୍ଥାକୁ ଫେରିଛନ୍ତି। ଆମର ଏଠାରେ କହିବାର କଥା ଯେ କ୍ଷମତା ବଦଳିଲେ ମଧ୍ୟ ବ୍ୟବସ୍ଥା ଅପରିବର୍ତ୍ତୀ ରହିବା ଜରୁରୀ। ଏହି ଛୋଟିଆ ଭୁଲରୁ କ୍ୟାପିଟାଲ ହସପିଟାଲରେ ଲଙ୍କାକାଣ୍ଡ ଘଟିଗଲା, ଆମେ ସେଥିପାଇଁ କାହାକୁ ଦାୟୀ କରିବା? ଏବେ ଆସିବା ନୟାଗଡ଼ ପ୍ରସଙ୍ଗକୁ। ଗୋଟିଏ ଅଢ଼େଇମାସର ଶିଶୁକୁ ଟିକା ଦେବାରେ ତ୍ରୁଟି ହେଉକି ଅନ୍ୟକିଛି, ଟିକା ସ୍ଥାନରୁ କ୍ରମାଗତ ରକ୍ତସ୍ରାବ ଘଟିବା ଅଭିଭାବକଙ୍କ ପାଇଁ ନିଶ୍ଚୟ ଚିନ୍ତା ଓ ଉଦ୍‌ବେଗର ବିଷୟ। ଏଏନଏମ ସ୍ତରରେ ହେଉଥିବା ତ୍ରୁଟିକୁ ମୁଖ୍ୟ ଚିକିତ୍ସାଳୟ ସ୍ୱତନ୍ତ୍ର ଚିକିତ୍ସା ମାଧ୍ୟମରେ ସୁଧାରି ପାରିଥା'ନ୍ତେ। ଏକ୍ଷେତ୍ରରେ ଯଥୋଚିତ ଗୁରୁତ୍ୱ ଦିଆ ନଯିବାରୁ ଶିଶୁଟିର ମୃତ୍ୟୁ ଘଟିଲା। ତେଣୁ ପରବର୍ତ୍ତୀ ପରିସ୍ଥିତି ଯାହା ହେବା କଥା ତାହା ହିଁ ସେଠାରେ ଉପୁଜିଲା। ଠିକାରେ ନିଯୁକ୍ତି ଏଏନଏମ ମାସ ମାସ ଧରି ବେତନ ନପାଇ ଏକନିଷ୍ଠ ସେବା ଦେଇ ନପାରିବାରେ ମଧ୍ୟ ଅସ୍ୱାଭାବିକତା ନାହିଁ। କିନ୍ତୁ ଏହା କାହାର ଜୀବନ ବିନିମୟରେ ହେବା ଉଚିତ ନୁହେଁ। ନିକଟ ଅତୀତରେ ଚିକିତ୍ସା ଅବହେଳା ସକାଶେ ସେଠାରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ବ୍ୟବସ୍ଥା ସୁଧାରିବାରେ ଏହା ଏକମାତ୍ର ବିକଳ୍ପ ନୁହେଁ।

ଏହି ଦୁଇଟି ଘଟଣା ଉପସ୍ଥାପନ କଲା ବେଳେ କଲକାତାର ଆରଜି କର ହସପିଟାଲ ଘଟଣା ସ୍ୱତଃ ସାମ୍ନାକୁ ଆସିଯାଉଛି। ଚିକିତ୍ସାକେନ୍ଦ୍ର ବା ହସପିଟାଲ ରଣକ୍ଷେତ୍ର ବା ଅପରାଧୀଙ୍କ ଆଡ୍ଡାସ୍ଥଳ ହେବାକୁ ଦିଆଯିବ ନାହିଁ। ସାର୍ବଭାରତୀୟ ସ୍ତରରେ ଯେଉଁ ନିର୍ଦ୍ଦେଶାବଳୀ ଅନୁପାଳନ ସକାଶେ କଠୋର ତାଗିଦ୍ କରାଯାଇଥିଲା ତାହା ଆମରାଜ୍ୟରେ କାର୍ଯ୍ୟକାରୀ ହେଉଛି ତ? ଆମେ ଯେଉଁ ଘଟଣା ଏଠାରେ ଉପସ୍ଥାପନ କରିଛୁ ତାହା ବିରଳ ଘଟଣା ନୁହେଁ। ବିଭିନ୍ନ ସ୍ଥାନରେ ତାହା ଉପୁଜୁଛି। ସରକାର ସେଥିପ୍ରତି ସଚେତନ ହେବା ଉଚିତ।

# ଶାସକର ଦରବାର ଊର୍ଦ୍ଧ୍ୱରେ ଶାସିତର ଦରବାର

ମନୋରଂଜନ ମହାନ୍ତି

ଇତିହାସ ସାକ୍ଷୀ, ପୃଥିବୀରେ ଯେଉଁ ରାଷ୍ଟ୍ରରେ ଶାସନକର୍ତ୍ତାମାନେ ସାଧାରଣ ଜନତାକୁ ଶୋଷଣ କରିଛନ୍ତି, ସେଠି ବିଦ୍ରୋହର ନିଆଁ ଜଳିଛି। ଅତୀତରେ ରୁଷିଆରେ ଜାର୍ ବିରୋଧରେ, ଫ୍ରାନ୍ସରେ ଷୋଡ଼ଶ ଲୁଇଙ୍କ ବିରୋଧରେ, ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗ ଶାସନ ବିରୋଧରେ, ପାକିସ୍ତାନରେ ଶାସକମାନଙ୍କ ବିରୋଧରେ ଜନସାଧାରଣ ସ୍ୱର ଜାଗ୍ରତ କରିଛନ୍ତି ଏବଂ ଅତ୍ୟାଚାରୀ ଶାସକମାନଙ୍କ ଶାସନର ଅନ୍ତ ଘଟାଇଛନ୍ତି। ଜନସାଧାରଣଙ୍କ ନେତୃତ୍ୱ ନେଇଛନ୍ତି ରୁଷିଆରେ ଲେନିନ୍, ଫ୍ରାନ୍ସରେ ଭଲ୍‌ଟାୟାର୍, ରୁଷୋ, ମଣ୍ଟେସ୍କ୍ୟୁ, ଦକ୍ଷିଣ ଆଫ୍ରିକାରେ ନେଲ୍‌ସନ୍ ମାଣ୍ଡେଲା, ପାକିସ୍ତାନରେ ମୁଜିବୁର୍ ରହେମାନ୍ ପ୍ରମୁଖ।

ସଂପ୍ରତି ପୃଥିବୀରେ ହିଂସା, ହତ୍ୟା, ରକ୍ତପାତର ବିଭୀଷିକା ସୃଷ୍ଟି ହେଉଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ମାତ୍ର ଦୁଇଟିର ଦୃଷ୍ଟାନ୍ତ ନିଆଯାଇପାରେ - ନେପାଳ ଓ ଫ୍ରାନ୍ସ। ନେପାଳରେ ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପିତ ହେଲା ଏବଂ ୨୦୦୮ରେ ରାଜପଦ ଉଚ୍ଛେଦ ହେଲା। ୧୯୯୦ରୁ ୨୦୦୮ ପର୍ଯ୍ୟନ୍ତ ମାତ୍ର ୧୮ ବର୍ଷ ମଧ୍ୟରେ ୧୫ଜଣ ପ୍ରଧାନମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଥିଲେ। ପୁନଶ୍ଚ ୨୦୦୮ରୁ ୨୦୨୫ ଯାଏଁ ୧୭ ବର୍ଷ ମଧ୍ୟରେ ୧୨ଜଣ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଲେଣି। ଯାହା ସ୍ପଷ୍ଟଭାବରେ ସୂଚାଇ ଦେଉଛି ଗୋଟେ ରାଜନୈତିକ ଅନିଶ୍ଚିତତା, ଅରାଜକତାକୁ। ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପନ ହେବା ଦିନରୁ ଏପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳ ଆର୍ଥିକ ଲାଭ ନିମିତ୍ତ କ୍ଷମତାର ଅପବ୍ୟବହାର କରିଛନ୍ତି। ଦେଶ ସାଧାରଣତନ୍ତ୍ରରେ ପରିଣତ ହେବା ପରଠାରୁ ଆର୍ଥିକ ଦୁର୍ନୀତିର ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ବିମାନ କିଣାଠାରୁ ଆରମ୍ଭ କରି କର୍ପୋରେଟ୍ ଓ ରିଅଲ୍ ଇଷ୍ଟେଟ୍ ନିବେଶ ପର୍ଯ୍ୟନ୍ତ, ଏପରିକି ଶ୍ରମିକ ଶୋଷଣ କ୍ଷେତ୍ରରେ ସବୁଠି ଦୁର୍ନୀତି। ଚଳିତ ବର୍ଷ ପ୍ରାରମ୍ଭରେ କିଛି ନେପାଳୀ ନାଗରିକଙ୍କୁ ଭୁଟାନ୍‌ର ଶରଣାର୍ଥୀ ଭାବରେ ମିଥ୍ୟା ପରିଚୟପତ୍ର ପ୍ରଦାନ କରାଯାଇଛି ସେମାନେ ବିଦେଶରେ ବାସକରିବା ନିମିତ୍ତ। ପ୍ରାୟ ୧ଲକ୍ଷ ସେହିଭଳି ମିଥ୍ୟା ପରିଚୟପତ୍ରଧାରୀ ଏବେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଇତ୍ୟାଦି ରାଷ୍ଟ୍ରରେ ବାସ କରୁଛନ୍ତି। ନିଜ ଦେଶରେ ବେକାରୀ, ବେରୋଜଗାରୀ ବଢୁଥିବାରୁ ନେପାଳୀମାନେ ଅନ୍ୟ ରାଷ୍ଟ୍ରକୁ ପଳାଇଯିବାକୁ ପସନ୍ଦ କରୁଛନ୍ତି। ଅଧିକାଂଶ ରାଜନେତା ନିଜ ପରିବାରର ଲୋକଙ୍କୁ ଏବଂ ପ୍ରିୟ ପରିଚିତମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀରେ ଅବସ୍ଥାପିତ କରୁଛନ୍ତି କିମ୍ବା ସେମାନଙ୍କୁ ବ୍ୟବସାୟ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ସାଧାରଣ ପାରିବାରିକ ପୃଷ୍ଠଭୂମି ଥିବା ଅନେକ ରାଜନେତା ରାଜନୀତିକୁ ମାଧ୍ୟମ କରି ସ୍ୱଳ୍ପକାଳ ମଧ୍ୟରେ ନିଜ ପାଇଁ ରାଜକୀୟ ପ୍ରାସାଦ ନିର୍ମାଣ କରୁଛନ୍ତି, ବିଳାସପୂର୍ଣ୍ଣ କାର୍ କିଣୁଛନ୍ତି, ନିଜର ବ୍ୟବସାୟିକ ପ୍ରତିଷ୍ଠାନରେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି। ସେମାନଙ୍କ ପିଲାମାନେ ଯେଉଁଳି ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରୁଛନ୍ତି ତା'କୁ ଦେଖି ସାଧାରଣ ଜନତା ବିରକ୍ତି ଓ କ୍ରୋଧ ପ୍ରକାଶ କରିବା ସ୍ୱାଭାବିକ।

ନେପାଳର ରାଜନୈତିକ ନେତୃତ୍ୱ ଓ ଅମଲାତନ୍ତ୍ରରେ ଉତ୍ତରଦାୟିତ୍ୱର ଅଭାବ, କୁଶାସନ, ବ୍ୟାପକ ଭ୍ରଷ୍ଟାଚାର, ଜ୍ଞାତିପକ୍ଷପାତିତା ବିରୋଧରେ ଦେଶର ଯୁବଗୋଷ୍ଠୀ ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମରେ ସ୍ୱର ଉତ୍ତୋଳନ କଲେ। ପ୍ରଧାନମନ୍ତ୍ରୀ କେ.ପି. ଓଲି ଓ ମନ୍ତ୍ରୀ, ଶାସନକର୍ତ୍ତାମାନେ ଏ ପ୍ରକାର ସମାଲୋଚନାକୁ ସହିପାରିଲେ ନାହିଁ, ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କଲେ। ଯୁବଗୋଷ୍ଠୀ ବିଦ୍ରୋହର ପନ୍ଥା ଅବଲମ୍ବନ କରିବାରୁ ପୁଲିସ୍‌ବାହିନୀ ଗୁଳି ଚଳାଇଲା, ସାଧାରଣ ଜନତା ଓ ଯୁବଛାତ୍ରମାନେ ମୃତାହତ ହେଲେ। ବିଦ୍ରୋହୀମାନେ କିଛି ରାଜନେତା ଏପରିକି ସାଂସଦ, ମନ୍ତ୍ରୀଙ୍କୁ ପ୍ରହାର କଲେ ଏବଂ ସେମାନଙ୍କ ବାସଗୃହରେ ନିଆଁ ଲଗାଇଦେଲେ।

ତେଣେ ଫ୍ରାନ୍ସରେ ରାଷ୍ଟ୍ରନାୟକ ମାକ୍ରନ୍‌ଙ୍କ ସ୍ୱେଚ୍ଛାଚାରିତା ସବୁ ସୀମା ଲଂଘନ କରିଛି। ମାତ୍ର ୧୨ମାସରେ ଜଣକ ପରେ ଜଣେ ୪ଜଣ ପ୍ରଧାନମନ୍ତ୍ରୀ-ପଦରେ ନିଯୁକ୍ତ ହୋଇଛନ୍ତି। ବିବାଦୀୟ ବଜେଟ୍ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେଲେ, ପରାସ୍ତ ହେଲା ପରେ ପଦଚ୍ୟୁତ ହେଲେ। ତରବରିଆ ଭାବେ ଆଉ ଜଣେ ପ୍ରଧାନମନ୍ତ୍ରୀଙ୍କୁ ଅବସ୍ଥାପିତ କରାଗଲା। ଗୋଟିଏ ବର୍ଷର ଅବଧିରେ ୪ଜଣ ପ୍ରଧାନମନ୍ତ୍ରୀ ଆସନରେ ବସିବା ଏବଂ ତ୍ରୁଟିପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ହେବା କଥାକୁ ସାଧାରଣ ଲୋକେ ବରଦାସ୍ତ କରିପାରୁନାହାନ୍ତି। ରାଜନୈତିକ ଅରାଜକତା ଓ ଅର୍ଥନୈତିକ ଦୁଃସ୍ଥିତି ପାଇଁ ଜନସାଧାରଣ ବିଶେଷତଃ ଛାତ୍ରଯୁବସମାଜ ରାଜରାସ୍ତାକୁ ଆସିବା ଓ ପୋଡ଼ାଜଳା କରିବା ଘଟଣା ସମଗ୍ର ବିଶ୍ୱକୁ ମନେପକାଇ ଦେଉଛି ଅଷ୍ଟାଦଶ ଶତାବ୍ଦୀର ଫରାସୀ ବିପ୍ଳବର କଥା। ଷୋଡ଼ଶ ଲୁଇଙ୍କ ଅବହେଳା, ଅତ୍ୟାଚାରରେ ଅତିଷ୍ଠ ହେଲେ ସାଧାରଣ ବୁଭୁକ୍ଷୁ ଜନତା। ଶାସକ ଓ ତାଙ୍କ ସମର୍ଥିତ ମୁଷ୍ଟିମେୟ ପଦଲେହନକାରୀଙ୍କ ବିଳାସ, ବ୍ୟସନ ଥିଲା ଆକାଶଛୁଆଁ। ସେମାନଙ୍କ ବିରୋଧରେ ସଂଘଟିତ ହେଲା ଗୋଟେ ବିପ୍ଳବ। 'ସ୍ୱାଧୀନତା', 'ସମାନତା' ଓ 'ଭ୍ରାତୃତ୍ୱ'ର ସ୍ଲୋଗାନ୍ ଥିଲା ତତ୍କାଳୀନ ବିପ୍ଳବର ମୂଳମନ୍ତ୍ର।

ବିଶ୍ୱ ଇତିହାସରେ ଏପରି ରାଶିରାଶି ଦୃଷ୍ଟାନ୍ତ ରହିଛି। ଚୀନ୍‌ର ଶାସକଗୋଷ୍ଠୀ ତିଆନାନ୍‌ମେନ୍ ସ୍କୋୟାର୍‌ରେ ଗୁଳିଚଳାଇ ଯୁବଛାତ୍ରମାନଙ୍କୁ ହତ୍ୟା କରିବାର ବୀଭତ୍ସତା ଏବେ ବି ବିଶ୍ୱଜନମାନସରୁ ଲିଭିଯାଇ ନାହିଁ। ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ସମର୍ଥନକରିପ୍ରତ୍ୟକ୍ଷଭାବରେଆନ୍ଦୋଳନକାରୀମାନଙ୍କୁ ଉତ୍ସାହିତ କରିଥିବାରୁ ଗାଓସିନ୍‌ଝିଆନ୍‌ଙ୍କୁ ଚୀନ୍‌ରୁ ବହିଷ୍କାର କରାଯାଇଛି। ସେହିପରି ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଆଲେକ୍‌ଜାଣ୍ଡାର୍ ଶୋଲ୍‌ଝେନିତ୍‌ସିନ୍ ରୁଷିଆରୁ, ସାନି ଆବାଚାଙ୍କ ସ୍ୱୈରଚାର ବିରୋଧରେ ବିପ୍ଳବ କରି ୱଲ୍ ସୋୟିଙ୍କା ନାଇଜେରିଆରୁ, ଆଣ୍ଟୋନିଓ ସାଲ୍‌ଜାର୍‌ଙ୍କ କୁ-ଶାସନ ବିରୋଧରେ ବିଷୋଦ୍‌ଗାର କରି ଜୋସ୍ ସାରାମାଗୋ ପର୍ତ୍ତୁଗାଲ୍‌ରୁ ନିର୍ବାସିତ ହୋଇଛନ୍ତି। ରୁଷିଆରେ ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିଥିବାରୁ ମାଣ୍ଡେଲ୍‌ଷ୍ଟାମ୍ କାରାରୁଦ୍ଧ ହୋଇଛନ୍ତି। ଦକ୍ଷିଣ-ଆଫ୍ରିକାରେ ଶ୍ୱେତକାୟମାନଙ୍କ ଅକଥନୀୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ନେଲ୍‌ସନ୍ ମାଣ୍ଡେଲା ବିଶ୍ୱଇତିହାସରେ ସର୍ବାଧିକ ୨୭ବର୍ଷ କାଳ କାରାଗାରରେ ଅତିବାହିତ କରିଛନ୍ତି। ସ୍ପେନ୍‌ରେ ଶାସକଗୋଷ୍ଠୀର ଯାବତୀୟ ଅନ୍ୟାୟ, ଅବିଚାର ବିରୋଧରେ ଜନଆନ୍ଦୋଳନକୁ ତେଜୀୟାନ୍ କରିଥିବା ଲୋର୍କାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଇଂଲଣ୍ଡରେ ଶାସନକର୍ତ୍ତାମାନଙ୍କର ଭ୍ରଷ୍ଟାଚାର ବିରୋଧରେ ସାଧାରଣ ଜନତାକୁ ସଚେତନ କରୁଥିବାରୁ ଡାନିଏଲ୍ ଡିଫୋଙ୍କୁ ଲଣ୍ଡନ୍‌ରେ ଏକ ଶାସ୍ତି ପ୍ରଦାନକାରୀ ଯନ୍ତ୍ର ବା ପିଲୋରୀରେ କ୍ରମାଗତ ୩ଦିନ ଧରି ଠିଆ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନରେ ଆୟୁବ ଖାଁ, ୟାହିଆ ଖାଁ ଓ ଅନ୍ୟ ଶାସନକର୍ତ୍ତାମାନଙ୍କ ଦ୍ୱାରା ପ୍ରଣୀତ ପୂର୍ବ-ପଶ୍ଚିମ ପାକିସ୍ତାନ ମଧ୍ୟରେ ପାତରଅନ୍ତର ନୀତିକୁ ବିରୋଧ କରି ମୁଜିବୁର ରହେମାନ୍ କାରାଦଣ୍ଡ ଭୋଗିଛନ୍ତି; ଅଥଚ ସ୍ୱାଧୀନ ବଙ୍ଗଳାଦେଶ ଗଠନ ପାଇଁ ଦାବି କରି ଆନ୍ଦୋଳନକୁ ତୀବ୍ରତର କରିଛନ୍ତି। ଘନ ଅନ୍ଧାର ରାତିରେ ଢାକା ବିଶ୍ୱବିଦ୍ୟାଳୟ ପରିସରରେ ନିଦ୍ରିତ, ନିରସ୍ତ୍ର ଛାତ୍ରମାନଙ୍କ ଉପରେ ପାକିସ୍ତାନୀ ସେନାବାହିନୀ ପ୍ରଚଣ୍ଡ ଆକ୍ରମଣ କରିଛି। ଭାରତବର୍ଷରେ ଆପତକାଳୀନ ପରିସ୍ଥିତି ସମୟରେ ସମ୍ପୂର୍ଣ୍ଣ କ୍ରାନ୍ତିର କର୍ଣ୍ଣଧାର ଜୟପ୍ରକାଶ ନାରାୟଣ ଓ ଅନ୍ୟ ନେତୃବୃନ୍ଦଙ୍କ ସମେତ ଯୁବ ଛାତ୍ରମାନେ କାରାରୁଦ୍ଧ ହୋଇଛନ୍ତି।

ଏସବୁ ସତ୍ତ୍ୱେ ପୃଥିବୀର କୌଣସି ରାଷ୍ଟ୍ରରେ ଆନ୍ଦୋଳନ ଚପିଯାଇନାହିଁ କି ଆନ୍ଦୋଳନକାରୀମାନେ ଦବିଯାଇନାହାନ୍ତି। ସାଧାରଣ ଜନତାର ବିପୁଳ ଦରବାରରେ ଶୋଷକ ଶାସକଗୋଷ୍ଠୀ ଉପଯୁକ୍ତ ଶାସ୍ତି ପାଇଛନ୍ତି। ରାଜନୀତି ଓ ଅମଲାତନ୍ତ୍ରରେ ଭ୍ରଷ୍ଟାଚାର ପାଇଁ ସର୍ବତ୍ର ସାଧାରଣ ଜନତାକୁ ଦାରୁଣ ଦୁଃଖ ଭୋଗିବାକୁ ହୋଇଛି। ଦୁଃଖ ସେମାନଙ୍କୁ କ୍ରୋଧୀ କରିଛି ଏବଂ ସେହି କ୍ରୋଧର ପ୍ରତିଫଳନ ଆନ୍ଦୋଳନକାଳରେ ଦେଖିବାକୁ ମିଳିଛି ରାଜରାସ୍ତାରେ। ଏହା ହିଁ ଘଟିଯାଇଛି ନେପାଳ, ଫ୍ରାନ୍ସ ଇତ୍ୟାଦି ରାଷ୍ଟ୍ରରେ। ସାଧାରଣ ଜନତା ସାମାଜିକ ସଂସ୍କାର ଚାହେଁ, ରାଜନୀତି ଓ ଅମଲାତନ୍ତ୍ର ଭ୍ରଷ୍ଟାଚାରରୁ ମୁକ୍ତ ହେବା ଚାହେଁ। ପୃଥିବୀର ସବୁ ରାଷ୍ଟ୍ରର ଶାସକଗୋଷ୍ଠୀ ଏ ଦିଗରେ ସଚେତନ ହେବାର କଥା। ସେମାନେ ମନେ ରଖିବାର କଥା ଯେ ଶାସକର ଦରବାର ଊର୍ଦ୍ଧ୍ୱରେ ଅବସ୍ଥିତ ଶାସିତର ଦରବାର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

# ପୃଥିବୀର କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ ଉପଗ୍ରହ

ଇଂ ମାୟାଧର ସ୍ୱାଇଁ

ଆମେ ଜାଣୁ ଯେ ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ହେଉଛି ଚନ୍ଦ୍ର। ପୃଥିବୀର ଆଦ୍ୟାବସ୍ଥାରେ ମଙ୍ଗଳ ଗ୍ରହ ଆକାରର ଗୋଟିଏ ଜ୍ୟୋତିର୍ବିଦୀୟ ପିଣ୍ଡ ସହିତ ପୃଥିବୀର ଧକ୍କା ହେବା ଫଳରେ ଏଥିରୁ କିଛିଅଂଶ ବାହାରି ଯାଇ ଚନ୍ଦ୍ରର ସୃଷ୍ଟି ହୋଇଛି। ଚନ୍ଦ୍ର ପୃଥିବୀଠାରୁ ହାରାହାରି ୩୮୪୩୯୯ କିଲୋମିଟର ଦୂରରେ ପୃଥିବୀକୁ ୨୯.୫ ଦିନରେ ଥରେ ପରିକ୍ରମଣ କରୁଛି।

ବେଳେବେଳେ ସୌରଜଗତର ଗ୍ରହାଣୁ ବଳୟରେ ଥିବା କେତୋଟି ଗ୍ରହାଣୁ ପୃଥିବୀର ନିକଟ ଦେଇ ଗତି କରିବା ବେଳେ ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ପୃଥିବୀକୁ ପରିକ୍ରମଣ କରିଥା'ନ୍ତି। କିନ୍ତୁ ଏଗୁଡ଼ିକ ସ୍ଥାୟୀ ଉପଗ୍ରହ ଭାବେ ରହି ପାରନ୍ତି ନାହିଁ। କିଛିଦିନ ପୃଥିବୀକୁ ପରିକ୍ରମଣ କରି ପୁଣି ଏହାର ଆକର୍ଷଣରୁ ବାହାରି ଯାଆନ୍ତି। ଏଗୁଡ଼ିକୁ ଦୁଇଟି ଶ୍ରେଣୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଉଛି କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ- ଉପଗ୍ରହ। କ୍ଷୁଦ୍ର ଉପଗହ ପୃଥିବୀ ଚାରିପଟେ ଅଳ୍ପଦିନ ପରିକ୍ରମଣ କରିଥାଏ। ଏପରିକି କେତେଗୁଡ଼ିଏ ପୃଥିବୀକୁ ଥରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିକ୍ରମଣ କରି ନ ଥା'ନ୍ତି। ନିକଟ ଅତୀତରେ ଦେଖା ଦେଇଥିବା ଗୋଟିଏ କ୍ଷୁଦ୍ର ଉପଗ୍ରହ ହେଉଛି '୨୦୨୪ ପିଟିଏସ୍'। ଏହାର ବ୍ୟାସ ହେଉଛି ମାତ୍ର ୧୧ ମିଟର ଏବଂ ଏହାକୁ ୨୦୨୪ ମସିହା ଅଗଷ୍ଟ ୭ ତାରିଖରେ ଦକ୍ଷିଣ ଆଫ୍ରିକାରେ ଥିବା ଆଟଲାସ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଆବିଷ୍କାର କରାଯାଇଥିଲା। ଏହା ୨୦୨୪ ମସିହା ସେପ୍ଟେମ୍ବର ୨୯ ତାରିଖରୁ ସେହି ବର୍ଷ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ମାତ୍ର ୧ ମାସ ୨୭ ଦିନ ପୃଥିବୀକୁ ପରିକ୍ରମଣ କରି କକ୍ଷରୁ ଚାଲି ଯାଇଥିଲା। ୨୦୨୪ ମସିହା ଅଗଷ୍ଟ ୮ ତାରିଖରେ ପୃଥିବୀଠାରୁ ଏହାର ନିକଟତମ ଦୂରତା ୫୬୭୦୦୦ କିଲୋମିଟର ଥିଲା। ଏହା ୨୦୮୪ ମସିହାରେ ପୁଣି ପୃଥିବୀକୁ ୪୩ ଦିନ ପରିକ୍ରମଣ କରିବ ବୋଲି ଗଣନା କରାଯାଇଛି। ପୂର୍ବରୁ ମଧ୍ୟ କେତୋଟି ଅସ୍ଥାୟୀ ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଛି। ବାସ୍ତବରେ ମଙ୍ଗଳ ଓ ବୃହସ୍ପତି କକ୍ଷ ମଝିରେ ଥିବା ଗ୍ରହାଣୁ ବଳୟରେ ୧୧ ଲକ୍ଷରୁ ଅଧିକ ଜଣା ଗ୍ରହାଣୁ ଅଛନ୍ତି ଏବଂ ଏଥିମଧ୍ୟରୁ ପ୍ରାୟ ୩୦ ହଜାର ଗ୍ରହାଣୁ ପୃଥିବୀ କକ୍ଷ ନିକଟକୁ ଆସିଥା'ନ୍ତି। ଯଦି କୌଣସି ଗ୍ରହାଣୁ ପୃଥିବୀର ୪୫ ଲକ୍ଷ କି.ମି ନିକଟକୁ ଧୀର ବେଗରେ ଆସିଥାଏ, ତା'ହେଲେ ପୃଥିବୀର ମାଧ୍ୟାକର୍ଷଣ ବଳ ତା'କୁ ନିଜ କକ୍ଷକୁ ଟାଣିଆଣେ। ୧୯୯୧, ୨୦୦୬, ୨୦୨୦ ଓ ୨୦୨୨ ମସିହାରେ ମଧ୍ୟ ଗୋଟିଏ ଗୋଟିଏ ଅସ୍ଥାୟୀ କ୍ଷୁଦ୍ର ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଥିଲା।

ଅର୍ଦ୍ଧ-ଉପଗ୍ରହକୁ ବାସ୍ତବ ଅର୍ଥରେ ପୃଥିବୀର ଉପଗ୍ରହ କୁହାଯାଇପାରିବ ନାହିଁ। ଏହା ପୃଥିବୀକୁ ପରିକ୍ରମଣ କରେ ନାହିଁ। କିନ୍ତୁ ଏହାର କକ୍ଷ ଓ ପୃଥିବୀର କକ୍ଷ ପ୍ରାୟ ସମାନ ଥାଏ। ଅର୍ଥାତ୍ ପୃଥିବୀ ସୂର୍ଯ୍ୟ ଚାରିପଟେ ଥରେ ଘୂରି ଆସିବା ପାଇଁ ଯେତିକି ସମୟ ନେଇଥାଏ ଏହା ମଧ୍ୟ ପ୍ରାୟ ସେତିକି ସମୟ ନେଇଥାଏ। ଏହା ଅନେକ ବର୍ଷ ପର୍ଯ୍ୟନ୍ତ ପୃଥିବୀ କକ୍ଷ ନିକଟରେ ରହୁଥିବାରୁ ଏହାକୁ ପୃଥିବୀର ଅର୍ଦ୍ଧ-ଉପଗ୍ରହ କୁହାଯାଏ। ପ୍ରକୃତରେ ଏହା ହେଉଛି ଗୋଟିଏ ଭୂ-ସମୀପବର୍ତ୍ତୀ ଗ୍ରହାଣୁ ଏବଂ ପୃଥିବୀ ଦ୍ୱାରା ଆକର୍ଷିତ ହୋଇ ଏହା ନିକଟକୁ ଆସିଯାଇଛି।

ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ହାୱାଇ ବିଶ୍ୱବିଦ୍ୟାଳୟର ପାନଷ୍ଟ୍ରାସ ପର୍ଯ୍ୟବେକ୍ଷଣାଗାର ଦ୍ୱାରା ଗୋଟିଏ ଅର୍ଦ୍ଧ-ଉପଗ୍ରହକୁ ଆବିଷ୍କାର କରାଯାଇଛି। ଏହାର ନାମ ୨୦୨୫ ପିଏନ୍୭ ଦିଆଯାଇଛି। ଏହାର ବ୍ୟାସ ହେଉଛି ୧୯ ମିଟର। ଏହାର କ୍ଷୁଦ୍ର ଆକାର ଓ ଅନ୍ଧାରୁଆ ପୃଷ୍ଠ ଯୋଗୁଁ ଏହା ବିଷୟରେ ବିଶଦ ତଥ୍ୟ ମିଳି ପାରିନାହିଁ। ପୃଥିବୀଠାରୁ ଏହାର ନିକଟତମ ଦୂରତା ହେଉଛି ୨୯୯,୦୦୦ କିମି.। ଜ୍ୟୋତିର୍ବିଦମାନେ ଗଣନା କରି ଜାଣି ପାରିଛନ୍ତି ଯେ ଏହା ୧୯୫୭ ମସିହାରେ ପୃଥିବୀର ଅର୍ଦ୍ଧ-ଉପଗ୍ରହର ସ୍ଥାନ ନେଇଛି ଏବଂ ପୃଥିବୀ କକ୍ଷ ନିକଟରେ ଏହା ୧୨୬ ବର୍ଷ ରହିବ। ୨୦୨୫ପିଏନ୍୭ ପୃଥିବୀର ପ୍ରଥମ ଅର୍ଦ୍ଧ ଉପଗ୍ରହ ନୁହେଁ। ଏହା ପୂର୍ବରୁ ମଧ୍ୟ ଆଉ କେତୋଟି ଅର୍ଦ୍ଧ-ଉପଗ୍ରହ ଜଣାଅଛି। ଗୋଟିଏ ଅର୍ଦ୍ଧ-ଉପଗ୍ରହ ହେଉଛି କାମୁଏ ଲେୱା। ଏହାକୁ ମଧ୍ୟ ପାନଷ୍ଟ୍ରାସ୍ ପର୍ଯ୍ୟବେକ୍ଷଣାଗାରରୁ ୨୦୧୬ ମସିହା ଅପ୍ରେଲ ୨୭ ତାରିଖରେ ଆବିଷ୍କାର କରାଯାଇଥିଲା। ଏହାକୁ ଆରମ୍ଭରେ ୨୦୧୬ ଏଚ୍‌ଓ୩ ନାମ ଦିଆଯାଇଥିଲା। ମାତ୍ର ୨୦୧୯ ମସିହାରେ ଏହାର ନାମ କାମୁଏଲେୱା ରଖାଯାଇଛି। ଏହାର ବ୍ୟାସ ୪୦ ରୁ ୧୦୦ ମିଟର ମଧ୍ୟରେ ଆକଳନ କରାଯାଇଛି। ଏହା ସୂର୍ଯ୍ୟକୁ ୦.୯ରୁ ୧.୧ ମହାଜାଗତିକ ଏକକ ଦୂରତାରେ ପରିକ୍ରମଣ କରୁଛି। ପୃଥିବୀଠାରୁ ସୂର୍ଯ୍ୟର ହାରାହାରି ଦୂରତାକୁ ଏକ ମହାଜାଗତିକ ଏକକ କୁହାଯାଏ। ସୂର୍ଯ୍ୟ ଚାରିପଟେ ଏହାର ପରିକ୍ରମଣ ସମୟ ହେଉଛି ୩୬୫.୭ ଦିନ; ଅର୍ଥାତ୍ ପୃଥିବୀର ପରିକ୍ରମଣ ସହିତ ସମାନ। ଏହାର କକ୍ଷପଥ ଅତିମାତ୍ରାରେ ଉପବୃତ୍ତୀୟ ହୋଇଥିବାରୁ ଏହା ସର୍ବଦା ପୃଥିବୀ କକ୍ଷ ସହିତ ସମାନ କକ୍ଷରେ ରହିନଥାଏ। ଏହା ଗତ ଶହେ ବର୍ଷ ଧରି ପୃଥିବୀର ସାଥୀ ହୋଇ ରହିଛି ଏବଂ ଅତିକମ୍‌ରେ ଆହୁରି ତିନି ଶହ ବର୍ଷ ପାଇଁ ଏହିପରି ଭାବେ ରହିବ।

କକ୍ଷୀୟ ଅନୁନାଦ ଅଧ୍ୟୟନ ଏବଂ ଭୂ-ସମୀପବର୍ତ୍ତୀ ଗ୍ରହାଣୁଗୁଡ଼ିକର ଗଠନକୁ ଜାଣିବା ପାଇଁ ଅର୍ଦ୍ଧ-ଉପଗ୍ରହ ହେଉଛି ଗୋଟିଏ ପ୍ରାକୃତିକ ପରୀକ୍ଷାଗାର। ଏହି ଲକ୍ଷ୍ୟ ନେଇ ଚୀନ୍ ୨୦୨୫ ମସିହା ମେ ୨୮ ତାରିଖରେ ଟିଆୱେନ-୨ ଯାନକୁ ମହାକାଶକୁ ଉତ୍‌କ୍ଷେପଣ କରିଛି। ଏହା କାମୁଏଲେୱା ନିକଟରେ ୨୦୨୬ ମସିହା ଜୁଲାଇ ମାସରେ ପହଞ୍ଚି ଏହା ପୃଷ୍ଠରୁ ନମୁନା ସଂଗ୍ରହ କରିବ ଏବଂ ନମୁନାକୁ ୨୦୨୭ ମସିହା ନଭେମ୍ବର ମାସରେ ପୃଥିବୀ ପୃଷ୍ଠକୁ ପଠାଇବ। ସେଥିରୁ ତାହାର ଗଠନ ସମ୍ବନ୍ଧରେ ବିଶଦ ତଥ୍ୟ ଜଣାପଡ଼ିବ ବୋଲି ଆଶା କରାଯାଉଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ତିବ୍ବତରେ ବୌଦ୍ଧ ବିହାର

## ଦ୍ୱିତୀୟ-ବୃଦ୍ଧ କଥା

ପ୍ରବୀର କୁମାର ପଟ୍ଟନାୟକ

ତିବ୍ବତରେ ବୌଦ୍ଧବିହାରଗୁଡ଼ିକ ସହର, ନଗର ଓ ଓ ଗ୍ରାମଠାରୁ ଅଳ୍ପଦୂରରେ ହିଁ ଅବସ୍ଥିତ। ପ୍ରାୟତଃ ଅଧିକାଂଶ ବୌଦ୍ଧବିହାର ପାହାଡ଼ ଉପରି ଭାଗରେ ହିଁ ନିର୍ମିତ। ତିବ୍ବତରେ କାଠର ଘୋର ଅଭାବ ଯୋଗୁଁ ବୌଦ୍ଧବିହାରଗୁଡ଼ିକ ପଥର ଓ ଖରାରେ ଶୁଖିଥିବା ଇଟା ବ୍ୟବହାର କରି ନିର୍ମାଣ କରାଯାଏ। ବିହାରଗୁଡ଼ିକର ଛାତ ପ୍ରାୟ ସମତଳ ଏବଂ କେତେକ ଚୀନ-ଶୈଳୀରେ ନିର୍ମିତ। ସମଗ୍ର ତିବ୍ବତରେ ଚାରିଆଡ଼େ ଖେଳାଇ ହୋଇ ପ୍ରାୟ ତିନିଶହରୁ ଅଧିକ ବୌଦ୍ଧବିହାର ଅବସ୍ଥିତ। ଏଗୁଡ଼ିକ ହେଉଛନ୍ତି ତିବ୍ବତୀୟ ସଂସ୍କୃତି ଓ ପରମ୍ପରାର କେନ୍ଦ୍ର ତଥା ଆଶ୍ରୟସ୍ଥଳ।

ଏହି ବିହାର ମଧ୍ୟରୁ ଅନେକ ବିଶାଳ ଆୟତନର। ଏଥିମଧ୍ୟରୁ କେତେକ ତିନି ହଜାରରୁ ଆରମ୍ଭ କରି ଦଶ ହଜାର ସଂଖ୍ୟକ ବୌଦ୍ଧ ଭିକ୍ଷୁ ବା ଲାମାଙ୍କର ରହଣି ସ୍ଥଳ। ବୃହତ୍ ଆକାରର ବିହାରଗୁଡ଼ିକରେ ଧାଡ଼ି ଧାଡ଼ି ଲାମାଙ୍କ ଆଶ୍ରୟ କୋଠରି ସବୁ ରହି ଏବଂ ଦୁଇ ବା ତିନି ମହଲା ବିଶିଷ୍ଟ କୋଠା ଓ ଚାରିପାଖେ ରହିଥିବା ବଡ଼ ବଡ଼ ଅଗଣା ରହି ଗୋଟିଏ ଗୋଟିଏ ସହର ଭଳି ଦେଖାଯାଏ। ଏହିଭଳି ବିଶାଳ ବିହାରଗୁଡ଼ିକର ସୁପରିଚାଳନା ହିଁ ଦେଶର ଶାସନ ବ୍ୟବସ୍ଥା ଲାମାମାନେ ନେଇଥିବାର ମୁଖ୍ୟ କାରଣ।

ବିହାର ଅବସ୍ଥିତ ଥିବା ସ୍ଥାନଟି ଅତ୍ୟନ୍ତ ସୁଦୃଶ୍ୟ। ସାଧାରଣତଃ ଏହାର ଦ୍ୱାର ପୂର୍ବଦିଗକୁ ଅଥବା ଦକ୍ଷିଣ ଦିଗକୁ ଖୋଲାଥାଏ। ଅନେକ ସ୍ଥଳରେ ଏହା ପାହାଡ଼ ଉପରେ ନଦୀ କୂଳରେ ଏବଂ ସାମନାରେ ହ୍ରଦଟିଏ ରହିଥିବା ସ୍ଥାନରେ ନିର୍ମିତ ହୋଇଥାଏ। ପ୍ରତ୍ୟେକଟି ବିହାରର ଚାରିପାଖରେ ବଗିଚା ମଧ୍ୟ ରହିଥାଏ। ବିହାରଗୁଡ଼ିକର ନାମକରଣ ଭାରତର ପ୍ରସିଦ୍ଧ ବୌଦ୍ଧ ବିହାର ନାମରେ ନାମିତ ହୋଇଥାଏ। ବିହାରଗୁଡ଼ିକର ସ୍ଥାପତ୍ୟ ସେହିଭଳି ଭାରତୀୟ ଶୈଳୀର। ତିବ୍ବତର ସମସ୍ତ ବୌଦ୍ଧ ବିହାରରେ ଲାମାମାନଙ୍କୁ ପ୍ରାଥମିକ ଶିକ୍ଷା ଦିଆଯାଇଥାଏ। ଧାର୍ମିକ ଶିକ୍ଷା ବ୍ୟତୀତ ସାହିତ୍ୟ, ବ୍ୟାକରଣ, ଚିକିତ୍ସାବିଦ୍ୟା, ଖୋଦେଇ ବିଦ୍ୟା (ଧାତୁ ଓ କାଠ), ରଙ୍ଗ କରିବା ଓ ଚିତ୍ରାଙ୍କନ ଆଦି ବିଭିନ୍ନ ଶିକ୍ଷା ଦିଆଯାଇଥାଏ। ଏହି ବିହାରରେ ଶିକ୍ଷା ଦାନ ମୁଖ୍ୟତଃ ଯେଉଁମାନେ ସଂଘରେ ପ୍ରବେଶ କରିଥା'ନ୍ତି, ସେମାନଙ୍କ ପାଇଁ ସାଧାରଣ ଲୋକଙ୍କ ପାଇଁ ନୁହେଁ। ଅନେକ ବଡ଼ ବଡ଼ ବିହାରରେ ବିଶ୍ୱବିଦ୍ୟାଳୟ ରହିଛନ୍ତି। ସମସ୍ତ ବିହାର ତଥା ବିଶ୍ୱବିଦ୍ୟାଳୟ ହେଉଛନ୍ତି ଆବାସିକ ଏବଂ ସମସ୍ତଙ୍କ ପାଇଁ ଭୂମି ଖଞ୍ଜା ଯାଇଛି। ଏହା ବ୍ୟତୀତ ଭକ୍ତ ଓ ତୀର୍ଥାଳୁମାନେ ମଧ୍ୟ ଏଗୁଡ଼ିକକୁ ସ୍ୱଇଚ୍ଛାରେ ଦାନ କରିଥା'ନ୍ତି। ଅମଳ ସମୟରେ ଲାମାମାନେ ଗ୍ରାମ ଗ୍ରାମ ବୁଲି ମଧ୍ୟ ଶସ୍ୟ ସଂଗ୍ରହ କରିଥା'ନ୍ତି। ଏହାବ୍ୟତୀତ ମନ୍ତ୍ରପାଠ, ଛବି ଓ ମୂର୍ତ୍ତି ଇତ୍ୟାଦି ବିକ୍ରି ସହ ଜାତକ ପ୍ରସ୍ତୁତି ଏବଂ ଜନ୍ମ, ବିବାହ, ମୃତ୍ୟୁ, ଚିକିତ୍ସା ସମୟରେ ପୂଜା- ଉପାସନା କାର୍ଯ୍ୟ ମଧ୍ୟ ଲାମାମାନେ କରିଥା'ନ୍ତି। ଏହାବ୍ୟତୀତ ଲାମାମାନେ ବିଭିନ୍ନ ଜିନିଷର ବ୍ୟବସାୟ ବାଣିଜ୍ୟ ସହ ମହାଜନୀ କାରବାର ମଧ୍ୟ କରିଥା'ନ୍ତି। ଏହି ସବୁ ଦିଗରୁ ବୌଦ୍ଧ ବିହାରଗୁଡ଼ିକର ବିପୁଳ ଆୟ ହୋଇଥାଏ। ବିହାରଗୁଡ଼ିକରେ ରହୁଥିବା ଲାମାମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ସଂଖ୍ୟକ ନିୟମିତ ବିଦ୍ୟାର୍ଥୀ ଏବଂ ଅନ୍ୟମାନେ ସେବକ ଅଥବା ସହାୟକ କାର୍ଯ୍ୟ କରିଥା'ନ୍ତି।

ପ୍ରତି ବୌଦ୍ଧ ବିହାରରେ ଗୋଟିଏ ବୌଦ୍ଧ ମନ୍ଦିର ରହିଛି। ତିବ୍ବତୀୟ ଭାଷାରେ ଏହି ମନ୍ଦିରକୁ ଲା-ଖନ୍ (ଈଶ୍ୱରଙ୍କ ଗୃହ) କୁହାଯାଏ। ମନ୍ଦିର ସାଧାରଣତଃ ବିହାରର କେନ୍ଦ୍ରସ୍ଥଳରେ ରହିଥାଏ ଏବଂ ମନ୍ଦିରଟି ବିହାରର ସବୁଠାରୁ ଅଧିକ ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଉପାସନା ସ୍ଥଳ ହୋଇଥାଏ। ବିଶାଳ ବିହାରଗୁଡ଼ିକରେ ଏକାଧିକ ମନ୍ଦିର ଥାଏ। ବିନା ମନ୍ଦିରରେ କୌଣସି ବୌଦ୍ଧ ବିହାର ନାହିଁ। ମନ୍ଦିରଗୁଡ଼ିକରେ ଥିବା ପ୍ରତିମାସବୁ ମୁଖ୍ୟତଃ ବୁଦ୍ଧ, ବୋଧିସତ୍ତ୍ୱ, ଅନ୍ୟ ଦେବଦେବୀ, ତାନ୍ତ୍ରିକ ଓ ଅଣ-ତାନ୍ତ୍ରିକ ବୌଦ୍ଧାଚାର୍ଯ୍ୟଗଣ ଅନ୍ୟାନ୍ୟ ଐତିହାସିକ ବ୍ୟକ୍ତିମାନଙ୍କର ହୋଇଥାଏ। ପ୍ରତିମାଗୁଡ଼ିକ ପ୍ରାୟତଃ ଉଜ୍ଜ୍ୱଳ ଦିଶୁଥିବା ତମ୍ବା ଧାତୁରେ ନିର୍ମିତ। ଲାମାମାନେ ଦିନରେ ଏକାଧିକବାର ମନ୍ଦିରରେ ଜମା ହୋଇ ମନ୍ତ୍ରୋଚ୍ଚାରଣ କରନ୍ତି। ପ୍ରତିମାଗୁଡ଼ିକ ବ୍ୟତୀତ ମନ୍ଦିରର କାନ୍ଥ ସବୁ ରଙ୍ଗୀନଭାବେ ଦେବଦେବୀଙ୍କର ଓ ଆଚାର୍ଯ୍ୟମାନଙ୍କର ଚିତ୍ରରେ ଭରି ରହିଥାଏ। ଏହି ପ୍ରତିମା ଓ ଚିତ୍ରପଟମାନ ଉଚ୍ଚମାନର ତିବ୍ବତୀୟ କଳାଶୈଳୀର ପ୍ରତୀକ। ଏଗୁଡ଼ିକସବୁ ଦୀର୍ଘସ୍ଥାୟୀ ତଥା ହୃଦୟଗ୍ରାହୀ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରକାଶ ପାଇଲା ଆର୍‌ଆଇ, ଅମିନ ଆଡ୍‌ମିଟ୍ କାର୍ଡ

## ୩ଟି ସିଫ୍ଟରେ ନଭେମ୍ବର ୧୩ ପର୍ଯ୍ୟନ୍ତ ପରୀକ୍ଷା

ଭୁବନେଶ୍ୱର, ୨୬।୯(ସମିସ): ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଜାରି ହୋଇଛି। ଆସନ୍ତା ୮ ତାରିଖରୁ ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ଦିନକୁ ୩ଟି ଲେଖାଏଁ ସିଫ୍ଟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ପ୍ରଥମ ସିଫ୍ଟ ସକାଳ ୯ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ଦ୍ୱିତୀୟ ସିଫ୍ଟ ୧୨ଟାରୁ ୧.୩୦ଏବଂ ତୃତୀୟ ସିଫ୍ଟ ୩ ଟାରୁ ୪.୩୦ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଆରମ୍ଭ ହେବାର ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିପାରିବେ। ସେହିପରି ପରୀକ୍ଷା ଆରମ୍ଭର ୨୦ମିନିଟ୍ ପୂର୍ବରୁ ଗେଟ୍ ବନ୍ଦ କରାଯିବ। କମ୍ପ୍ୟୁଟର ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ପରୀକ୍ଷା ହେବ। ଏନେଇ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି।

ମୂଳରୁ ଏହି ପରୀକ୍ଷା ବିବାଦୀୟ ହୋଇଛି। ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାବେଳେ ସମସ୍ତଙ୍କୁ ଉତ୍ତୀର୍ଣ୍ଣ କରିଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷା ଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ। ଫଳରେ ଆବେଦନ କରିଥିବା ୫ଲକ୍ଷ ୫୮ହଜାର ୧୨୮ ଆବେଦନକାରୀ ପୁଣିଥରେ ପରୀକ୍ଷା ଦେଇପାରିବେ।

# ୩୫ ସାଂଗଠନିକ ଜିଲ୍ଲା ସଭାପତି ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲାସଭାପତିଙ୍କ ନାଁ ଘୋଷଣା କରିଛି କଂଗ୍ରେସ। ପ୍ରଥମ ଥର ପାଇଁ ଓଡ଼ିଶାରେ ସଂଗଠନ ସୃଜନ ପ୍ରକ୍ରିୟାରେ ଚୟନ ହୋଇଥିବା ସଭାପତି ତାଲିକା ଉପରେ ଏଆଇସିସି ମୋହର ମାରିଛି।

ଅନୁଗୁଳ ଜିଲ୍ଲା ପାଇଁ ସୁନିଲ ପ୍ରଧାନଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ବାଲେଶ୍ୱର ପାଇଁ ସତ୍ୟଶିବ ଦାସ, ବରଗଡ଼ ହରଦୀପ ସିଂ, ଭଦ୍ରକ ନଳୀନିକାନ୍ତ ମହାନ୍ତି, ଭୁବନେଶ୍ୱର ପ୍ରକାଶ ଚନ୍ଦ୍ର ଜେନା, ବଲାଙ୍ଗିର ଅନୀଲ୍ ମେହେର, ବୌଦ୍ଧ ବିନ୍ଧ୍ୟବୀନି ସାହୁ, କଟକ ପ୍ରଦୀପ୍ତ କୁମାର ଦାସ, କଟକ ନଗର ପାଇଁ ଗିରିବାଳା ବେହେରା, ଦେବଗଡ଼ ସେମ୍ ହେମ୍ବ୍ରମ, ଢେଙ୍କାନାଳ ଛବିରାଜ ବିଶ୍ୱାଳ, ଗଜପତି ଦାଶରଥି ଗମାଙ୍ଗୋ, ଗଞ୍ଜାମ (ପୂର୍ବ) ରଶ୍ମିରଞ୍ଜନ ପଟ୍ଟନାୟକ, ଗଞ୍ଜାମ (ପଶ୍ଚିମ) ରମେଶ ଚନ୍ଦ୍ର ଜେନା, ଜଗତସିଂହପୁର ଦେବପ୍ରସାଦ ନାୟକ, ଯାଜପୁର ମାଗୁଣି ବଟକୃଷ୍ଣ ଜେନା, ଝାରସୁଗୁଡ଼ା ଜୀବନ ସାର୍ଥକ ଦାସ, କଳାହାଣ୍ଡି ଜଳନ୍ଧର ନାୟକ, କନ୍ଧମାଳ ଚନ୍ଦ୍ରଶେଖର ପରିଡ଼ା, କେନ୍ଦ୍ରାପଡ଼ା ଡା. ଦେବସ୍ମିତା ଶର୍ମା, କେନ୍ଦୁଝର ମନୋଜ କୁମାର ଜେନା, ଖୋର୍ଦ୍ଧା ରାଜୀବ କୁମାର ପଟ୍ଟନାୟକ, କୋରାପୁଟ ରୁପକ ତୁର୍କୁ, ମାଲକାନଗିରି ଜି ଶ୍ରୀନିବାସ ରାଓ, ମୟୂରଭଞ୍ଜ ପୂର୍ବ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମୟୂରଭଞ୍ଜ ପଶ୍ଚିମ ଭୂଷଣ ବିହାରୀ ସାହୁ, ନବରଙ୍ଗପୁର ଡା ଲିପିକା ମାଝୀ, ନୟାଗଡ଼ ରଞ୍ଜିତ ଦାସ, ନୂଆପଡ଼ା ଘାସିରାମ ମାଝୀ, ପୁରୀ ରାଜେଶ କୁମାର ମିଶ୍ର, ରାୟଗଡ଼ା ଆପାଲ୍ଲା କାଡ୍ରାକା ସ୍ୱାମୀ, ରାଉରକେଲା ସବିର ହୁସେନ୍, ସମ୍ବଲପୁର ଅମିତ କୁମାର ଗୁରୁ, ସୁବର୍ଣ୍ଣପୁର ବିନୋଦ ପାତ୍ର ଓ ସୁନ୍ଦରଗଡ଼ ପାଇଁ ନିର୍ମଳ ଚନ୍ଦ୍ର ନାୟକ ଜିଲ୍ଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।

ସୂଚନା ଥାଉ କି ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଥିଲେ। ଏହାକୁ ଯାଞ୍ଚ କରିବା ପରେ ଏଆଇସିସି ପକ୍ଷରୁ ଜଣଙ୍କ ନାମ ଉପରେ ମୋହର ବାଜିଛି।

## ମୁଖ୍ୟମନ୍ତ୍ରୀ ମକା ମିଶନର ପରାମର୍ଶ କର୍ମଶାଳା ଅନୁଷ୍ଠିତ

# ରାଜ୍ୟର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ମକା

ଭୁବନେଶ୍ୱର,୨୬।୯(ସମିସ): ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନରେ ପ୍ରଥମ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା କୃଷି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏହି କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, ଧାନ ପରେ ମକା ରାଜ୍ୟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଭାବେ ପରିଗଣିତ ହେଉଛି। ଆଜିର ସମୟରେ ୧୫ଟି ଜିଲ୍ଲା ଓ ୪୫ଟି ବ୍ଲକ୍‌ରେ ମକା ମିଶନ କାର୍ଯ୍ୟ କରୁଛି। ଏହି ମିଶନ ବିଭିନ୍ନ ସରକାରୀ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ମିଶନ ଶକ୍ତି ଏବଂ ଓରମାସ ଇତ୍ୟାଦି ବିଭାଗମାନଙ୍କ ସହଭାଗିତାର ଏକ ଉତ୍କୃଷ୍ଟ ଉଦାହରଣ। ନିୟମିତ କ୍ରେତା-ବିକ୍ରେତା ବୈଠକ ମକା ବିପଣନରେ ସକରାତ୍ମକ ପ୍ରଭାବ ପକାଇଛି। ନବରଙ୍ଗପୁରରେ ବିଜୟନଗର ବାୟୋ-ଟେକ, ଏକ ମକା ଆଧାରିତ ଷ୍ଟାର୍ଚ ଇଣ୍ଡଷ୍ଟ୍ରି ସ୍ଥାପନା ରାଜ୍ୟରେ ମକା ଚାଷର ଏକ ପ୍ରେରଣାଦାୟକ ଉତ୍ସ ହେବାକୁ ଯାଉଛି।

ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ କହିଲେ, ରାଜ୍ୟ ସରକାରଙ୍କ ଇଥାନଲ୍ ମିଶ୍ରଣ ନୀତି ଏବଂ ମିଠା ମକା ଓ ବେବି କର୍ଣ୍ଣର ବ୍ୟବହାର ଯୋଗୁଁ ମକା ଚାଷ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଚକ୍ରବର୍ତୀ ସିଂହ ରାଠୋର କହିଲେ, ଏହି ମିଶନ ଦୁଇଟି ଏକୀକୃତ ଆବଶ୍ୟକତା ସହିତ ଆରମ୍ଭ ହୋଇଛି। ମକାର ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କୁ ଉତ୍ତମ ବଜାର ମୂଲ୍ୟ ଯୋଗାଇ ଦେଉଛି। ମିଶନ ଶକ୍ତିର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ନିର୍ଦ୍ଦେଶକ ଲିଟି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏମଓୟୁ ସ୍ୱାକ୍ଷର କରିଥିବା ଦଶ କ୍ରେତା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା କୁକୁଡ଼ା ଖାଦ୍ୟ ଶିଳ୍ପ ଓ ଇଥାନଲ ଉତ୍ପାଦନ କମ୍ପାନୀ ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମ ମିଶନ ପ୍ରୋଗ୍ରାମ ସେକ୍ରେଟାରିଆଟ ଆକ୍ସେସ ଡେଭେଲପମେଣ୍ଟ ସର୍ଭିସେସ ଦ୍ୱାରା ସଂଯୋଜନା କରାଯାଇଥିଲା। ଶେଷରେ, ଯୁଗ୍ମ କୃଷି ନିର୍ଦ୍ଦେଶକ (ଡାଲି ଏବଂ ତୈଳବୀଜ) ତଥା ନୋଡାଲ ଅଧିକାରୀ, ମୁଖ୍ୟମନ୍ତ୍ରୀ ମକା ମିଶନ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅବପାତ ରୂପ ନେଲା...

ଏବେ ମୁଣ୍ଡଳୀରେ ଅତିକ୍ରମ କରୁଛି। ସନ୍ଧ୍ୟା ସୁଦ୍ଧା ନରାଜଠାରେ ମହାନଦୀ ସତର୍କ ସଙ୍କେତ୍ ମଧ୍ୟ ପାର୍ କରିଛି। ନରାଜଠାରେ ସତର୍କ ସଙ୍କେତ ୨୫.୪୧ ମିଟର ଥିବା ବେଳେ ଏଠାରେ ବିପଦ ସଙ୍କେତ ୨୬.୪୧ ମିଟର ରହିଛି। ସନ୍ଧ୍ୟା ସୁଦ୍ଧା ଏଠାରେ ବନ୍ୟାଜଳ ସତର୍କ ସଙ୍କେତ ଉପରେ ଅର୍ଥାତ ୨୫.୭୧ ମିଟର ଉପରେ ପ୍ରବାହିତ ହେଉଛି। ଶନିବାର ମୁଣ୍ଡଳୀ ଦେଇ ୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରତିସେକେଣ୍ଡରେ ପ୍ରବାହିତ ହେବାର ଆଶଙ୍କା ରହିଛି। ଏହା ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ମାତ୍ର ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇଛି। ଆଜି ଭଟ୍ଟାରିକା ପୀଠରେ ପାଣି ପଶିଥିବା ବେଳେ ମହାନଦୀ ସମ୍ପୂର୍ଣ୍ଣ ଫୁଲି ରହିଛି। ଯଦି ଶୁକ୍ରବାର ରାତିରେ ତଳ ମୁଣ୍ଡରେ ଅଧିକ ବର୍ଷା ହୁଏ ତେବେ ମହାନଦୀରେ ବନ୍ୟା ଭୟ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି।

ଶନିବାର ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ମାତ୍ର ଏହି ଅବପତା ଓଡ଼ିଶା ଅତିକ୍ରମ କରିବା ପରେ ପୁଣି ଏକ ଲଘୁଚାପ ଆସନ୍ତା ୨ ତାରିଖରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସବୁ ନଦୀରେ ଜଳସ୍ତର ଉଚ୍ଚା ରହିଥିବାରୁ ଆସନ୍ତା ଲଘୁଚାପକୁ ନେଇ ମଧ୍ୟ ଡର ବଢ଼ିଛି। ୨ ତାରିଖରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା କରାଇପାରେ। ତେଣୁ ଆସନ୍ତା ଲଘୁଚାପ ଉପରେ ଏବେଠାରୁ ନଜର ରହିଛି।

### ବର୍ଷା, ବନ୍ୟା ସ୍ଥିତି...

ଢେଙ୍କାନାଳ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଏହି ଆଲୋଚନାରେ, ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନେ ବର୍ଷାକୁ ନଜରରେ ରଖି ଏହାର ପୂର୍ବ ପ୍ରସ୍ତୁତି କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ଏବଂ ଏହାର ତଥ୍ୟଗୁଡ଼ିକ ନିୟମିତ ଭାବେ ଅପଡେଟ୍ କରିବା ସହ ପରିବର୍ତ୍ତିତ ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସହରାଞ୍ଚଳରେ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଡ୍ରେନେଜ୍ ଇଞ୍ଜିନିୟର୍ ଏବଂ ଅଧିକାରୀମାନଙ୍କୁ ସହାୟକ କର୍ମଚାରୀ ଏବଂ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

ଏଥିସହ ଦାୟିତ୍ୱରେ ଥିବା ଇଞ୍ଜିନିୟରିଂ କର୍ମଚାରୀମାନେ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ତୁରନ୍ତ ସହାୟତା ପାଇଁ ଓଡ୍ରାଫ୍ ଏବଂ ଅଗ୍ନିଶମ ସେବା ୟୁନିଟ୍‌ଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ, ବିଶେଷକରି ତଳିଆ ଅଞ୍ଚଳ କିମ୍ବା ଯେଉଁଠାରେ ବନ୍ୟା ଆଶଙ୍କା ରହିଛି ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ୟୁନିଟ୍‌ଗୁଡ଼ିକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ପାହାଡ଼ିଆ ଅଞ୍ଚଳରେ ଭୂ-ସ୍ଖଳନର ସମ୍ଭାବନା ଥିବାରୁ ଉକ୍ତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ବିଶେଷକରି, ମାଲକାନଗିରି ଜିଲ୍ଲାରେ ଅଧିକ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟସ୍ଥଳକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି ଏବଂ ସେଥିରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ମହଜୁଦ ରଖାଯାଇଛି ବୋଲି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇ ରନ୍ଧାଖାଦ୍ୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଔଷଧପତ୍ର, ସାପ କାମୁଡ଼ା ଇଞ୍ଜେକ୍ସନ୍, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ପଶୁ ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏବଂ ଆଭାସୀ ମାଧ୍ୟମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନସଚିବ, ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମୁଣ୍ଡଳୀରେ ପହଞ୍ଚିଲା...

ବନ୍ୟା ପରିସ୍ଥିତି ଉପୁଜିବାର ସମ୍ଭାବନା ଦେଖାଦେଇଛି। ମୁଣ୍ଡଳୀ ବ୍ୟାରେଜ୍‌ର ଜଳସ୍ତର ବିପଦ ସଂକେତ ଉପର ମୁଣ୍ଡରେ ୯୭.୨୫ ଫୁଟ୍ ଏବଂ ତଳ ମୁଣ୍ଡରେ ୯୫.୦୫ ଫୁଟ୍ ରହିଛି। ମୁଣ୍ଡଳୀ ଦେଇ ୧୨ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଲେ ତଳମୁଣ୍ଡରେ କିମ୍ବା ତଳମୁଣ୍ଡରେ ଥିବା ନଦୀକୂଳିଆ ଅଞ୍ଚଳରେ ବନ୍ୟା ଦେଖାଦେଇଥାଏ। ଯେହେତୁ ବର୍ତ୍ତମାନ ମୁଣ୍ଡଳୀରେ ସେଭଳି କୌଣସି ବିପଦ ସଂକେତ ନାହିଁ, ତଥାପି ବର୍ଷା ଲାଗି ରହିଥିବାରୁ ତଳିଆ ଅଞ୍ଚଳର ଲୋକଙ୍କ ମନରେ ଏକପ୍ରକାର ଭୟ ଦେଖାଦେଇଛି।

### ବ୍ରାଣ୍ଡେଡ୍ ଔଷଧ...

ବେଳେ କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦% ଏବଂ ଭାରୀ ଟ୍ରକ୍ ଉପରେ ୩୦% ଶୁଳ୍କ ଲଗାଇଛନ୍ତି। ଏହି ନୂଆ ଟାରିଫ୍ ଅକ୍ଟୋବର ପହିଲାରୁ ଲାଗୁ ହେବ।

ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଅକ୍ଟୋବର ପହିଲାରୁ ବ୍ରାଣ୍ଡେଡ୍ କିମ୍ବା ପେଟେଣ୍ଟ ହୋଇଥିବା ଔଷଧ ଉପରେ ଶତ ପ୍ରତିଶତ ଶୁଳ୍କ ଲାଗୁ ହେବ। ତାଙ୍କ ନିଷ୍ପତ୍ତି କେବଳ ଆମେରିକାରେ ନିଯୁକ୍ତି ବୃଦ୍ଧି କରିବ ନାହିଁ ବରଂ ବିଦେଶୀ କମ୍ପାନୀଗୁଡ଼ିକୁ ମଧ୍ୟ ଆକର୍ଷିତ କରିବ। ଏହା ଆମେରିକୀୟ କାରଖାନାଗୁଡ଼ିକୁ ଆହୁରି ମଜବୁତ କରିବ। ଏବେ ଟ୍ରମ୍ପ ଔଷଧ ଉପରେ ଟାରିଫ୍ ବୃଦ୍ଧି କରିଛନ୍ତି, ଯାହା ଔଷଧ ଏବଂ ରୋଷେଇ କ୍ୟାବିନେଟ୍ ଉଭୟର ମୂଲ୍ୟ ବୃଦ୍ଧି କରିବ। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଲେଖିଛନ୍ତି ଯେ ସମସ୍ତ ବ୍ରାଣ୍ଡେଡ୍ ଏବଂ ପେଟେଣ୍ଟ ଔଷଧ ଉତ୍ପାଦଗୁଡ଼ିକ ଅକ୍ଟୋବର ପହିଲାରୁ ୧୦୦% ଶୁଳ୍କ ଲାଗୁ ହେବ। ଏହାଦ୍ୱାରା ଆମେରିକାରେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଔଷଧ କମ୍ପାନୀଗୁଡ଼ିକ ଶୁଳ୍କ ରିଆତି ପାଇବେ। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏହି ଶୁଳ୍କ ଭାରତୀୟ ଔଷଧ ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। କାରଣ ଆମେରିକା ପ୍ରତିବର୍ଷ ବିଦେଶରୁ ବହୁ ସଂଖ୍ୟକ ଔଷଧ ଆମଦାନୀ କରିଥାଏ। ଔଷଧ ଉପରେ ଶୁଳ୍କ ବୃଦ୍ଧି କେବଳ କମ୍ପାନୀଗୁଡ଼ିକୁ ନୁହେଁ ବରଂ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ପ୍ରଭାବିତ କରିବ। କାରଣ କେବଳ ଗତ ବର୍ଷ ଆମେରିକା ଭାରତରୁ ୨୩୩ ବିଲିୟନ ଡଲାର ମୂଲ୍ୟର ଔଷଧ ଏବଂ ଅନ୍ୟାନ୍ୟ ଚିକିତ୍ସା ଉପକରଣ କିଣିଥିଲା। ଏପରି ପରିସ୍ଥିତିରେ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ ଔଷଧ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡିବ।

ପୂର୍ବରୁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିବା ଟ୍ରମ୍ପ ଭିସା ଝଟକା ବି ଦେଇଛନ୍ତି। ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗି ଭାରତକୁ ଆଉ ଏକ ଝଟକା ଦେଇଛନ୍ତି।

### ପ୍ରିୟାଂଶୁ ପାଲ୍...

ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଶୋଭନ୍ ପଟ୍ଟନାୟକ ତୃତୀୟ, ମିର୍ଜା ଫୈଜ ଅହମ୍ମଦ କ୍ୱାଦ୍ରି ଚତୁର୍ଥ, ଚିନ୍ମୟ ସାହୁ ପଞ୍ଚମ, ଅନ୍ତିମ ସ୍ୱାଇଁ ଷଷ୍ଠ, ଶୈଳେଶ କୁମାର ଭୋଇ ସପ୍ତମ, ମହମ୍ମଦ ନାଜିଫ ହାତିଫ ଅଷ୍ଟମ, ଚିନ୍ମୟ କୁମାର ପାଢ଼ୀ ନବମ ଓ ମିଳନ ମହାପାତ୍ର ଦଶମ ସ୍ଥାନ ଅଧିକାର କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୋଟ ୧୪୪ଜଣ ଅର୍ଥାତ୍ ମାତ୍ର ୩୬ପ୍ରତିଶତ ମହିଳା ପ୍ରାର୍ଥୀ ଅଛନ୍ତି।

ଚଳିତଥର ଟପର୍ ହୋଇଥିବା ଅନୁଗୋଳ ତୁରଙ୍ଗର ବାସିନ୍ଦା ପ୍ରିୟାଂଶୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ତାଙ୍କ ବାପା ସେନାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେବା କରିଛନ୍ତି। ତାହା ତାଙ୍କୁ ଲୋକଙ୍କ ସେବା କରିବାକୁ ପ୍ରେରିତ କରିଥିଲା। ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ଆରମ୍ଭ କରିଥିଲେ। ସଫଳତା ପାଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ସରକାରୀ ବ୍ୟବସ୍ଥାକୁ ବୁଝିବା ପରେ ସ୍ୱଚ୍ଛତାର ସହ କାର୍ଯ୍ୟନିର୍ବାହ କରିବାକୁ ଉଦ୍ୟମ କରିବେ। ସେହିପରି ସରକାର ଲୋକଙ୍କ ପାଇଁ କରୁଥିବା ଯୋଜନାଗୁଡ଼ିକୁ ସଫଳ ରୂପାୟନ କରିବାକୁ ପ୍ରାଥମିକତା ଦେବେ। କାର୍ଯ୍ୟାଳୟକୁ ଆସି ଯେମିତି କୌଣସି ଲୋକ ଫେରିନଯିବେ, ସେଥିପାଇଁ ତତ୍ପର ରହିବେ। ଚାକିରିରେ ଥାଇ ମଧ୍ୟ ତାଙ୍କ ଭଉଣୀ ଗତବର୍ଷ ଓଏଏସ୍ ପାଇଥିଲେ। ଏହା ମଧ୍ୟ ତାଙ୍କୁ ପଢ଼ିବାକୁ ପ୍ରେରିତ କରିଥିଲା। ଗତ ଜାନୁଆରୀରୁ ସେ ଚାକିରି ଛାଡ଼ି ପୂର୍ଣ୍ଣ ପ୍ରସ୍ତୁତି କରୁଥିଲେ।

ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଅନନ୍ୟା ପୂର୍ବରୁ ଓଜେଏସ୍ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇ ଜଜ୍ ଭାବେ କାର୍ଯ୍ୟ କରୁଥିଲେ। ଏପରିକି, ରାଙ୍କର ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଲୋକଙ୍କ ସେବା କରିବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଦେବାକୁ ମନସ୍ଥ କରିଥିଲେ। କିନ୍ତୁ ନ୍ୟାୟପାଳିକାର କିଛି ପ୍ରତିବନ୍ଧକ ପାଇଁ ତାଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଥିଲା। ଓସିଏସ୍ ପରୀକ୍ଷା ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରି ଦ୍ୱିତୀୟ ପ୍ରୟାସରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ସହ ମିଶି ସରକାରଙ୍କ ପ୍ରତିଟି ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବେ। ଜଜ୍ ଭାବେ ଘଟଣା ଘଟିବା ପରେ ରାୟ ଦେଇଥା'ନ୍ତେ; ହେଲେ ପ୍ରଶାସନିକ ଅଧିକାରୀ ଭାବେ ଏହା ପୂର୍ବରୁ ଲୋକଙ୍କ ପାଖରେ ପହଞ୍ଚି ପାରିବା ଆତ୍ମସନ୍ତୋଷ ପ୍ରଦାନ କରିବ ବୋଲି ସେ କହିଛନ୍ତି।

ସାକ୍ଷାତକାର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ପ୍ରମାଣପତ୍ର ଯାଞ୍ଚ ସମୟରେ ୨ଜଣ ପ୍ରାର୍ଥୀ ଅନୁପସ୍ଥିତ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ସେହିପରି ଜାତି ପ୍ରମାଣପତ୍ର ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନପାରିବାରୁ ଦୁଇ ଜଣଙ୍କୁ ବାଦ୍ ଦିଆଯାଇଛି। ପୂର୍ବତନ କର୍ମଚାରୀ ଭାବେ ତଥ୍ୟ ଦେଇଥିବା ୩ଜଣ ଅଧିକାରୀଙ୍କୁ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବାରୁ ତାଙ୍କୁ ବାଦ୍ ଦିଆଯାଇଛି।

ସୂଚନାଯୋଗ୍ୟ, ଓସିଏସ୍ ମୁଖ୍ୟ ପରୀକ୍ଷା ଚଳିତବର୍ଷ ଏପ୍ରିଲ ୧୯, ୨୦, ୨୨, ୨୪, ୨୭ ଏବଂ ମେ' ୧୫ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ସେପ୍ଟେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସାକ୍ଷାତକାର ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ପରେ ଓପିଏସ୍‌ସି ୩୯୮ ଜଣ ପ୍ରାର୍ଥୀଙ୍କୁ ଚୟନ କରିଛି।


**PUBLIC NOTICE**

This NOTICE is hereby given that my client Mr. DASARATHI SAHOO, S/O RANKANATH SAHOO has lost Original Regd. Sale Deed No. 4736, dtd. 08/08/1966 Deed details : Khata No- 55, Plot No. 62 Mouza- Cheunkasahi, P.S./ Tahasil- Banpur, Dist- Khurda, Odisha and a FIR (complaint no. 2448300207250016) for the same has been lodged at Banpur Police Station on 25th September 2025. All person / persons are hereby informed to put their claims or interest of objection about the said above referred documents and / or about the said property or any part thereof, within a period of 15 days along with the sufficient evidencefrom appearance of this notice. If deed is not found within 15days, then the certified copy of the document obtained from the registry office will be considered as the original document.

Samir Kumar Paikaray (Advocate)
Bhubaneswar Court
Ph: 7008005419

**AFFIDAVIT**

By virtue of an affidavit before the Notary Public, Titilagarh, on dated- 11/09/2025. I, **Truptimayee Mishra** (new name), formerly called as Truptimayee Pujahari (old name), Wife of Ghanashyam Mishra, permanent resident of AT/PO/PS: Titilagarh (Hatpada Pada, Ward No.14), Dist- Bolangir, (Odisha), PIN- 767033 declare that I have changed my name from **Truptimayee Pujahari** (old name) to **Truptimayee Mishra** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Truptimayee Mishra** (new name).

**Truptimayee Mishra**

KORAPUT CENTRAL CO-OPERATIVE BANK LTD.,
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Phone No. (06854) 241159 / 232714
Email: ceo@koraputccb.com

Letter No. 2409/P&S/2025-26 Date 24.09.2025

**QUOTATION CALL NOTICE**

Sealed quotations are invited from the intending registered firm for making a Glow sign board for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.04.10.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **06.10.2025** at **11.30 A.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Site/Places in the KCCB Ltd., Branch & ATMs |
|---|---|---|---|
| 1. | Glow Sign Board: Fixing Acrylic LED 3D Letters with 48mm Thickness On ACP Background with Frame (Odiya letters with the KCC Bank logo) along with standard Led lights fitting charges. Glow sign Board size approximately: 10" feet Length x 4 feet width" Note: The above size may vary from branch to branch. | 23 Nos. of Branches & 1 No. at Head Office | KCCB Ltd., H.O, Main, Mahila, Bazar, Sadar, Borigumma, Koraput, Semiliguda, Nandapur, Laxmipur, Narayanapatna Nabarangpur, Papadahandi, Kosagumuda, Umerkote, Malkangiri, Mathili, M.V 79 Branch at Kalimela, Balimela, Rayagada, Tikiri, Muniguda, Gunupur & Padmapur Branch bank. |
| | | 9 Nos. of ATM | KCCB Ltd., Main, Borigumma, Koraput, Semiliguda, Laxmipur, Nabarangpur, Mathili, Gunupur & Padmapur ATMs |

The above items should be quoted including GST, Transportation, Delivery/Supply at the above Branch Bank & ATMs of the Koraput Central Cooperative Bank Ltd., Jeypore (within undivided Koraput District) including installation charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
Koraput Central Cooperative Bank Ltd.,
Jeypore.

**AFFIDAVIT**

I, Behera Dinesh Kamalakanta, S/o Kamalakanta Behera, resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as **Dinesh Kamalakanta Behera** for all future purposes.

**AFFIDAVIT**

I, Kamlakanta Behera, S/o-Raghunath Behera, resident of At/Po/Ps-Bhograi, District-Balasore, pin-756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

**AFFIDAVIT**

By virtue of an affidavit Sl. No. 2515, dtd. 26.09.2025 in the court of the Executive Magistrate, Phulbani, Dist.-Kandhamal, I, Kanistha Pradhan have changed my minor son's name from Kritikrisan Pradhan to Kritik Rasan Pradhan. Henceforth he will be known as Kritik Rasan Pradhan for all purposes.

Sd/- Kanishta Pradhan

**AFFIDAVIT**

By virtue of an affidavit sworn before Notary Public, Bhadrak, dtd. 10.09.2025, I, Manasi Jena, Apartibindha (New Colony), Bhadrak declare that I have changed the name of my son from Rudra Kumar Mallik to Nitesh Kumar Jena. Henceforth he shall be known as Nitesh Kumar Jena for all purposes.

Manasi Jena

**AFFIDAVIT**

I, Smt. Sulochana Ganda, D/o-Sri Raghu Ganda, W/o- Sri Laxmidhar Nayak, At-Balighat, Gopalpur Road, P.O.- Baliguali, P.S- Penthakata Marine, Dist Puri, Odisha-752002 by virtue of an affidavit before the Executive Magistrate, Puri on 20.05.2025 have changed my name to Smt. Rina Nayak for all purposes.

Rina Nayak

**AFFIDAVIT**

By virtue of an affidavit sworn before 319, dated-10/09/25, I Sri Chhatish Chandra Mohanta Address: At-Fulbadia, Po-Gadigan, Ps- Morada, Mayurbhanj, Odisha, Pin-757018 declare that I have changed my daughter's name from RAJI MOHANTA (old name) to JENNIFER MOHANTA (new name) Henceforth, she shall be known as JENNIFER MOHANTA (new name) for all future purposes.

Chhatish Chandra Mohanta

**AFFIDAVIT**

I, Sujita Kumr Patra S/o Sitaram Patra, Resident of Village/Po- Gunthapada, PS- Aska, Dist- Ganjam, Odisha, PIN- 761115 declare by this affidavit No.32243 dtd 25.09.2025 that now onwards I shall be known as **SUJITA KUMAR PATRA** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Raghunath Khuntia, S/o- Bhima Khuntia, resident of At-Balidihi, Banapur, Dist-Khurda, Pin- 752031, Odisha declared by this affidavit No.783, dtd- 25/09/2025 that now onwards I shall be known as **KANDHA KHUNTIA** for all future purposes.

**AFFIDAVIT**

I, Navita Narayan Chavan, D/o- Narayan Chavan, resident of Plot No. L-42, Phase-3, Dumduma HB Colony, Bhubaneswar, Dist-Khurda, Pin- 751019, Odisha declared by this affidavit No. 62AA 420795, dtd-11/05/2023 that now onwards I shall be known as **NAVITA N** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. Affidavit No. -2276, I Parvatee Chhualasingh, Address- Chhotijodi, Po.- Haladiapada, Ps.- Kanas, Dist- Puri, Pin-752060 declare that my Name from **Parei Chhualasingh** to **Parvatee Chhualasingh**. Henceforth, i shall be known as **Parvatee Chhualasingh** for all purposes.

**AFFIDAVIT**

I, Prashanta Kumar Barik,S/O-Khandeswar Barik, At/Po- Narendra-pur, Ps.- Banpur, Dist.- Khordha, Pin- 752031 Odisha declare by this affidavit no.-3653, dtd. 25/09/2025 that now onwards I shall be known as **PRASANTA KUMAR BARIK** for all future purposes.

**AFFIDAVIT**

I,Bali Behera S/o- Bhikari Behera, Resident of Kanjiasahi Mundula, Mundula, Ganjam, Odisha, PIN- 761032 Odisha declared by that Affidavit No.1087/ 2025 Dated: 26.09.2025. That now onwards I shall Be Known As **Balaram Behera** for all future Purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. I Satya Ranjan Sahoo, Address- Champapur, Po.- Gadaniala, Ps.- Khordha, Odisha, Pin-752055 declare that I have changed the Name of my daughter from **Shreyanshi Priyadarshini Sahoo** to **Shreyanshi Sahoo**. Henceforth, she shall be known as **Shreyanshi Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th September 2025, CF No - 01, I Rajendra Banchhor aged about 35 years son of Late Nandalal Banchhor, resident of village Kotana, PO/PS.- Jharbandh, Dist.- Bargarh, Pin- 768042 hereby declares that for and on behalf of my minor son Suraj Banchhor. I have changed my minor son's name from **Surah Banchhor (DOB-28.08.2015)** to **Suraj Banchhor (DOB-18.05.2014)**. Hence he will be known as **Suraj Banchhor** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 1042 dtd. 26.09.2025, I, Sri Spandan Keshori Rout, S/o- Late Sangram Kesori Rout resident of MI Colony, Chamuriaguda, Nabarangpur state that, my son's original name spelling is **Sambhram Keshori Rout** but in the PM Shri Kendriya Vidyalaya School record his name has been wrongly entered as **Sambraham Keshori Rout.** That **Sambraham Keshori Rout** and **Sambhram Keshori Rout** is one and same person.

Sd/- **Spandan Keshori Rout**

**PUBLIC NOTICE**

Sale Deed No. 11131804036/2018 dated- 11.05.2018 relating to Plot No. 754/2637, Khata No. 81, Mouza: Bhubaneswar City, Unit-20, Jagmara has been destroyed due to termite damage. Any person dealing with the said property based on this document does so at their own risk & we shall not be responsible. Owner name- Padmabati, Suchita, Sunita, Sujata Goenka, Contact number- 9437579712

**AFFIDAVIT**

By virtue of an affidavit sworn before The Notary Public, Sunabeda dated 25/09/2025 I Sri. Sunil Pujari, S/o- Narayana Pujari, Vill:- Andaraguda, Po.- Panthalung, Ps.- Padwa, District- Koraput declare that I have changed my name from **Sunil Kumar Khada**, S/o- Suriya Khada to Sunil Pujari, S/o- Narayana Pujari. Henceforth, I shall be known as **Sunil Pujari** for all purposes.

Sd/- **Sunil Pujari**



# ଭୁବନେଶ୍ୱର ସିଟି

## ଅନ୍‌ଲାଇନ୍ ଯୋଗୁଁ ଅଫ୍‌ଲାଇନ୍ ପୋଷାକ ବିକ୍ରି ମାନ୍ଦା

# ପାର୍ବଣ ଭିଡ଼ରେ ବି ଦୋକାନ ଖାଁ ଖାଁ

ଭୁବନେଶ୍ୱର, ୨୬।୯ (ସମିସ): ଅନ୍‌ଲାଇନ୍‌ରେ ବିଭିନ୍ନ ଭେରାଇଟ୍‌ର ପୋଷାକ ଏବଂ ଶାଢ଼ି ସାଲୁଆର ମିଳୁଥିବାରୁ ସବୁ ସମୟରେ ଲୋକେ ନିଜ ମନ ପସନ୍ଦର ପୋଷାକ କିଣିପାରୁଛନ୍ତି। ଫଳରେ ଗୁରୁତର ଭାବେ ହ୍ରାସ ପାଇବାରେ ଲାଗିଛି ଅଫ୍‌ଲାଇନ୍ ବସ୍ତ୍ର ବେପାର। ଏମିତି କି ଦୁର୍ଗାପୂଜା ଭଳି ଏକ ବଡ଼ ପୂଜା ପର୍ବାଣିରେ ବି ଲୋକେ ଆଉ ଦୋକାନକୁ ଆସି ପୋଷାକ କିଣୁନାହାନ୍ତି। ଫଳରେ ରାଜଧାନୀର ବଡ଼ବଡ଼ ମଲ୍‌କୁ ଛାଡ଼ିଲେ ଅନ୍ୟ ମଧ୍ୟମ ଧରଣର ପୋଷାକ ଏବଂ ଶାଢ଼ି ଦୋକାନ ଏବେ ଖାଁ ଖାଁ ହୋଇପଡ଼ୁଛି।

**୧୦ ବର୍ଷ ଭିତରେ କମିଛି ୯୦ ପ୍ରତିଶତ ବେପାର**

**ଗାଁ ଲୋକଙ୍କୁ ଭରସା କରୁଛନ୍ତି ସହରୀ ବସ୍ତ୍ରାଳୟ**



ରାଜଧାନୀ ଜୟଦେବ ବିହାର ପାଲହାଇଟ୍ସଠାରେ ଗାର୍ମେଣ୍ଟ ଦୋକାନ କରିଥିବା ଜଣେ ବ୍ୟବସାୟୀଙ୍କ କହିବାନୁଯାୟୀ ଗତ ୧୦ ବର୍ଷ ତଳେ ଏବେ ପରିମାଣର ବେପାର ହେଉଥିଲା ଯେ, ଦୁର୍ଗାପୂଜା, ଗଣେଶପୂଜା, ସାସ୍ୱତୀ ପୂଜା ପୂର୍ବରୁ ଆମକୁ ଅଧିକ କର୍ମଚାରୀଙ୍କୁ ଆଣିବାକୁ ପଡୁଥିଲା। କିନ୍ତୁ ଏବେ ଅନ୍‌ଲାଇନ୍ ବେପାର ଯୋଗୁଁ ଲୋକେ ଆଉ ଦୋକାନକୁ ଆସୁ ନାହାନ୍ତି। କିଛି କିଛି ଲୋକେ ସପରିବାର ବଡ଼ମଡ଼ ମଲ୍‌କୁ ବୁଲିବା ସହ ଅଳ୍ପ କିଛିମାତ୍ରାର ବସ୍ତ୍ର କିଣୁଛନ୍ତି। ଏବେ ଭିସାଲ ମେଗା ମାର୍ଟ, ବଜାର କୋଲକାତା, ବିଗ୍ ମାର୍ଟ, ରିଲାନ୍ସ, ପାଣ୍ଟାଲୁନ୍, ମ୍ୟାକ୍ସ, ଭିଟୁ ପରି ଅନେକ ଛୋଟ ବଡ଼ ସପିଂ ମଲ୍ ଦୋକାନ ବିଭିନ୍ନ ସ୍ଥାନରେ ଗଢ଼ି ଉଠିଛି। ଏଥିସହିତ ମାକେଟ୍ ବିଲଡ଼ିଂ ପରି ବଡ଼ ବଜାର ରହିଛି। ଏବଂ ଗଳି କନ୍ଦିରେ ମଧ୍ୟ ବୁଟିକ୍ ସହ ଘରେ ଘରେ ମହିଳାମାନେ ମଧ୍ୟ ବସ୍ତ୍ର ବ୍ୟବସାୟ କଲେନି। ଯେଉଁଥିରୁ ଲୋକମାନେ ବର୍ଷ ସାରା କିଛି ନା କିଛି କିଣାକିଣି କରୁଛନ୍ତି। ଯାହାଦ୍ୱାରା ପାର୍ବଣରେ ବ୍ୟବସାୟୀ ଗରାଖଙ୍କ ଅପେକ୍ଷାରେ ରହୁଛନ୍ତି।

ଆଗରୁ ଲୋକଙ୍କ ରୋଜଗାର କରିବାର ଦକ୍ଷତା କମ୍ ରହିବା ସହ ବିଦେଶୀ ବସ୍ତ୍ର ପ୍ରାୟ ଆସୁ ନ ଥିଲା। କିନ୍ତୁ ଏବେ ବାହାରୁ ବିଭିନ୍ନ ଭେରାଇଟ୍‌ର ପୋଷାକ ସାରା ବର୍ଷ ଆସୁଥିବାରୁ ଲୋକେ ସବୁ ସମୟରେ ପୋଷାକ ଏବଂ ଶାଢ଼ି କିଣି ନେଉଛନ୍ତି। ତେଣୁ ଲୋକେ ପୂଜା ପାର୍ବଣକୁ ଅପେକ୍ଷା କରୁ ନାହାନ୍ତି। ଯେ କୌଣସି ସମୟରେ ଚାହିଁଲେ ଅନ୍‌ଲାଇନ୍‌ରେ ପୋଷାକ କିଣୁଛନ୍ତି। ଯେଉଁଥିପାଇଁ ପାର୍ବଣରେ ବ୍ୟବସାୟ କିଛି ମାତ୍ରାରେ କମ୍ ହେଉଛି ବୋଲି ୟୁନିଟ୍ ୨ସ୍ଥିତ ଭଗବତୀ ଏଣ୍ଟରପ୍ରାଇଜେସ୍‌ର ପରିସରରେ ଲୁଗା ବ୍ୟବସାୟ କରୁଥିବା ଶିଶିର କୁମାର ପଣ୍ଡା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଅଫ୍‌ଲାଇନ୍‌ରେ ମାତ୍ର ୧୦ ରୁ ୧୫ ପ୍ରତିଶତ ଅଫର ମିଳିଥାଏ ହେଲେ ଅନ୍‌ଲାଇନ୍‌ରେ ପାର୍ବଣ ସମୟରେ ଅଧିକ ଅଫର ଦିଆଯାଏ। ଯେଉଁଥିପାଇଁ ଅଫ୍‌ଲାଇନ୍ ଅପେକ୍ଷା ଅନ୍‌ଲାଇନ୍ ବିକ୍ରି ଅଧିକ ହୋଇଥାଏ। ତେବେ ଏସବୁ ଦୃଷ୍ଟିରେ ରଖି ଦୋକାନୀମାନେ ମଧ୍ୟ ନୂଆ ପୋଷାକ ଆସିଲେ ଗ୍ରାହକଙ୍କ ମୋବାଇଲ୍‌ରେ ମେସେଜ୍ କରୁଛନ୍ତି।

## ବିଜେଡି ପକ୍ଷରୁ ଯୁଧିଷ୍ଠିର ଦାସଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୬।୯ (ସମିସ): ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଜୟନ୍ତୀ ସମାରୋହ ନୂଆପଲ୍ଲୀଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳନ କରାଯାଇଛି। ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଶ୍ୱଜିତ୍ ଜେନା, ଜାନକୀ ପ୍ରଧାନ, ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅଶୋକ ସେଠୀ, ଇସଲାମ ପ୍ରଧାନ, ସୋମ୍ୟରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅମିତ୍ ପାତାଳସିଂ ଧନ୍ୟବାଦ ଦେଇଥିଲେ।

## ହାଇଟେକ୍‌ରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

ଭୁବନେଶ୍ୱର, ୨୬।୯ (ସମିସ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରେକ୍ଷାଳୟରେ ଶତାଧିକ ବିଦ୍ୟାର୍ଥୀମାନଙ୍କ ଗହଣରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଯୋଗ ଦେଇ ବିଦ୍ୟାର୍ଥୀମାନଙ୍କର ସରଳ ଜୀବନ ଓ ପିତାମାତାଙ୍କ ପ୍ରତି ଆଦର୍ଶବୋଧ ହୋଇ ସମାଜ ପାଇଁ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାର ଡ୍ରଗ କଣ୍ଟ୍ରୋଲର ଡ. ସୁଦର୍ଶନ ବିଶ୍ୱାଳ ଯୋଗ ଦେଇଥିଲେ। ଏଥିରେ ହାଇଟେକ୍ କଲେଜ ଅଫ୍ ଫାର୍ମାସୀର ପ୍ରିନ୍ସିପାଲ ପ୍ରଫେସର୍ ଡ. ପ୍ରସନ୍ନ କୁମାର କର, ହାଇଟେକ୍ ଗ୍ରୁପ୍‌ର ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର୍ ଡ. ଦେବାନନ୍ଦ ମହାପାତ୍ର, ଭାଇସ ପ୍ରିନ୍ସିପାଲ ପ୍ରଫେସର୍ ଡ. ଲିସା ଷଡଙ୍ଗୀ, ଡିନ୍ ଓ ନିର୍ଦ୍ଦେଶକ ଏକାଡେମି ପ୍ରଫେସର୍ ଡ. ରାଧାମାଧବ ତ୍ରୀପାଠୀ, ଭାଇସ୍ ଚାନ୍ସେଲର ପ୍ରଫେସର୍ ଡ. କୁମର ବର ଦାଶ, ଶଲ୍ୟ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ପ୍ରଫେସର୍ ଡ. ଅଶୋକ ଆଚାର୍ଯ୍ୟ, ଆର୍ ଏଣ୍ଡ ଡି ଅଧ୍ୟକ୍ଷ ଡ. ପାୟୋଧର ପାଢ଼ି, ଫିଜିଓଥେରାପି କଲେଜ ପ୍ରିନ୍ସିପାଲ ପ୍ରଫେସର ଡ. ଦୀପକ ସାମନ୍ତରାୟ, ଫାର୍ମାସୀ କଲେଜ ଭାଇସ୍-ପ୍ରିନ୍ସିପାଲ ପ୍ରଫେସର୍ ଡ. ବବିତା ସାହୁ ଉପସ୍ଥିତ ରହିଥିଲେ।

**● ଗାନ୍ଧୀ ବିନୋବା ଆଶ୍ରମ ଉପରେ ବୁଲ୍‌ଡୋଜର ଚଳାଇବା ବିରୋଧ**

## ରାଷ୍ଟ୍ରୀୟ ପଦଯାତ୍ରାରେ ସାମିଲ ହେବେ ଶତାଧିକ ଓଡ଼ିଆ ଗାନ୍ଧୀବାଦୀ

ଭୁବନେଶ୍ୱର, ୨୬।୯ (ସମିସ): ଉତ୍ତର ପ୍ରଦେଶର ବାରାଣସୀସ୍ଥିତ ରାଜଘାଟ ଠାରେ ଷାଠିଏ ଦଶକରେ ଅଖିଳ ଭାରତ ସର୍ବୋଦୟ ମଣ୍ଡଳ (ସର୍ବସେବା ସଂଘ) ପକ୍ଷରୁ ରେଳ ବିଭାଗ ଠାରୁ ଖରିଦ କରାଯାଇଥିବା ତେର ଏକର ସମ୍ପତ୍ତିକୁ ଗତ ବର୍ଷ ଉତ୍ତରପ୍ରଦେଶ ସରକାର, ଭାରତୀୟ ରେଳ ବିଭାଗ ମିଳିତ ଭାବରେ ବୁଲଡୋଜର ଚଳାଇ ମାଟିରେ ମିଶାଇ ଦେଇଛନ୍ତି। ଏହାକୁ ବିରୋଧ କରି ସଂଘ ପକ୍ଷରୁ ଦେଶବ୍ୟାପୀ ଶହେ ଦିନବ୍ୟାପୀ ସତ୍ୟାଗ୍ରହ କରାଯାଇଥିଲା। ଆଗାମୀ ଗାନ୍ଧୀ ଜୟନ୍ତୀ ଠାରୁ ଏକ ହଜାର କିଲୋମିଟର ବ୍ୟାପୀ ପଦଯାତ୍ରା ବାହାରି ଛପନ ଦିନରେ ନଭେମ୍ବର ୨୬ ତାରିଖ ସମ୍ବିଧାନ ଦିବସରେ ନୂଆଦିଲ୍ଲୀସ୍ଥିତ ରାଜଘାଟ ଗାନ୍ଧୀ ସମାଧୀ ପୀଠରେ ପହଞ୍ଚିବ। ଉତ୍କଳ ସର୍ବୋଦୟ ମଣ୍ଡଳର ନେତୃତ୍ୱରେ ଓଡ଼ିଶାର ୩୦ ଜିଲ୍ଲାରୁ ଶତାଧିକ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ସାମାଜିକ କର୍ମୀ ମହିଳା ପୁରୁଷ, ଯୁବ-ଛାତ୍ର ଗୋଷ୍ଠୀ ଏହି ପଦଯାତ୍ରାରେ ସାମିଲ ହେବା ସ୍ଥିର ହୋଇଛି। ଲୋହିଆ ଏକାଡେମୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ସର୍ବସେବା ସଂଘ ଆନ୍ଦୋଳନ ସମିତିର ସଂଯୋଜକ ଡ଼ା ବିଶ୍ୱଜିତ୍, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ ଯୋଗ ଦେଇ ଏ ନେଇ ସୂଚନା ଦେଇଛନ୍ତି।

## ଓସିଏସ୍ ପରୀକ୍ଷାରେ 'ବାଜିରାଓ'ର ବାଜିମାତ୍

ଭୁବନେଶ୍ୱର, ୨୬।୯ (ସମିସ): ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡ଼େମୀର ଛାତ୍ରଛାତ୍ରୀମାନେ ବ୍ୟାପକ ସଫଳତା ପାଇଛନ୍ତି। ୧୦୦ରୁ ଅଧିକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ଶ୍ରେଷ୍ଠ ୪୦ ମଧ୍ୟରେ ଶିକ୍ଷାନୁଷ୍ଠାନର ୧୦ଜଣ ସ୍ଥାନ ପାଇଛନ୍ତି। ସ୍ୱରୂପିଣୀ ପଟ୍ଟନାୟକ ତାଲିକାର ୧୨ତମ ସ୍ଥାନରେ ରହିବା ସହ ଏକାଡେମୀର ଟପ୍ପର ହୋଇଛନ୍ତି। ସେହିପରି ଦୀପସୀତା ବେହେରା, ସୁପ୍ରିୟା ମିଶ୍ର, ଅସୀମା ଅନ୍ୱେଷା, ଏମ୍‌ଜି ସୁବର୍ଣ୍ଣ ମହାନ୍ତି, ଆକାଶ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଣ୍ଡା, କଲ୍ୟାଣୀ ସାହୁ, ମୃତ୍ୟୁଞ୍ଜୟ ରାଉଳ ଓ ସାଇ ରମଣ ପାତ୍ର ପ୍ରମୁଖ ପ୍ରଥମ ୪୦ଟି ସ୍ଥାନରେ ରହି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଶିକ୍ଷାନୁଷ୍ଠାନର ଏହି ଐତିହାସିକ ସଫଳତା ପାଇଁ ଏକାଡ଼େମୀର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଭ୍ରାଂଶୁ ଶେଖର ଓଝା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



**୧୦୦ରୁ ଅଧିକ ଛାତ୍ରଛାତ୍ରୀ କୃତକାର୍ଯ୍ୟ, ଶ୍ରେଷ୍ଠ ୪୦ ମଧ୍ୟରେ ୧୦ଜଣ**

## ଗଳ୍ପ ସଂକଳନ 'ସାରସର ଶେଷ ସ୍ୱର' ଉନ୍ମୋଚିତ

ଭୁବନେଶ୍ୱର, ୨୬।୯ (ସମିସ): ବୁଲଗାରିଆ ଓ ଉତ୍ତର ମାସିଡୋନିଆରେ ଭାରତର ରାଷ୍ଟ୍ରଦୂତ ଥିବା ଅରୁଣ କୁମାର ସାହୁଙ୍କର ତୃତୀୟ ଗଳ୍ପ ସଂକଳନ 'ସାରସର ଶେଷ ସ୍ୱର' ଉନ୍ମୋଚିତ ହୋଇଯାଇଛି। ଏକ ହୋଟେଲରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଅତିଥି ଭାବେ କବି ଓ ଗୀତିକାର ଦେବଦାସ ଛୋଟରାୟ, କଥାକାର ଓ ଚିନ୍ତକ ଦାଶ ବେନହୁର ଯୋଗ ଦେଇଥିଲେ। ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ପୁସ୍ତକର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ କଥାକାର ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

## 'ପ୍ରୟାସ'ର ଦାଣ୍ଡିଆ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୨୬।୯ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ଦୁର୍ଗୋତ୍ସବ ଅବସରରେ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ୧୨ତମ ଦାଣ୍ଡିଆ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବିଧାୟକ ବାବୁ ସିଂହ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। 'ଓଡ଼ିଶା ଭାସ୍କର'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ତଥା ପ୍ରୟାସର ଟ୍ରଷ୍ଟୀ କୌସ୍ତୁଭ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରୟାସର ସଭାପତି ବନ ମହାନ୍ତି ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟା ମମତା ମହାନ୍ତି, ଜସ୍ମିନ୍ ମହାନ୍ତି, କୌଶିକ ମହାନ୍ତି, କମଳ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡିତରା, ସୁରେଶ ପତ୍ରି, ସଂଗ୍ରାମ ମହାରଣା, ବୃନ୍ଦାବନ ପଢ଼ିହାରୀ, ରାଜଦୀପ୍ ଦାସ, ଜୟସେନ ପାତ୍ର, ଉମାକାନ୍ତ ତାଣ୍ଡି, ପ୍ରଶାନ୍ତ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୋନାଲୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଆଜିଠାରୁ ଆରମ୍ଭ ହୋଇଥିବା ଏହି ଦାଣ୍ଡିଆ ମହୋତ୍ସବ ଅକ୍ଟୋବର ୨ରେ ସରିବ। ୭ ଦିନ ପର୍ଯ୍ୟନ୍ତ ସନ୍ଧ୍ୟା ୬ରୁ ରାତି ୧୦ ଯାଏଁ କାର୍ଯ୍ୟକ୍ରମ ହେବ।

**୭ ଦିନ ଯାଏଁ ସନ୍ଧ୍ୟା ୬ରୁ ରାତି ୧୦ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ**

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ଭୁବନେଶ୍ୱର, ୨୬।୯ (ସମିସ): ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ମହିଳା ଅଧିକାରୀ, କର୍ମଚାରୀ ଏବଂ ଗଣମାଧ୍ୟମର ମହିଳା ପ୍ରତିନିଧି ତଥା କର୍ମଚାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱାସ୍ଥ୍ୟ ସଚେତନତା ଓ ସମାଜରେ ରକ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ଅଧୀନରେ ଆୟୋଜିତ ଏହି ଶିବିରରେ ୬ ଶହରୁ ଊର୍ଦ୍ଧ୍ୱ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଛି।

## ଏକାମ୍ର ମା' ଦୁର୍ଗା ମହୋତ୍ସବରେ 'ମହାଦେବୀ' ଉନ୍ମୋଚିତ



ଧଉଳି, ୨୬।୯ (ସମିସ): ଭୁବନେଶ୍ୱର ଲୁଇସରୋଡସ୍ଥିତ 'କେଦାରଗୌରୀ ରିସୋର୍ଟ'ରେ ଏକାମ୍ର ଦୁର୍ଗା ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ସଂସଦ ଭୁବନେଶ୍ୱର ପ୍ରସନ୍ନ ପାଟଶାଣୀ, ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ମଧ୍ୟମ ଭୁବନେଶ୍ୱରର ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ଭୁବନେଶ୍ୱରର ମାନ୍ୟବର ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ଓଡ଼ିଶା ରାଜ୍ୟ ବାର କାଉନ୍‌ସିଲର ଅଧ୍ୟକ୍ଷ ଶିତାଂସୁ ମୋହନ ଦ୍ୱିବେଦୀ, ଓଟିଡିସିର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ମହାନ୍ତି, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ସାହୁ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥ, ବକ୍ସି ଜଗବନ୍ଧୁ ବିଦ୍ୟାଳୟର ସମ୍ପାଦକ ପ୍ରତାପ ଜେନା, ଦେବଯୁଗ ପରିବାର ଅଧ୍ୟକ୍ଷ ଦେବବ୍ରତ ନାୟକ, ବରିଷ୍ଠ ନେତା ବଟୁ, ରବୀନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଧୀରେନ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା 'ମହାଦେବୀ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ମୂର୍ତ୍ତୀ କାରିଗର ବଟକୃଷ୍ଣ ମହାପାତ୍ରଙ୍କୁ 'ମହାଦେବୀ ସମ୍ମାନ-୨୦୨୫' ରେ ସମ୍ମାନିତ କରାଯାଇଥିଲା। ଏକାମ୍ର-ଭୁବନେଶ୍ୱରର ୫୦ ଗୋଟି କମିଟିର କାର୍ଯ୍ୟକର୍ତ୍ତା ଓ ସାହି ମୁରବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଆ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ସମର୍ଥା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଉପସଭାପତି ମଳୟ ମହାପାତ୍ର, ପ୍ରମୋଦ ମହାପାତ୍ର, ବିରଞ୍ଚି ନାରାୟଣ ମହାସୁପକାର, ଦେବୀ ପ୍ରସାଦ ନନ୍ଦ, ପ୍ରତାପ ସାହୁ, କବିରାଜ ସ୍ୱାଇଁ ପ୍ରମୁଖ ଏକାମ୍ରରେ ଶକ୍ତି ଆରାଧନା ଏବଂ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ।

**ବଟକୃଷ୍ଣ ମହାପାତ୍ରଙ୍କୁ 'ମହାଦେବୀ ସମ୍ମାନ'**

## ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ବରିଷ୍ଠ ନାଗରିକ ଦିବସ




ଭୁବନେଶ୍ୱର, ୨୬।୯ (ସମିସ): ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠନାଗରିକ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ବୟସ୍କମାନେ ନେତୃତ୍ୱ ନିଅନ୍ତି, ବୟସ୍କମାନେ ମୂଲ୍ୟବାନ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେଡକ୍ରସଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ସମ୍ପ୍ରଦାୟର ନିଷ୍ପତ୍ତି ନେବାରେ ବୟସ୍କଙ୍କ ଅଂଶଗ୍ରହଣର ଗୁରୁତ୍ୱ, ବାର୍ଦ୍ଧକ୍ୟରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଆନ୍ତଃପିଢ଼ି ଏକତା ଏବଂ ସମର୍ଥନ ଆଦି ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଗାଳ୍ପିକ, ଔପନାସିକ, ଶିଶୁ ସାହିତ୍ୟିକ ୯୨ ବର୍ଷୀୟ ଶାନ୍ତନୁ ଆଚାର୍ଯ୍ୟଙ୍କୁ ସମ୍ମାନୀତ କରାଯାଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଶାରଳା ପୁରସ୍କାରପ୍ରାପ୍ତ ଶ୍ରୀ ଆଚାର୍ଯ୍ୟ ବୟସର ସାୟହ୍ନରେ ବି ତାଙ୍କ ଲେଖନୀ ଚାଳନା ଜାରୀ ରଖିଛନ୍ତି। ସେହିପରି କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସ୍ୱୀକୃତିପ୍ରାପ୍ତ ମାରାଥନ ଧାବକ ୭୬ ବର୍ଷୀୟ ଦୁଖିଶ୍ୟାମ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ହେଲ୍ପଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ପରିଚାଳନା କରିଥିବା ବେଳେ ହେଲ୍ପଏଜ୍ ଇଣ୍ଡିଆର ଷ୍ଟେଟ୍ ପ୍ରୋଗ୍ରାମ ମ୍ୟାନେଜର ରଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମ ପରାୟଣ ଶିକ୍ଷୟିତ୍ରୀଙ୍କ ପରଲୋକ



ଭୁବନେଶ୍ୱର, ୨୬।୯ (ସମିସ): ଧର୍ମ ପରାୟଣ ଶିକ୍ଷୟିତ୍ରୀ ନର୍ମଦା ନାୟକଙ୍କର ୫୨ ବର୍ଷ ବୟସରେ ବ୍ରେନ୍ ଷ୍ଟ୍ରୋକ୍‌ରେ ପରଲୋକ ଘଟିଛି। ସେ କେନ୍ଦ୍ରାପଡ଼ା ଜିଲ୍ଲା, ରାଜନଗର ଥାନା, ଭାଟପଡ଼ା ଗ୍ରାମର ମୂଳବାସିନ୍ଦା। ନବରଙ୍ଗପୁର ଜିଲ୍ଲା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ରହିଥିଲେ। ପୁତ୍ର ଗୋପାଳକୃଷ୍ଣ ସାହୁ ମୁଖାଗ୍ନି ଦେଇଥିଲେ।

## କଥକ ନୃତ୍ୟଶିଳ୍ପୀ ସଙ୍ଗୀତା ସାହୁ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୬।୯ (ସମିସ): ଅପଡେଟ ଓଡ଼ିଶା ପକ୍ଷରୁ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶାର ଅନ୍ୟତମ କଥକ ନୃତ୍ୟଶିଳ୍ପୀ ନୃତ୍ୟଙ୍ଗନା ସଙ୍ଗୀତା ସାହୁଙ୍କୁ ଅପଡେଟ ଓଡ଼ିଶା ଏକ୍ସଲେନ୍ ଆୱାର୍ଡ଼ରେ ସମ୍ବର୍ଦ୍ଧିତ କରାଯାଇଛି। ଅପଡେଟ ଓଡ଼ିଶାର ପ୍ରତିଷ୍ଠାତା ସମ୍ପାଦକ ଟିକାୟତ ନାୟକଙ୍କ ସଭାପତିତ୍ୱରେ ଶିକ୍ଷାବିତ ସବିତା ପଟ୍ଟନାୟକ ଓ ସମାଜସେବୀ ସ୍ୱାତି ମହାନ୍ତି ସଙ୍ଗୀତାଙ୍କୁ ସମ୍ମାନିତ କରିଛନ୍ତି। ସୂଚନା ଯୋଗ୍ୟ ସଙ୍ଗୀତା ସାହୁ ଓଡ଼ିଶାରେ ଏକମାତ୍ର କଥକ ନୃତ୍ୟଶିଳ୍ପୀ ଭାବେ କଟକଠାରେ 'ସଙ୍ଗୀତା କଥକ ଡ୍ୟାନ୍ସ ଏକାଡେମୀ ' ମାଧ୍ୟମରେ ଶତାଧିକ ଛାତ୍ରୀଛାତ୍ରଙ୍କ ଦ୍ୱାରା କଥକ ନୃତ୍ୟର ପ୍ରଚାର ପ୍ରସାର କରିଆସୁଛନ୍ତି।

**ଅନ୍ତର୍ଜାତୀୟ ବାଣିଜ୍ୟ ମେଳା**

# ଭୁବନେଶ୍ୱରରେ ବିଦେଶୀ ଡ୍ରାଏଫ୍ରୁଟ୍‌ସ ଷ୍ଟଲ୍

ଭୁବନେଶ୍ୱର, ୨୬।୯ (ସମିସ): ଏବେ ରାଜଧାନୀରେ ମିଳୁଛି ଆଫଗାନିସ୍ତାନର ଡ୍ରାଏଫ୍ରୁଟସ୍। କେବଳ ଗୋଟିଏ କି ଦୁଇଟା ନୁହଁ ବରଂ ୧୫ରୁ ୨୦ ପ୍ରକାରର ଡ୍ରାଏଫ୍ରୁଟସ ବିକ୍ରି ହେଉଛି। ଯେଉଁ ଡ୍ରାଏଫ୍ରୁଟସ୍‌କୁ ଲୋକ ଅନ୍‌ଲାଇନ ମାଧ୍ୟମରେ ଅର୍ଡର କରୁଥିଲେ। ତାହା ଏବେ ହାତପାହାନ୍ତାରେ ମିଳିଯାଉଛି। ବଜାରରେ ମିଳୁଥିବା ଡ୍ରାଏଫ୍ରୁଟସ୍ ଅଧିକାଂଶ ସମୟରେ ମିଶ୍ରଣ ହେଉଥିବା ଦେଖିବାକୁ ମିଳେ। ହେଲେ ଏବେ ଆଫଗାନିସ୍ତାନରୁ ବ୍ୟବସାୟୀ ଡ୍ରାଏଫ୍ରୁଟସ୍‌ର ସମ୍ଭାର ଧରି ଆସିଛନ୍ତି।

ଜନତା ମୈଦାନଠାରେ ଚାଲିଥିବା ଦ୍ୱାଦଶ ଭୁବନେଶ୍ୱର ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଦେଖିବାକୁ ମିଳୁଛି ଏହି ସମ୍ଭାର। ଯେଉଁଠି ସନ୍ଧ୍ୟା ହେବା ମାତ୍ରେ ଗ୍ରାହକଙ୍କ ଗହଳି ହେଉଛି। ମେଳାରେ ବିଭିନ୍ନ ପ୍ରକାର ଷ୍ଟଲ ମଧ୍ୟରୁ ଆଫଗାନିସ୍ତାନର ଡ୍ରାଏ ଫ୍ରୁଟ୍‌ସ ଷ୍ଟଲ୍ ପାଖରେ ଲୋକଙ୍କ ଢେର ଭିଡ଼ ରହୁଛି। ପ୍ରତିବର୍ଷ ଏଠାରେ ଭିଡ ରହିବା ସହ ଶୀଘ୍ର ଡ୍ରାଏ ଫ୍ରୁଟ୍‌ସ ଶେଷ ହୋଇଯାଉଥିବାରୁ ଏଥର ୪ଟି ଷ୍ଟଲ ଆସିଛି। ଆଫଗାନିସ୍ତାନ ତାର ଡ୍ରାଏଫ୍ରୁଟ୍‌ସ ପାଇଁ ବିଶ୍ୱସ୍ତରରେ ବେଶ୍ ପରିଚିତ। ଏ ବର୍ଷ ମେଳାରେ ଆଫଗାନିସ୍ତାନ ସମେତ ଅନ୍ୟ ଦେଶର ବ୍ୟବସାୟୀ ମଧ୍ୟ ଭାଗ ନେଇଛନ୍ତି। ଆଫଗାନିସ୍ତାନରୁ ଆସିଥିବା ହାଜି ଆମିନ ସୋଫିଯାଦା ବ୍ୟବସାୟୀ କୁହନ୍ତି, ଭାରତରେ ଏଭଳି ଅନ୍ତର୍ଜାତିକ ବାଣିଜ୍ୟ ମେଳା ମାଧ୍ୟମରେ ତାଙ୍କ ଦେଶର ସାମଗ୍ରୀକୁ ଏଠାରେ ଆଣି ବିକ୍ରି କରିବାରେ ସୁବିଧା ହେଉଛି। ଓଡ଼ିଶାର ଲୋକ ଏହି ଡ୍ରାଏଫ୍ରୁଟ୍‌ସକୁ ବେଶ ପସନ୍ଦ କରୁଛନ୍ତି। ହେଲେ ଚଳିତ ବର୍ଷ ଆଫଗାନିସ୍ତାନରୁ ୪ ଜଣ ବ୍ୟବସାୟୀଙ୍କ ଷ୍ଟଲ ଲାଗିଥିବାରୁ ଏଥର ବେପାରରେ ମଧ୍ୟ ପ୍ରତିଯୋଗିତା ହେଉଛି। ତଥାପି ଏଠାରେ ଭଲ ଡ୍ରାଏ ଫ୍ରୁଟ୍‌ସ ବିକ୍ରି ହେଉଛି। ଗ୍ରାହକଙ୍କ ପସନ୍ଦର ବିଭିନ୍ନ ଭେରାଇଟି ତାଙ୍କୁ ମିଳୁଥିବାରୁ ସେମାନେ ଅଧିକ ମୂଲ୍ୟ ହେଲେ ବି କିଣିବାକୁ ପଛାଉ ନାହାନ୍ତି। ଏହି ମେଳାରେ ଡ୍ରାଏ ଫ୍ରୁଟ୍‌ସ କିଲୋ ପିଛା ୧୮ ଶହ ଟଙ୍କାରୁ ଆରମ୍ଭ କରି ୮ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି କରାଯାଉଛି। ଏଥିରେ ବାଦାମ, ପିସ୍ତା, ଆଡଜିର, କାଜୁ, ଫିଗ୍, ବ୍ଲାକ୍‌ବେରୀ, ମ୍ୟାଙ୍ଗୋ, ଖଜୁରୀ, ଚେରୀ, କିୱି, ଷ୍ଟ୍ରବେରୀ ଭଳି ୧୦ରୁ ୧୫ ପ୍ରକାରର ଡ୍ରାଏଫ୍ରୁଟ୍‌ସ ମିଳୁଛି। ଏସବୁ ପ୍ରାକୃତିକ ଉପାୟରେ ପ୍ରସ୍ତୁତ କରାଯାଉଛି। ଆଫଗାନିସ୍ତାନର ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କଠାରୁ ଏହା ସଂଗ୍ରହ କରି ଏଠାରେ ଆଣି ବିକ୍ରି ହୋଇଥାଏ। ଦେଶରେ ବିଭିନ୍ନ ଅଞ୍ଚଳର ପାଣିପାଗ ଅନୁସାରେ ଏସବୁ ଦ୍ରବ୍ୟ ସଂଗ୍ରହ କରାଯାଏ। କିଛି ଡ୍ରାଏ ଫ୍ରୁଟ୍‌ସ ପ୍ରସ୍ତୁତ କରିବା ପାଇଁ ତିନିରୁ ଚାରିମାସ ସମୟ ଅପେକ୍ଷା କରିବାକୁ ପଡୁଥିବା ବେଳେ କିଛି ୧୦ରୁ ୧୫ ଦିନ ମଧ୍ୟରେ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ।

**■ ଏଥର ଆଫଗାନିସ୍ତାନରୁ ଆସିଛି ୪ ଷ୍ଟଲ୍**
**■ କିଲୋପ୍ରତି ଦର ୧୮ ଶହରୁ ୮ ହଜାର**



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୧ ● ପାଉଣ୍ଡ ୧୧୯.୯୪
- ୟୁରୋ ୧୦୩.୩୪ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୫,୩୦୦ (ନୂଆଦିଲ୍ଲୀ)
- ରୁପା : ୧,୪୩,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୦,୪୨୬.୦୦
- ନିଫ୍ଟି ୨୪,୬୫୪.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

● ଆଜି ୪ଜି ମୋବାଇଲ ଟାୱାରକୁ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ

## ୩୭,୦୦୦ କୋଟି ବ୍ୟୟରେ ନିର୍ମାଣ ହୋଇଛି ୯୭,୫୦୦ରୁ ଅଧିକ ଟାୱାର

ଭୁବନେଶ୍ୱର,୨୬।୯(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ଦୂରସଞ୍ଚାର ସଂଯୋଗ କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯୭,୫୦୦ରୁ ଅଧିକ ମୋବାଇଲ୍ ୪ଜି ଟାୱାରକୁ ଲୋକାର୍ପଣ କରିବେ। ଏଥିରେ ବିଏସଏନଏଲ ଦ୍ୱାରା ୯୨,୬୦୦ରୁ ଅଧିକ ୪ଜି ଟେକ୍ନୋଲୋଜି ସାଇଟ୍ ଅନ୍ତର୍ଭୁକ୍ତ। ଡିଜିଟାଲ ଭାରତ ନିଧି ଅଧୀନରେ ୧୮,୯୦୦ରୁ ଅଧିକ ୪ଜି ସାଇଟ୍ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି ଯାହା ଦୂରଦୂରାନ୍ତ, ସୀମାନ୍ତ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬,୭୦୦ ଅସଂଯୁକ୍ତ ଗ୍ରାମକୁ ସଂଯୋଗ କରିବ। ଏଥିସହିତ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକଙ୍କୁ ସେବା ଯୋଗାଇବ। ଏହି ଟାୱାରଗୁଡ଼ିକ ସୌରଶକ୍ତି ଦ୍ୱାରା ପରିଚାଳିତ, ଫଳରେ ଏଗୁଡ଼ିକ ଭାରତର ସର୍ବବୃହତ ସବୁଜ ଦୂରସଞ୍ଚାର ସାଇଟ୍ କ୍ଲଷ୍ଟର କରିବ ଏବଂ ସ୍ଥାୟୀ ଭିତ୍ତିଭୂମିକୁ ସୁଦୃଢ କରିବ।

ଓଡ଼ିଶା ସମେତ ୮ଟି ରାଜ୍ୟରେ ଦେଶବ୍ୟାପୀ ସ୍ୱଦେଶୀ ୪ଜି ଷ୍ଟାକ୍ ଏବଂ ଡିଜିଟାଲ ଭାରତ ନିଧି (ଡିବିଏନ)ର ପାଣ୍ଠି ଯୋଗାଣରେ ନିର୍ମିତ ୪ଜି ଟାୱାର କାର୍ଯ୍ୟକ୍ଷମ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାରା ଦେଶର ୯୨,୬୩୩ଟି ୪ଜି ସାଇଟ୍ ୨ କୋଟି ୨୦ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ହାଇସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଯୋଗାଇ ଦେବ। ଏମାନଙ୍କ ମଧ୍ୟରୁ ୨୦ ଲକ୍ଷ ଉପଭୋକ୍ତା ପ୍ରଥମ ଥର ପାଇଁ ଡିଜିଟାଲ ସୁବିଧା ପାଇବାକୁ ଯାଉଛନ୍ତି।

# ୩୮ଟି ବ୍ୟାଙ୍କର ତଥ୍ୟ ଲିକ୍

**ଅନ୍‌ଲାଇନରେ ଲକ୍ଷ ଲକ୍ଷ କାରବାର ରେକର୍ଡ ପ୍ରଘଟ**

**୩ ଲକ୍ଷ ପିଡିଏଫ୍ ଡକ୍ୟୁମେଣ୍ଟ ଅନ୍‌ଲାଇନରେ ଭାଇରାଲ୍**

ନୂଆଦିଲ୍ଲୀ,୨୬।୯(ଏଜେନ୍ସି): ଏକ ବଡ଼ ଧରଣର ବ୍ୟାଙ୍କ ତଥ୍ୟ ପ୍ରଘଟ ହୋଇଛି। ଦେଶର ୩୮ଟି ବ୍ୟାଙ୍କର ତଥ୍ୟ ଲିକ୍ ହେବା ପରେ ଏହି ଘଟଣା ପଦାକୁ ଆସିଛି। ଅନ୍‌ଲାଇନରେ ଲକ୍ଷ ଲକ୍ଷ ଗ୍ରାହକଙ୍କ ନେଣ ଦେଣ କାରବାର ରେକର୍ଡ ପ୍ରଘଟ ହୋଇଥିବା ଜଣାପଡ଼ିଛି। ଏମିତିକି ଏଥିରେ ଭାରତୀୟ ବ୍ୟାଙ୍କଗୁଡ଼ିକର ପ୍ରାୟ ୩ ଲକ୍ଷ କାରବାର ଜଡ଼ିତ ପିଡିଏଫ୍ ଡକ୍ୟୁମେଣ୍ଟ ଅନ୍‌ଲାଇନରେ ଭାଇରାଲ୍ ହେବାରେ ଲାଗିଛି। ହୋଇଛି। ଏହି ଘଟଣା ଏବେ ଡାଟା ସୁରକ୍ଷା ଏବଂ ବ୍ୟବହାରକାରୀଙ୍କ ଗୋପନୀୟତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

ସାଇବରସିକ୍ୟୁରିଟି ଗବେଷକମାନେ ଦାବି କରିଛନ୍ତି ଯେ ଏହି ବ୍ୟାଙ୍କ ତଥ୍ୟ ଲିକ୍ ଏକ ଅସୁରକ୍ଷିତ ଆମାଜନ୍ ଏସ୍୩ କ୍ଲାଉଡ୍ ସର୍ଭରରୁ ଆରମ୍ଭ ହୋଇଥିଲା। ଲିକ୍ ହୋଇଥିବା ତଥ୍ୟରେ ଆକାଉଣ୍ଟଧାରୀଙ୍କ ନାମ, ବ୍ୟାଙ୍କ ଆକାଉଣ୍ଟ ନମ୍ବର, କାରବାର ପରିମାଣ ଏବଂ ଯୋଗାଯୋଗ ସୂଚନା ଭଳି ସମ୍ବେଦନଶୀଳ ସୂଚନା ଅନ୍ତର୍ଭୁକ୍ତ। ଏହି ଦାବି ସାଇବରସିକ୍ୟୁରିଟି କମ୍ପାନୀ ଅପ୍‌ଗାର୍ଡ ଦ୍ୱାରା ପ୍ରକାଶ କରାଯାଇଛି।

ଅପ୍‌ଗାର୍ଡ ଅଗଷ୍ଟ ମାସର ଶେଷ ଭାଗରେ ପ୍ରଥମେ ଏହି ଡାଟା ଲିକ୍ ସମ୍ପର୍କରେ ଜାଣିବାକୁ ପାଇଥିଲା। ଏଜେନ୍ସିର ଗବେଷକମାନେ ଆମାଜନ-ହୋଷ୍ଟେଡ୍ ଷ୍ଟୋରେଜ୍ ସର୍ଭରରେ ପ୍ରାୟ ୨୭୩,୦୦୦ ପିଡିଏଫ ଫାଇଲ ପାଇଥିଲେ। ଗବେଷକଙ୍କ ଅନୁଯାୟୀ, ଲିକ୍ ହୋଇଥିବା ତଥ୍ୟରେ ଭାରତୀୟ ଗ୍ରାହକଙ୍କ ବ୍ୟାଙ୍କ ସ୍ଥାନାନ୍ତର ରେକର୍ଡ ଅନ୍ତର୍ଭୁକ୍ତ ଥିଲା। ଏହି ଫାଇଲଗୁଡ଼ିକ ମଧ୍ୟରୁ ଅଧିକାଂଶ ନାକ୍ (ନ୍ୟାସନାଲ ଅଟୋମେଟେଡ୍ କ୍ଲିୟରିଂ ହାଉସ୍) ସହିତ ଲିଙ୍କ୍ ହୋଇଥିଲା। ନାକ୍ ହେଉଛି ଏକ କେନ୍ଦ୍ରୀୟ ସିଷ୍ଟମ୍ ଯାହାକୁ ବ୍ୟାଙ୍କଗୁଡ଼ିକ ବଡ଼ ପରିମାଣର ବେତନ ସ୍ଥାନାନ୍ତର, ଋଣ ପରିଶୋଧ ଏବଂ ବିଦ୍ୟୁତ୍ ଏବଂ ପାଣି ବିଲ୍ ଭଳି ନିୟମିତ ପେମେଣ୍ଟ ପାଇଁ ବ୍ୟବହାର କରିଥାନ୍ତି।

ଅପ୍‌ଗାର୍ଡ ଅନୁଯାୟୀ, ଏହି ତଥ୍ୟ ଅତି କମ୍‌ରେ ୩୮ଟି ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ସହିତ ଲିଙ୍କ୍ ହୋଇଥିଲା। ଅଧିକାଂଶ ଡକ୍ୟୁମେଣ୍ଟରେ ଆୟେ ଫାଇନାନ୍ସ ଦେଖାଯାଇଥିଲା। ଅନେକ ଡକ୍ୟୁମେଣ୍ଟରେ ଏସ୍‌ବିଆଇ ମଧ୍ୟ ଉଲ୍ଲେଖ କରାଯାଇଥିଲା। ଡାଟା ଲିକ୍ ବିଷୟରେ ଆୟେ ଫାଇନାନ୍ସ, ଏନ୍‌ପିସିଆଇ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସଂସ୍ଥାଗୁଡ଼ିକୁ ରିପୋର୍ଟ କରାଯାଇଥିଲା। ତଥାପି, ସେପ୍ଟେମ୍ବର ଆରମ୍ଭ ପର୍ଯ୍ୟନ୍ତ ଇଣ୍ଟରନେଟରେ ଏହି ତଥ୍ୟ ପ୍ରଘଟ ଜାରି ରହିଥିଲା। ପ୍ରତିଦିନଏଥିରେ ନୂତନ ଫାଇଲ୍ ଯୋଡି ହେଉଥିଲା। ପରବର୍ତ୍ତୀ ସମୟରେ ସିଇଆରଟି-ଇନ୍‌କୁ ଅବଗତ କରାଯିବା ପରେ ସର୍ଭରଗୁଡ଼ିକୁ ସୁରକ୍ଷିତ କରାଯାଇଥିଲା। ଏନ୍‌ପିସିଆଇ କହିଛି ଯେ ଏହାର ସିଷ୍ଟମ୍ ସୁରକ୍ଷିତ ଏବଂ କୌଣସି ତଥ୍ୟ ଲିକ୍ ହୋଇନାହିଁ। ଏହି ଘଟଣା ପୁଣି ଥରେ ଭାରତରେ ତଥ୍ୟ ସୁରକ୍ଷା ଏବଂ ଡିଜିଟାଲ ଗୋପନୀୟତା ଉପରେ ଗମ୍ଭୀର ପ୍ରଶ୍ନ ଉଠିଛି। ଗ୍ରାହକଙ୍କ ବ୍ୟକ୍ତିଗତ ତଥ୍ୟ କେତେ ଏବଂ କିପରି ସୁରକ୍ଷିତ ରହିବ ସେ ବିଷୟରେ ବର୍ତ୍ତମାନ କୌଣସି ଠୋସ୍ ଉତ୍ତର ନାହିଁ।




## ଡିଏସ୍‌ପିର ଡିଏସ୍‌ପି ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ୍ କ୍ୱାଲିଟି ୩୦ ଇଟିଏଫ୍

ମୁମ୍ବାଇ,୨୬।୯(ସମିସ): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଭାରତର ପ୍ରଥମ ଫ୍ଲେକ୍ସି କ୍ୟାପ୍ ଏକ୍ସଚେଞ୍ଜ ଟ୍ରେଡେଡ ଫଣ୍ଡ (ଇଟିଏଫ୍) ଡିଏସ୍‌ପି ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଟିଏଫ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଇଟିଏଫ୍ ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଟିଆରଆଇର ଟିକିନିଖି ତଥ୍ୟ ରଖୁଛି, ଯାହା ସମସ୍ତ ଲାର୍ଜ, ମିଡ୍ ଏବଂ ସ୍ମଲ୍ କ୍ୟାପ କମ୍ପାନୀଗୁଡିକରେ ଗତିଶୀଳ ଭାବରେ ନିବେଶ କରିବା ସହିତ କେବଳ ଗୁଣାତ୍ମକ ବ୍ୟବସାୟ ସଂସ୍ଥା ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏକ ଅନନ୍ୟ ବେଞ୍ଚମାର୍କ ହୋଇଛି। ଭାରତୀୟ ଇକ୍ୱିଟି ବଜାର ଅନେକ ସମୟରେ ଚକ୍ରାକାରରେ ଗତି କରିଥାଏ,ଯେଉଁଥିରେ ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡିକ ପାଳି ଅନୁସାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥାନ୍ତି। ଅଧିକାଂଶ ନିବେଶକଙ୍କ ନିମନ୍ତେ କେଉଁଠାରେ ପୁଞ୍ଜିନିବେଶ କରାଯିବ, କେତେ ପରିମାଣର ଅର୍ଥ ବିନିଯୋଗ କରାଯିବ ଏବଂ କେଉଁ ସମୟରେ ପରିବର୍ତ୍ତନ କରିବାକୁ ହେବ ତାହା ଉଭୟ କଷ୍ଟକର ଏବଂ ବ୍ୟୟସାପେକ୍ଷ ହୋଇପଡେ।

## ଓପୋ ପକ୍ଷରୁ ରେନୋ୧୪ ୫ଜି ଦ୍ୱିୱାଲି ଏଡିସନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୬।୯(ସମିସ): ରେନୋ୧୪ ସିରିଜକୁ ମିଳିଥିବା ଉଲ୍ଲେଖନୀୟ ସଫଳତା ଉପରେ ଆଧାର କରି ଓପୋ ନୂଆ ରେନୋ୧୪ ୫ଜି ଦିୱାଲି ଏଡିସନର ଶୁଭାରମ୍ଭ କରିଛି। ସ୍ୱତନ୍ତ୍ର ଭାବେ ଭାରତ ପାଇଁ ଡିଜାଇନ କରାଯାଇଥିବା ଏହି ସ୍ପେଶାଲ ଏଡିସନ ଏକ ମଣ୍ଡାଲା, ପିକକ୍ ଓ ଫେଷ୍ଟିଭ ମୋଟିଫ୍‌କୁ ସୁନ୍ଦର ଭାବେ ସମନ୍ୱିତ କରୁଥିବା ଏକ ପ୍ରଥମ ଧରଣର ସାଂସ୍କୃତିକ ଡିଜାଇନ ଏବଂ ଭାରତ ପାଇଁ ଶିଳ୍ପର ପ୍ରଥମ ହିଟ-ସେନ୍ସିଟିଭ କଲର-ଚେଞ୍ଜିଙ୍ଗ ଟେକ୍ନୋଲୋଜିକୁ ଏକତ୍ରିତ କରିଛି। ରେନୋ୧୪ ୫ଜି ଦିୱାଲି ଏଡିସନ ଏବେ ୮ଜିବି+୨୫୬ଜିବି ଭାରିଆଣ୍ଟ ପାଇଁ ୩୯,୯୯୯ ଟଙ୍କା ମୂଲ୍ୟରେ ଉପଲବ୍ଧ ହେଉଛି କିନ୍ତୁ ଏକ ସ୍ୱତନ୍ତ୍ର ପାର୍ବଣ ଅଫର ଭାବେ ଏହାକୁ ସମସ୍ତ ମେନଲାଇନ ରିଟେଲ ଆଉଟଲେଟ, ଓପୋ ଇ-ଷ୍ଟୋର, ଫ୍ଲିପକାର୍ଟ ଓ ଆମାଜନରେ ସର୍ବନିମ୍ନ ୩୬,୯୯୯ ଟଙ୍କାରେ କ୍ରୟ କରାଯାଇପାରିବ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୨୬।୯(ସମିସ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅବସରରେ ଏକ "ୱାକାଥନ୍" ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ମୁମ୍ବାଇସ୍ଥିତ କାର୍ଯ୍ୟାଳୟର ମୁଖ୍ୟ ସତର୍କତା ଅଧିକାରୀ ଅଜୟ କୁମାର ସିଂ, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଏଚ୍. କେ ଦାସ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟ ଓ ଶାଖାର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ୱାକାଥନ୍ ରୁପାଲି ଛକରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇ ପୁନର୍ବାର ରୁପାଲି




ଛକକୁ ପ୍ରତ୍ୟାବର୍ତ୍ତନ କରିଥିଲା। ସତର୍କତା ସପ୍ତାହ ଉପଲକ୍ଷେ ବ୍ୟାଙ୍କ ଅଧିକାରୀମାନେ ଆନ୍ତରିକତାର ସହ କାର୍ଯ୍ୟ କରିବା ସହ ଉତ୍ତମ ଅଭ୍ୟାସକୁ ଆପଣେଇବା ଏବଂ ସତର୍କତା ନିର୍ଦ୍ଦେଶାବଳୀଗୁଡିକ ଜୀବନର ପ୍ରତ୍ୟେକ ସ୍ତରରେ ଅନୁସରଣ କରିବା ନିମନ୍ତେ ଶପଥ ଗ୍ରହଣ କରିଥିଲେ।

## ପୁରୀରେ ସଞ୍ଜୀବ ହିରୋର ଦ୍ୱିତୀୟ ଶୋ'ରୁମ୍



ପୁରୀ,୨୬।୯(ସମିସ): ବାଇକ୍ ଏବଂ ସ୍କୁଟର କ୍ଷେତ୍ରରେ ପୁରୀର ଭରସାଯୋଗ୍ୟ ଶୋ'ରୁମ୍ 'ସଞ୍ଜୀବ ହିରୋ'ର ଦ୍ୱିତୀୟ ଶୋ'ରୁମ୍ ଅଠରନଳାଠାରେ ଖୋଲିଛି। ଏହି ନୂଆ ଶୋ'ରୁମ୍‌କୁ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର (ଜଗୁନି) ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦୀର୍ଘବର୍ଷ ହେବ ପୁରୀରେ ସଞ୍ଜୀବ ହିରୋ ତା'ର ପ୍ରଥମ ଶୋ'ରୁମ୍ ମାଧ୍ୟମରେ ଗ୍ରାହକଙ୍କ ଭରସା ଓ ବିଶ୍ୱାସ ଜିତିପାରିଛି। ପୁରୀ ବଜାରକୁ ସବୁ ବର୍ଗଙ୍କ ପାଇଁ ବାଇକ୍ ଏବଂ ସ୍କୁଟର ଉପଲବ୍ଧ କରାଇ ଏହା ଗ୍ରାହକଙ୍କ ଚାହିଦାକୁ ପୂରଣ କରିଛି। ଏଥିରେ ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅମିତ୍ କୁମାର ମଲ୍ଲିକ କହିଛନ୍ତି, ଦୀର୍ଘ ବର୍ଷ ହେବ ଗ୍ରାହକ ଆମ ଉପରେ ଯେଉଁ ଭରସା, ବିଶ୍ୱାସ ରଖିଛନ୍ତି ତାହାକୁ ବଜାୟ ରଖିବା ପାଇଁ ସର୍ବଦା ଚେଷ୍ଟା ଜାରି ରଖିଛୁ। ତେଣୁ ଗ୍ରାହକଙ୍କ ସୁବିଧା ପାଇଁ ପୁରୀରେ ଦ୍ୱିତୀୟ ଶୋ'ରୁମ୍ ନୂଆ ଖୋଲାଯାଇଛି।

ପାର୍ବଣ ଅବସରରେ ସ୍ୱତନ୍ତ୍ର ରିଆତିର ବ୍ୟବସ୍ଥା ରହିଛି। ଏଠାରେ ହିରୋର ପେଟ୍ରୋଲ ଏବଂ ଇଭି ମଡେଲର ସମସ୍ତ ପ୍ରକାର ବାଇକ୍ ଓ ସ୍କୁଟର ଉପଲବ୍ଧ ହେବ ବୋଲି ଏମ୍‌ଡି ଶ୍ରୀ ମଲ୍ଲିକ କହିଛନ୍ତି। ଏହି ଅବସରରେ ଶୋ'ରୁମ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ଡିଏନ୍‌ଏମ୍ ସନ୍ତୋଷ କୁମାର ଭଟ୍ଟାଚାର୍ଯ୍ୟ, ସର୍ଭିସ୍ ମ୍ୟାନେଜର ପ୍ରଦୀପ କୁମାର ବେହେରା, ନମ୍ରତା ପାଠକ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁଗୋଳରେ ଜିନ୍ଦଲ ଷ୍ଟିଲ୍‌ର ବୃହତ ବ୍ଲାଷ୍ଟ ଫର୍ଣ୍ଣେସ କାର୍ଯ୍ୟକ୍ଷମ



ଭୁବନେଶ୍ୱର,୨୬।୯(ସମିସ): ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲ୍, ଅନୁଗୋଳ ଷ୍ଟିଲ୍ ପ୍ଲାଣ୍ଟରେ ଦେଶର ଅନ୍ୟତମ ସର୍ବବୃହତ ବ୍ଲାଷ୍ଟ ଫର୍ଣ୍ଣେସ୍ କାର୍ଯ୍ୟକ୍ଷମ କରି ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନକୁ ସାକାର କରିବାରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଭଗବତୀ ସୁଭଦ୍ରିକା ବ୍ଲାଷ୍ଟ ଫର୍ଣ୍ଣେସ୍-୨ ନାମରେ ନାମିତ ଏହି ପ୍ଲାଣ୍ଟର ହଟ୍ ମେଟାଲ ଉତ୍ପାଦନ କ୍ଷମତା ବାର୍ଷିକ ୪ ନିୟୁତ ଟନ ରୁ ବାର୍ଷିକ ୯ ନିୟୁତ ଟନକୁ ବୃଦ୍ଧି ପାଇଛି। ଏହାଦ୍ୱାରା ଅନୁଗୁଳ ଷ୍ଟିଲ୍ ପ୍ଲାଣ୍ଟକୁ ଏକ ସ୍ଥାନରେ ସଂଚାଳିତ ଓଡ଼ିଶାର ସର୍ବବୃହତ ଇସ୍ପାତ କାରଖାନା ହୋଇପାରିଛି। ଅନୁଗୋଳରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏହି ପ୍ଲାଣ୍ଟକୁ ଉଦଘାଟନ କରିଥିଲେ। ୫,୪୯୯ ଘନ ମିଟର ଉପଯୋଗୀ ଆୟତନ ସହିତ ଏହି ଫର୍ଣ୍ଣେସ୍ ବିଶ୍ୱର ସବୁଠାରୁ ବଡ଼ ଏବଂ ଉନ୍ନତ ବ୍ଲାଷ୍ଟ ଫର୍ଣ୍ଣେସ୍ ମଧ୍ୟରୁ ଗୋଟିଏ। ଏହି ଅବସରରେ ଶ୍ରୀ ଜିନ୍ଦଲ କହିଛନ୍ତି, ଅନୁଗୋଳ ପ୍ଲାଣ୍ଟର କ୍ଷମତାକୁ ବାର୍ଷିକ ୧୨ ନିୟୁତ ଟନକୁ ଦ୍ୱିଗୁଣିତ କରିଛୁ।

## ୨୮ ରେ ଅରୁନ୍ଧତୀ ଜୁଏଲର୍ସର ୧୦ମ ଶୋ'ରୁମ୍ ଶୁଭାରମ୍ଭ

**ଯୋଗଦେବେ ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ**

ଅନୁଗୋଳ,୨୬।୯(ସମିସ): ଓଡ଼ିଶାର ଅଗ୍ରଣୀ ଅଳଙ୍କାର ନିର୍ମାତା ତଥା ବିକ୍ରେତା ଅରୁନ୍ଧତୀ ଜୁଏଲର୍ସର ୧୦ମ ଶୋ'ରୁମ୍ ଅନୁଗୋଳର ଶଙ୍କର ସିନେମା ହଲ ରୋଡଠାରେ ଚଳିତମାସ ୨୮ରେ ଉଦଘାଟିତ ହେବ। ଏହି ଉତ୍ସବରେ ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଅରୁନ୍ଧତୀର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଏହି ସୂଚନା ଦେଇଛନ୍ତି। ଦୀର୍ଘ ୨୫ ବର୍ଷ ହେଲା ସମସ୍ତଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଅରୁନ୍ଧତୀ ଉପରେ ଥିବା ଭରସାକୁ ନେଇ ଅନୁଷ୍ଠାନ ଆଜି ସାରା ଓଡ଼ିଶାରେ ଏକ ପ୍ରତିଷ୍ଠିତ ସୁନା ଓ ହୀରା ଗହଣା ବ୍ରାଣ୍ଡ ଭାବେ ମାନ୍ୟତା ପାଇଛି। ରାଜ୍ୟର ନିଜସ୍ୱ ବ୍ରାଣ୍ଡ ଭାବେ ସର୍ବାଧିକ ସହରରେ ନିଜ ଉପସ୍ଥିତି ଜାହିର କରିପାରିଛି। ଅନୁଗୋଳ ଶଙ୍କର ସିନେମା ହଲ ରୋଡଠାରେ ଅରୁନ୍ଧତୀର ଏହି ନୂତନ ଅତ୍ୟାଧୁନିକ ଫ୍ଲାଗସିପ ଶୋ'ରୁମ ୭୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ପ୍ରତିଷ୍ଠା ହୋଇଛି। ଆଗକୁ ଆସୁଥିବା ପାର୍ବଣ ଋତୁ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ମେଗା ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ପାଇପାରିବେ। ସୁନାଗହଣାର ଗଢ଼ା ମଜୁରିରେ ୫୦% ରିଆତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯିବ ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ସିଇଓ ରାଜେନ୍ଦ୍ର ମାଟୋ, ଅପରେସନ ମୁଖ୍ୟ ନୀହାର ରଞ୍ଜନ ନନ୍ଦ ଏବଂ ଏଜିଏମ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




■ ନାଲ୍‌କୋର ୪୪ତମ ବାର୍ଷିକ ସାଧାରଣ ବୈଠକ

## ଅତ୍ୟାଧୁନିକ ପ୍ରଯୁକ୍ତି ସହ ସ୍ୱଚ୍ଛ ଶକ୍ତି ଉପରେ ଗୁରୁତ୍ୱ




ଭୁବନେଶ୍ୱର,୨୬।୯(ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ଏହାର ୪୪ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ୍ ମୋଡରେ ସେୟାରଧାରୀଙ୍କୁ ସମ୍ବୋଧିତ କରି ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କମ୍ପାନୀର ସଫଳ ଯାତ୍ରା ନିମନ୍ତେ ନାଲକୋ ପରିବାରର ପ୍ରଚେଷ୍ଟା ଏବଂ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି, ଯାହା କମ୍ପାନୀକୁ ୨୦୨୪-୨୫ ଆର୍ଥିକବର୍ଷରେ ରେକର୍ଡ ପ୍ରଦର୍ଶନ ହାସଲ କରିବାରେ ସାହାଯ୍ୟ କରିଛି। ଶ୍ରୀ ସିଂହ ଭାରତୀୟ ଆଲୁମିନିୟମ କ୍ଷେତ୍ରର ଅପାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିବା ସହ କହିଥିଲେ ଯେ, ୨୦୩୦ ପର୍ଯ୍ୟନ୍ତ ଘରୋଇ ଚାହିଦା ୭.୬ପ୍ରତିଶତ ହାରରେ ବୃଦ୍ଧି ହେବାର ଆକଳନ କରାଯାଉଛି। ଏହି ବୃଦ୍ଧି ମୁଖ୍ୟତଃ ବୈଦ୍ୟୁତିକ ଯାନବାହନର ବୃଦ୍ଧି, ଦ୍ରୁତ ଭିତ୍ତିଭୂମି ବିକାଶ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରର ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହେବ। ବାର୍ଷିକ ସାଧାରଣ ବୈଠକରେ କମ୍ପାନୀ ସଚିବଙ୍କ ସହିତ କାର୍ଯ୍ୟାତ୍ମକ ଏବଂ ସ୍ୱାଧୀନ ନିର୍ଦ୍ଦେଶକମାନେ ମଧ୍ୟ ଉପସ୍ଥିତ ଥିଲେ। ସେୟାରଧାରକମାନେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ୨.୫୦ଙ୍କା ର ଚୂଡ଼ାନ୍ତ ଲାଭାଂଶକୁ ଅନୁମୋଦନ କରିଥିଲେ ଯାହାର ପରିମାଣ ୪୫୯.୧୬ କୋଟି ଟଙ୍କା।

**ସମନ୍ୱିତ ଗୃହ ଓ ବସ୍ତି ବିକାଶ ଯୋଜନାରେ ସୁବିଧା ନ ମିଳିବା ପ୍ରସଙ୍ଗ**

## ହାଇକୋର୍ଟରେ ହାଜର ହେଲେ ବିଏମସି କମିସନର

କଟକ, ୨୬।୯ (ସମିସ): ଭୁବନେଶ୍ୱର ଶାନ୍ତିପଲି ବସ୍ତିରେ ବସ୍ତିବାସିନ୍ଦାଙ୍କ ଭୂମି ଅଧିକାର ଆଇନ-୨୦୧୭ ଏବଂ ଏହା ଅଧୀନରେ ସମନ୍ୱିତ ଗୃହ ଏବଂ ବସ୍ତିବିକାଶ କାର୍ଯ୍ୟକ୍ରମରେ ସୁବିଧା ପ୍ରଦାନ କରା ନଯିବା ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରୁଛନ୍ତି। ଏହି ମାମଲାର ଶୁଣାଣି ସମୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିସନର୍ ହାଜର ହେବା ସହ ସମନ୍ୱିତ ଗୃହ ନିର୍ମାଣ ଯୋଜନା ସମ୍ପର୍କରେ ଏକ ଅତିରିକ୍ତ ସତ୍ୟପାଠ ଦାଖଲ କରିଥିଲେ। ଆବେଦନକାରୀ ତାଙ୍କ ଜବାବ ରଖିବା ପରେ ହାଇକୋର୍ଟ ମାମଲା ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। କ୍ଷେତ୍ରବାସୀ ବେହେରା ଓ ଅନ୍ୟମାନଙ୍କ ତରଫରୁ ରୁଜୁ ଏହି ମାମଲାର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ସ୍ଥିତାବସ୍ଥା ଜାରି ପାଇଁ ହାଇକୋର୍ଟଙ୍କ ଗତ ୨୦୨୩ ଅଗଷ୍ଟ ୭ର ଅନ୍ତରୀଣ ଆଦେଶକୁ କୋର୍ଟ ବଳବତ୍ତର ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଓଡ଼ିଶା ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର ଆଇନ-୨୦୧୭ ଏବଂ ଏହା ଅଧୀନରେ ପ୍ରଣୀତ ନିୟମ ଅନୁଯାୟୀ, ଉକ୍ତ ବସ୍ତିରେ ସମନ୍ୱିତ ଗୃହ ଏବଂ ବସ୍ତି ବିକାଶ ଯୋଜନାରେ ସେମାନଙ୍କୁ ସାମିଲ କରାଯାଇ ନଥିଲା। ଏପରିକି, ବିଏମ୍‌ସି ପକ୍ଷରୁ ଉଚ୍ଛେଦ ପାଇଁ ମାଇକ୍ ଯୋଗେ ଘୋଷଣା କରାଯାଇଥିଲା। ଏହା ବେଆଇନ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

● ଭିସୁଟ୍ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

## ଅଭିଯୁକ୍ତକୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ, ୨୬।୯(ସମିସ): ସମ୍ବଲପୁର ବୁର୍ଲାସ୍ଥିତ ଭିସୁଟ୍ (ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଆଣ୍ଡ ଟେକ୍ନୋଲୋଜି)ର ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଗିରଫ ଅଭିଯୁକ୍ତ ପ୍ରୀତମ ଦେଙ୍କୁ ହାଇକୋର୍ଟ ଆଜି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୫୦ ହଜାର ଟଙ୍କା ଓ ଦୁଇଜଣ ଜାମିନଦାରଙ୍କ ବଦଳରେ ଅଦାଲତ ଏହି ଜାମିନ ଆବେଦନକୁ ମଂଜୁର କରିଛନ୍ତି। ଶ୍ରୀ ଦେଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦେଶ ବାହାରକୁ ଯାଇପାରିବେ ନାହିଁ ଓ ତାଙ୍କର ଯଦି ପାସପୋର୍ଟ ଥାଏ ତାହେଲେ ତାହାକୁ ସରେଣ୍ଡର କରିବେ। ସେହିଭଳି ପୁଲିସ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବା ସହ ନିମ୍ନ ଅଦାଲତର ପ୍ରତି ଶୁଣାଣି ସମୟରେ ଉପସ୍ଥିତ ରହିବେ। ଉପରୋକ୍ତ ସର୍ତ୍ତ ସହ ନିମ୍ନ ଅଦାଲତ ଅଧିକ ସର୍ତ୍ତାରୋପ କରି ଜାମିନରେ ଛାଡିପାରିବେ ବୋଲି କୁହାଯାଇଛି।

ମାମଲାରୁ ପ୍ରକାଶଯେ ଗତ ୨୦୨୩ଫେବୃଆରି ୨୮ରେ ଚିନ୍ମୟୀ ଭିସୁଟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପାଇଁ ଯାଇ ଆଉ ଫେରିନଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଇନଥିବା ବେଳେ ମାର୍ଚ୍ଚ ୧ ତାରିଖ ଦିନ ବୁର୍ଲା ପାୱାର କେନାଲ ନିକଟରୁ ତାଙ୍କର ମୃତ ଦେହ ମିଳିଥିଲା। ପରିବାରଲୋକେ ଚିନ୍ମୟୀଙ୍କୁ ହତ୍ୟା କରାଯାଇଥିବା ନେଇ ବୁର୍ଲା ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ଗତ ୨୦୨୫ ମାର୍ଚ୍ଚ ୩୧ରେ ଆବେଦନକାରୀଙ୍କୁ ପୁଲିସ ଗିରଫ କରିଥିଲା। ଅନ୍ୟପଟରେ ପୁଲିସ ତଦନ୍ତରେ ନିଷ୍କ୍ରିୟତା ଅଭିଯୋଗ କରି ମୃତକଙ୍କ ମାତା ଦାୟର କରିଥିବା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି।

## ଏସ୍‌ଟିପିଆଇ ଭୁବନେଶ୍ୱର ପକ୍ଷରୁ ସଚେତନତା ଅଧିବେଶନ

ଭୁବନେଶ୍ୱର,୨୬।୯(ସମିସ): ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍ ୨୦୨୬ ଏବଂ ସଂକଳ୍ପ (ଷ୍ଟାର୍ଟଅପ୍ ଆଡ୍‌ଭାନ୍ସମେଣ୍ଟ ଫର୍ ନେକ୍ସଟ-ଜେନ୍, ନଲେଜ, ଆଗାଇଲ ଲିଡରସିପ୍ ଆଣ୍ଡ ପ୍ରୋଗ୍ରେସ) ନିମନ୍ତେ ଅଗ୍ରଣୀ ନେକ୍ସଟ୍ ଜେନେରେସନ ଇନ୍‌କ୍ୟୁବେସନ ସ୍କିମ୍ (ଏନ୍‌ଜିଆଇଏସ୍) ଅଧୀନରେ ସଫ୍ଟୱେର ଟେକ୍ନୋଲୋଜି ପାର୍କସ୍ ଅଫ ଇଣ୍ଡିଆ (ଏସ୍‌ଟିପିଆଇ)- ଭୁବନେଶ୍ୱର ସଫଳତାର ସହିତ ପ୍ରାକ୍-ସମ୍ମିଟ୍ ସଚେତନତା ଅଭିଯାନ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ବିପିୟୁଟିର ସମ୍ମାନନୀୟ କୁଳପତି ପ୍ରଫେସର ଅନୀୟ କୁମାର ରଥ,ସିଏସଆଇଆର-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ଡାଇରେକ୍ଟର ଡ. ରାମାନୁଜ ନାରାୟଣ, ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ରଶ୍ମିତା ପଣ୍ଡା; ଭୁବନେଶ୍ୱର ଆଞ୍ଜେଲସ୍ ଚେୟାରମ୍ୟାନ ଦେବୁ ପଟ୍ଟନାୟକ ଏବଂ ଏସ୍‌ଟିପିଆଇ-ଭୁବନେଶ୍ୱର ଡାଇରେକ୍ଟର ସୂର୍ଯ୍ୟ କୁମାର ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ସେମାନଙ୍କର ଉପସ୍ଥିତି ଏହି ଅଞ୍ଚଳର ଷ୍ଟାର୍ଟଅପ୍ ପରିବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ନବସୃଜନ-ନେତୃତ୍ୱରେ ଔଦ୍ୟୋଗିକତାକୁ ଆଗେଇନେବା ନିମନ୍ତେ ସାମୂହିକ ପ୍ରୟାସର ଗୁରୁତ୍ୱକୁ ଦର୍ଶାଇଥିଲା।

## ଇଣ୍ଡିଗୋ ଏସ୍‌ବିଆଇ କାର୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ, ୨୬।୯: ଭାରତର ସର୍ବବୃହତ ପିଓର-ପ୍ଲେ କ୍ରେଡିଟ୍ କାର୍ଡ ପ୍ରଦାନକାରୀ ଏସବିଆଇ କାର୍ଡ ଏବଂ ଭାରତର ପସନ୍ଦର ଏୟାରଲାଇନ୍ସ, ଇଣ୍ଡିଗୋ, ଆଜି ଇଣ୍ଡିଗୋ ବ୍ଲୁଚିପ୍‌ସ ଲୟାଲ୍ଟି ପ୍ରୋଗ୍ରାମର ଅଂଶ ଭାବରେ 'ଇଣ୍ଡିଗୋ ଏସବିଆଇ କାର୍ଡର ଶୁଭାରମ୍ଭ କରିଛି। ଏହି ପ୍ରିମିୟମ୍ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ଦୁଇଟି ପ୍ରକାରରେ ଶୁଭାରମ୍ଭ କରାଯାଇଛି, ଇଣ୍ଡିଗୋ ଏସବିଆଇ କାର୍ଡ ଏବଂ ଇଣ୍ଡିଗୋ ଏସବିଆଇ କାର୍ଡ ଏଲିଟ୍, ଯାହା ଉତ୍ସାହୀ ଯାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ପୁରସ୍କାରପ୍ରଦ ଅଭିଜ୍ଞତା ପ୍ରଦାନ କରିବ। ଗ୍ରାହକମାନେ ଇଣ୍ଡିଗୋର ଇକୋସିଷ୍ଟମ ମଧ୍ୟରେ ପ୍ରଦାନ କରାଯାଇଥିବା ସମସ୍ତ ଖର୍ଚ୍ଚ ଯଥା ହୋଟେଲ ଏବଂ ଯାତ୍ରା ବୁକିଂ, ଅନ୍ୟାନ୍ୟ ବର୍ଗ ମଧ୍ୟରେ ରିୱାର୍ଡ ପାଇପାରିବେ।

## ଆମୱେ ଇଣ୍ଡିଆର ପରବର୍ତ୍ତୀ ପିଢ଼ିର ସ୍କିନ୍ କେୟାର

ନୂଆଦିଲ୍ଲୀ,୨୬।୯(ଏଜେନ୍ସି): ଆମୱେ ଇଣ୍ଡିଆ ଶୀଘ୍ର ଏବଂ ଦୃଶ୍ୟମାନ ବୟସ୍କ ତ୍ୱଚାର ଯଥାକ୍ରମେ ଶୀଘ୍ର ଓ ଆଗୁଆ ସଙ୍କେତଗୁଡିକ ପ୍ରତି ଦୃଷ୍ଟିଦେବାକୁ ଦୁଇଟି ପରବର୍ତ୍ତୀ ପିଢିର ସ୍କିନ୍‌କେୟାର ଉତ୍ପାଦ- ଆର୍ଟିଷ୍ଟ୍ରି ସ୍କିନ୍ ନ୍ୟୁଟ୍ରିସନ ଡିଫାଇଙ୍ଗ ସେରମ୍ ଏବଂ ଆର୍ଟିଷ୍ଟ୍ରି ସ୍କିନ୍ ନ୍ୟୁଟ୍ରିସନ କରେକ୍ଟିଂ ସେରମ୍ ପ୍ରଚଳନ କରିଛି। ଉନ୍ନତ ସେରମ୍‌ଗୁଡିକ ଆର୍ଟିଷ୍ଟ୍ରି ସ୍କିନ୍ ନ୍ୟୁଟ୍ରିସନ ହାଇଡ୍ରେଟିଂ, ବାଲାନସିଂ ଓ ରିନିୱିଂ ଏବଂ ଫାର୍ମି ବର୍ଗମାଳା ନେତୃତ୍ୱରେ ରହିଥିବା ମୂଳଦୁଆ ଉପରେ ପ୍ରସ୍ତୁତ କରାଯାଇ ବିଭିନ୍ନ ଜୀବନ ପର୍ଯ୍ୟାୟଗୁଡିକରେ ପରିବର୍ତ୍ତିତ ତ୍ୱଚାଯତ୍ନ ଆବଶ୍ୟକତା ପୂରଣ କରିବାକୁ ଅତ୍ୟନ୍ତ ଚିନ୍ତାଶୀଳ ଭାବରେ ପ୍ରସ୍ତୁତ କରାଯାଇଛି। ଉଦ୍ଭିଦ ବିଜ୍ଞାନରେ ନ୍ୟୁଟ୍ରିଲାଇଟ୍‌ର ୯୦ ବର୍ଷର ପରମ୍ପରା ସମର୍ଥନରେ ଏହି ସେରମ୍‌ଗୁଡିକ ତ୍ୱଚାରେ ମଜଭୁତପଣ, କୋମଳତା ଏବଂ ଦୃଢତା ଆଣିବା ଭଳି ଦୃଶ୍ୟମାନ ଫଳାଫଳ ଦେବାକୁ ନ୍ୟୁଟ୍ରିଲାଇଟ ଦ୍ୱାରା ପ୍ରସ୍ତୁତ ଉପାଦାନଗୁଡିକରେ ପରିପୁଷ୍ଟ ହୋଇଛି, ଯାହା ଯୁବସୁଲଭ ଦେଖାଯାଉଥିବା ତ୍ୱଚା ନିମନ୍ତେ ପ୍ରକୃତି ଓ ବିଜ୍ଞାନର ଶକ୍ତିକୁ ଏକତ୍ର କରିଥିବା ଆମୱେ ଇଣ୍ଡିଆର ଏମ୍‌ଡି ରଜନୀଶ ଚୋପ୍ରା କହିଛନ୍ତି।

## ଜୁବିନ ଗର୍ଗ ମୃତ୍ୟୁ ମାମଲାରେ ସଙ୍ଗୀତଜ୍ଞ ଗିରଫ

ଦିଶପୁର, ୨୬।୯ (ଏଜେନ୍ସି): ସିଙ୍ଗାପୁରରେ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ସଂଶୟ ଜାରି ରହିଛି। ମାମଲାର ତଦନ୍ତ ଲାଗି ଆସାମ ସରକାର ସ୍ୱତନ୍ତ୍ର ଟିମ୍ (ଏସଆଇଟି) ଗଠନ କରିଛନ୍ତି। ଏସ୍ଆଇଟି ଏହି ମାମଲାରେ ସଙ୍ଗୀତଜ୍ଞ ଶେଖର ଜ୍ୟୋତି ଗୋସ୍ୱାମୀଙ୍କୁ ଗିରଫ କରିଛି। ସେହିପରି ଜୁବିନଙ୍କ ମ୍ୟାନେଜର ଘରେ ମଧ୍ୟ ଚଢ଼ଉ କରାଯାଇଛି। ସୂଚନା ଅନୁଯାୟୀ ଜୁବିନଙ୍କ ବ୍ୟାଣ୍ଡରେ ସଙ୍ଗୀତଜ୍ଞ ଭାବେ ଶେଖର କାର୍ଯ୍ୟ କରୁଥିଲେ। ସେ ସିଙ୍ଗାପୁର ଗସ୍ତରେ ମଧ୍ୟ ଜୁବିନଙ୍କ ସାଙ୍ଗରେ ଥିଲେ। ଏହା ବ୍ୟତୀତ ସିଙ୍ଗାପୁର କାର୍ଯ୍ୟକ୍ରମର ଆୟୋଜନକାରୀ ଶ୍ୟାନକାନୁ ମହନ୍ତଙ୍କୁ ମଧ୍ୟ ଯାଞ୍ଚ ପରିସରକୁ ନିଆଯାଇଛି। ଆୟୋଜନକାରୀ ଏବଂ ଜୁବିନଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ଧିରେନପାରା ଓ ଗୀତାନଗର ସ୍ଥିତ ଘରେ ଚଢ଼ଉ କରାଯାଇଛି। କିନ୍ତୁ ଏହି ସମୟରେ ଉଭୟେ ଘରେ ନ ଥିଲେ। ରିପୋର୍ଟ ଅନୁଯାୟୀ ଯାଞ୍ଚ ପାଇଁ ଏସ୍ଆଇଟି ସିଦ୍ଧାର୍ଥଙ୍କ ଘରେ ପହଞ୍ଚିବା ପରେ ଅନେକ ଲୋକେ ଏକାଠି ହୋଇ ପୁଲିସ ଗାଡ଼ି ଉପରକୁ ପଥର ମାଡ଼ କରିଥିଲେ। ଉପଦ୍ରବୀଙ୍କୁ ଉସୁକାଇବାକୁ ନେଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ତେବେ କେଉଁ ଧାରାରେ ଏମାନଙ୍କୁ ଗିରଫ କରାଯାଇଛି ଏବଂ କ'ଣ ପ୍ରମାଣ ମିଳିଛି ତାହା ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ସମୟରେ ଜୁବିନଙ୍କ ମୃତ୍ୟୁ ହୋଇଥିଲା। ତେବେ ସେ ଲାଇଫ ଜ୍ୟାକେଟ ନ ପିନ୍ଧି ସମୁଦ୍ରକୁ ଯାଇଥିଲେ। ପ୍ରଥମେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ପରେ ଅନ୍ୟ ସନ୍ଦେହଜନକ ସ୍ଥିତିକୁ ନେଇ ସରକାର ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଆରମ୍ଭ

ପାଟନା, ୨୬ ।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭର୍ଚୁଆଲ ଭାବେ ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ର ଶୁଭାରମ୍ଭ କରିଛନ୍ତି। ସେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କ ଖାତାକୁ ଅନ୍ଲାଇନରେ ୧୦ ହଜାର ଟଙ୍କା ଲେଖାଏଁ ପଠାଇଛନ୍ତି। ୨୦୨୦ର ତଥ୍ୟ ଅନୁଯାୟୀ ବିହାରରେ ମୋଟ ୩.୩୯ କୋଟି ମହିଳା ଭୋଟର ଅଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୨ ପ୍ରତିଶତ ମହିଳା ଭୋଟରଙ୍କୁ ଏହି ଯୋଜନାର ଲାଭ ମିଳିବ। ଏହି ଅବସରରେ 'ଜୀବିକା ଦିଦି'ଙ୍କୁ ସମ୍ବୋଧନ କରି ମୋଦୀ କହିଛନ୍ତି ଯେ ଦେଶରେ ଜନ-ଧନ ଯୋଜନା ଅଧିନରେ ୩୦ କୋଟିରୁ ଅଧିକ ମାଆ, ଭଉଣୀଙ୍କ ବ୍ୟାଙ୍କ ଖାତା ଖୋଲା ଯାଇ ନ ଥିଲେ ଆଜି ଏତେ ଟଙ୍କା ପଠାଇବା ସହଜ ହୋଇ ନ ଥାଆନ୍ତା। ଆଜି ଯେଉଁ ଟଙ୍କା ପଠାଯାଇଛି ତାହା ବ୍ୟାଙ୍କ ଖାତାରେ ଜମା ହେବ। ସେଥିରୁ କେହି ଗୋଟିଏ ପଇସା ବି ନେଇପାରିବେ ନାହିଁ। ପୂର୍ବରୁ ଯୋଜନାର ଅର୍ଥ ଆପଣଙ୍କ ପାଖକୁ ପହଞ୍ଚିବା ପୂର୍ବରୁ ଲୁଟ୍ ହୋଇ ଯାଇଥିଲା। ଭଉଣୀ ସୁସ୍ଥ ଏବଂ ଖୁସିରେ ରହିଲେ ଭାଇ ଖୁସି ହୋଇଥାଏ। ଆଜି ଆପଣଙ୍କ ଦୁଇ ଭାଇ ନରେନ୍ଦ୍ର ଏବଂ ନୀତୀଶ ମିଳିମିଶି ଭଉଣୀମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି।

## 'ବ୍ଲାକବୋର୍ଡ'ରେ ନିର୍ବାଚନ ଲଢ଼ିବେ ଲାଲୁଙ୍କ ପୁଅ

ପାଟନା, ୨୬।୯ (ଏଜେନ୍ସି): ପ୍ରେମ ପାଇଁ ପରିବାରରୁ ବିତାଡ଼ିତ ହେବା ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ନୂଆ ଦଳ ଗଠନ କରିଛନ୍ତି। ଏହି 'ଜନଶକ୍ତି ଜନତା ଦଳ' ମାଧ୍ୟମରେ ସେ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କ ଦଳ ସହ ମେଣ୍ଟ କରିବା ପାଇଁ କଂଗ୍ରେସ ଏବଂ ଆରଜେଡିକୁ ମଧ୍ୟ କହିଛନ୍ତି। ସେ ନିଜ ସାନ ଭାଇ ତଥା ଆର୍‌ଜେଡିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କୁହାଯାଉଥିବା ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଚେତାବନୀ ଦେଇଛନ୍ତି। ଦଳ କଥାରେ ମୁଣ୍ଡ ନ ପୂରାଇବାକୁ କହିଛନ୍ତି। ଭାଇକୁ ମୁଖ୍ୟମନ୍ତ୍ରୀ ହେବାକୁ ସମର୍ଥନ ଦେବେ ବୋଲି ମଧ୍ୟ ତେଜପ୍ରତାପ ଉଲ୍ଲେଖ କରିଛନ୍ତି। ଏପରି ସମୟରେ ତେଜପ୍ରତାପଙ୍କ ଦଳକୁ ନିର୍ବାଚନୀ ଚିହ୍ନ ମିଳିଯାଇଛି। ବ୍ଲାକ ବୋର୍ଡ ତଥା କଳାପଟା ମାଧ୍ୟମରେ ସେ ମୈଦାନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି। ତେଜ ପ୍ରତାପ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରସ୍ତୁତ। ରାଜ୍ୟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣି ନୂତନ ବ୍ୟବସ୍ଥା ସୃଷ୍ଟି କରିବା ଆମର ଲକ୍ଷ୍ୟ। ସାମଗ୍ରିକ ବିକାଶ ପାଇଁ ଦୀର୍ଘ ଲଢ଼େଇ ନିମନ୍ତେ ଆମେ ପ୍ରସ୍ତୁତ ଅଛୁ। ଏହା ସହିତ ତେଜପ୍ରତାପ ନିଜ ଦଳର ପୋଷ୍ଟର ଉନ୍ମୋଚନ କରିଛନ୍ତି। ଏଥିରେ ତାଙ୍କ ବାପାଙ୍କ ଫଟୋ ନାହିଁ। ମହାତ୍ମା ଗାନ୍ଧୀ, ବି.ଆର. ଆମ୍ବେଦକର, ରାମ ମନୋହର ଲୋହିଆ, ଜୟ ପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କୁ ପୋଷ୍ଟରରେ ସ୍ଥାନ ଦିଆଯାଇଛି।

## ଶାହବାଜ-ମୁନୀରଙ୍କୁ ଅଧ ଘଣ୍ଟା ଅପେକ୍ଷା କରାଇଲେ ଟ୍ରମ୍ପ

ୱାଶିଂଟନ, ୨୬।୯ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଅସୀମ ମୁନୀର ଗୁରୁବାର ବିଳମ୍ବିତ ରାତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ କରିଛନ୍ତି। ବୈଠକ ପୂର୍ବରୁ ଟ୍ରମ୍ପ ଉଭୟଙ୍କୁ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରାଇ ଥିଲେ। ଏହି ସମୟରେ ଟ୍ରମ୍ପ ସାମ୍ବାଦିକ ସମ୍ମିଳନୀ କରୁଥିଲେ। ସୂଚନା ଅନୁଯାୟୀ ରାତି ପ୍ରାୟ ୨ଟାରେ ଶାହବାଜ ହ୍ୱାଇଟହାଉସରେ ପହଞ୍ଚି ଥିଲେ। ଏହି ସମୟରେ ଟ୍ରମ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର ଏବଂ ସାମ୍ବାଦିକଙ୍କ ସହ ଆଲୋଚନା କରୁଥିଲେ। ଟ୍ରମ୍ପଙ୍କ ପାଇଁ ଶାହବାଜ ଅପେକ୍ଷା କରି ରହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଘଣ୍ଟାଏ ୨୦ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା ହୋଇଥିଲା। ଏହି ବୈଠକକୁ ଗଣମାଧ୍ୟମକୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ଟ୍ରମ୍ପ ଏବଂ ସରିଫ-ମୁନୀର ଆଲୋଚନାକୁ ନେଇ ହ୍ୱାଇଟହାଉସ ପକ୍ଷରୁ କୌଣସି ଫଟୋ କିମ୍ବା ଭିଡିଓ ଜାରି କରାଯାଇ ନ ଥିଲା। ତେବେ ଏହା ପୂର୍ବରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ଟ୍ରମ୍ପ ଯେଉଁ ଦାବି କରି ଆସୁଛନ୍ତି ତାହାକୁ ଶାହବାଜ ସମର୍ଥନ ଦେଇଥିଲେ। ଗତ ତିନି ଦିନ ମଧ୍ୟରେ ଟ୍ରମ୍ପ ଏବଂ ଶାହବାଜଙ୍କ ମଧ୍ୟରେ ଦ୍ୱିତୀୟ ଆଲୋଚନା ହୋଇଛି।

### ୬୨ ବର୍ଷର ଯାତ୍ରାରେ ପଡ଼ିଲା ପୂର୍ଣ୍ଣଛେଦ

# ବିଦାୟ ନେଲା ତିନି ଯୁଦ୍ଧର ପ୍ରମୁଖ ସାରଥି

ଚଣ୍ଡିଗଡ଼, ୨୬।୯ (ଏଜେନ୍ସି): ତିନି ତିନିଟା ଯୁଦ୍ଧରେ ଭାରତର ପ୍ରମୁଖ ସାରଥି ସାଜିଥିବା ତଥା ଭାରତୀୟ ବାୟୁସେନାର ମେରୁଦଣ୍ଡ ଭାବେ ପରିଚିତ ଲଢୁଆ ଯୁଦ୍ଧ ବିମାନ ମିଗ୍-୨୧କୁ ଶୁକ୍ରବାର ଶେଷ ବିଦାୟ ଦିଆଯାଇଛି। ଏହି ବିମାନ ଯେଉଁଠି ସେବାରେ ସାମିଲ ହୋଇଥିଲା, ସେଇଠି ହିଁ ସେବାରୁ ଅବସର ନେଇଛି।

### ମିଗ୍-୨୧ ଉଡ଼ାଇଲେ ବାୟୁସେନା ମୁଖ୍ୟ

ଚଣ୍ଡିଗଡ଼ ଏୟାରବେସ୍‌ରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମିଗ୍-୨୧କୁ ସେବାରୁ ଅପସାରଣ କରାଯାଇଛି। ଆଜିଠାରୁ ଆଉ କୌଣସି ଉଡ଼ାଣରେ ମିଗ୍-୨୧କୁ ଦେଖିବାକୁ ମିଳିବ ନାହିଁ। ଏହି ବିଦାୟୀ କାର୍ଯ୍ୟକ୍ରମରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ୨୩ ସ୍କ୍ୱାଡ୍ରନର ୬ ଲଢୁଆ ବିମାନ ସହିତ ଶେଷ ଉଡ଼ାଣ ଭରିଥିଲେ। ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ମଧ୍ୟ ଫ୍ଲାଇପାଷ୍ଟରେ ଭାଗ ନେଇଥିଲେ। ଏହି ବିମାନ ୧୯୬୩ରେ ଚଣ୍ଡିଗଡ଼ ଏୟାରବେସରୁ ବାୟୁସେନାରେ ସାମିଲ ହୋଇଥିଲା।



୬୨ ବର୍ଷର ସେବା ମଧ୍ୟରେ ଭାରତର ଏହି ପ୍ରଥମ ସୁପରସୋନିକ ଲଢୁଆ ବିମାନ ମିଗ୍-୨୧ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେସ ମୁକ୍ତି ସଂଗ୍ରାମ, ୧୯୯୯ର କାର୍ଗିଲ ଯୁଦ୍ଧ ଏବଂ ୨୦୧୯ର ବାଲାକୋଟ ଏୟାର ଷ୍ଟ୍ରାଇକରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହି ବିମାନ ଧ୍ୱନିଠାରୁ ସେକେଣ୍ଡ ପିଛା ୩୩୨ ମିଟର ଅଧିକ ବେଗରେ ଉଡ଼ି ପାରୁଥିଲା। ଏବେ ତେଜସ ଏଲ୍‌ସିଏ ମାର୍କ ୧ଏ ଲଢୁଆ ବିମାନ ମିଗ-୨୧ର ସ୍ଥାନ ନେବ। ଏହି ବିଦାୟକାଳୀନ କାର୍ଯ୍ୟକ୍ରମରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ତିନି ସେନାର ମୁଖ୍ୟଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରାଳୟର ଅନେକ ଅଧିକାରୀ ସାମିଲ ହୋଇଥିଲେ। ଏଠାରେ ମିଗ୍-୨୧କୁ ଶେଷ ସାଲ୍ୟୁଟ (ୱାଟର ଗନ୍) ଦିଆଯାଇଥିଲା। ସୂର୍ଯ୍ୟକିରଣ ଟିମ୍ ରଣକୌଶଳ ପ୍ରଦର୍ଶନ କରିଥିଲା। ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଦୀର୍ଘ ସମୟ ହେଲା ମିଗ୍-୨୧ ଅନେକ ସାହସିକ କାର୍ଯ୍ୟର ସାକ୍ଷୀ ରହିଛି। ଏହାର ଯୋଗଦାନ କୌଣସି ଗୋଟିଏ ଘଟଣା କିମ୍ବା ଗୋଟିଏ ଯୁଦ୍ଧରେ ସୀମିତ ନାହିଁ। ୧୯୭୧ ଯୁଦ୍ଧରୁ ନେଇ କାର୍ଗିଲ ସଂଘର୍ଷ ପର୍ଯ୍ୟନ୍ତ କିମ୍ବା ବାଲାକୋଟ ଏୟାରଷ୍ଟ୍ରାଇକରୁ ନେଇ 'ଅପରେସନ ସିନ୍ଦୂର' ଯାଏଁ ସବୁଥିରେ ମିଗ୍-୨୧ ସଶସ୍ତ୍ର ବାହିନୀକୁ ଅସୀମ ଶକ୍ତି ପ୍ରଦାନ କରିଛି। ସେନାର ବୀରତାର ଯାତ୍ରାରେ ଏହି ଲଢୁଆ ବିମାନର ଯୋଗଦାନ ରହିଛି। ଆଜି ଆମେ ଏହି ବିମାନକୁ ବିଦାୟ ଦେଉଛି। ମିଗ-୨୧କୁ ନେଇ ଗୌରବ ଏବଂ କୃତଜ୍ଞତା ରହିଛି। ଏହା କେବଳ ଏକ ମେସିନ ନୁହେଁ, ଭାରତ-ରୁଷ ବନ୍ଧୁତାର ସାକ୍ଷୀ ମଧ୍ୟ। ଭାରତରେ ୮୫୦ ମିଗ୍ ବିମାନ ଥିଲା।

ସୂଚନାଯୋଗ୍ୟ ଯେ ୧୯୫୬ରେ ମିଗ-୨୧ ସୋଭିଏତର ଆକାଶରେ ପ୍ରଥମ ଉଡ଼ାଣ ଆରମ୍ଭ କରିଥିଲା। ଏହା ୧୯୫୯ରେ ସୋଭିଏତ ୟୁନିୟନର ବାୟୁସେନା ଫ୍ଲିଟରେ ସାମିଲ ହୋଇଥିଲା। ୧୩ ମିଟର ଲମ୍ବ ବିଶିଷ୍ଟ ଏହି ବିମାନ ଥରକେ ୧୨୧୦ କିମି ପର୍ଯ୍ୟନ୍ତ ଉଡ଼ାଣ କରିବାରେ ସକ୍ଷମ। ଏହାର ଓଜନ ୯,୮୦୦ କେଜି। ଏହା ଘଣ୍ଟା ପ୍ରତି ୨୨୩୦ କିମି ବେଗରେ ଗତି କରିପାରିବ। ତେବେ ଏହି ଲଢୁଆ ବିମାନ 'ଉଡ଼ନ୍ତା କଫିନ' ଏବଂ 'ୱିଡୋ ମେକର' କୁହାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୦୦ରୁ ଅଧିକ ପାଇଲଟ ପ୍ରାଣ ହରାଇ ଥିଲେ। ଏହି ବିମାନର ଯନ୍ତ୍ରାଂଶ ଏବଂ ଅନ୍ୟ ସରଞ୍ଜାମ ଗୁଡ଼ିକ ଶୀଘ୍ର ଖରାପ ହେଇ ଯାଉଥିଲା।

## 'ସମାନ ନାଗରିକ ସଂହିତା' ସପକ୍ଷରେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ବିଜେପି ଶାସିତ କିଛି ରାଜ୍ୟ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କଲେଣି। କିନ୍ତୁ ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରୁଛନ୍ତି। ଏପରି ସମୟରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ୟୁସିସି ସପକ୍ଷରେ ରାୟ ଦେଇଛନ୍ତି।

### ପୋକ୍ସୋରେ ବାଲ୍ୟ ବିବାହ ଅପରାଧ, କିନ୍ତୁ ପର୍ସନାଲ ଲ'ରେ ନୁହେଁ

ସମାନ ନାଗରିକ ସଂହିତା ସମୟର ଆବଶ୍ୟକତା ବୋଲି କୋର୍ଟ କହିଛନ୍ତି। ମୁସଲିମ ପର୍ସନାଲ ଲ'ରେ ବାଲ୍ୟ ବିବାହକୁ ଅନୁମତି ଦିଆଯାଇଛି। ମାତ୍ର ପୋକ୍ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ରେ ବାଲ୍ୟ ବିବାହ ଅପରାଧ। ଏହି ଆଇନଗୁଡ଼ିକୁ ନେଇ ବାରମ୍ବାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ତେଣୁ ଆଇନର ସ୍ପଷ୍ଟ ବାଖ୍ୟାର ଆବଶ୍ୟକତା ରହିଛି। ଏଭଳି ବିସଙ୍ଗତିଗୁଡ଼ିକୁ ୟୁସିସି ଦୂର କରିବ ବୋଲି ଜଷ୍ଟିସ ଅରୁଣ ମୋଙ୍ଗା କହିଛନ୍ତି।

ବିଚାରପତି କହିଛନ୍ତି ଯେ ଅନେକ ମାମଲାରେ କୋର୍ଟ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ଏବେ କ'ଣ ୟୁସିସି ଲାଗୁ କରିବାର ସମୟ ଆସିନାହିଁ କି? ୟୁସିସିରେ ଗୋଟିଏ ବ୍ୟବସ୍ଥା ରହିବ, ଯେଉଁଥିରେ ପର୍ସନାଲ ଲ' ଭଳି ଆଇନ ଆଉ ରାଷ୍ଟ୍ରୀୟ ଆଇନ ଉପରେ ଭାରି ହେବ ନାହିଁ। ୟୁସିସି କାର୍ଯ୍ୟକାରୀ କରିବାର ନିଷ୍ପତ୍ତିକୁ ଆଇନ ପ୍ରଣେତାଙ୍କ ବିବେକ ଉପରେ ଛାଡ଼ିଦେବା ଉଚିତ। କିନ୍ତୁ ବିଧାନସଭା କିମ୍ବା ସଂସଦ ମାଧ୍ୟମରେ ମାମଲାର ସ୍ଥାୟୀ ସମାଧାନ ହେବା ଉଚିତ। ଜଣେ ନାବାଳିକାଙ୍କୁ ବିବାହ କରିଥିବା ଅଭିଯୁକ୍ତ ହାମିଦ ରାଜାର ଜାମିନ ଆବେଦନର ଶୁଣାଣି ସମୟରେ ଦିଲ୍ଲୀ ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ। ହାମିଦ ବିରୋଧରେ ଆଇପିସିର ଧାରା ୩୭୬ ଏବଂ ପୋକ୍ସୋ ଆଇନ ଲଗାଯାଇଥିଲା। ନାବାଳିକାଙ୍କ ସାବତ ବାପା ଏହି ଅଭିଯୋଗ ଦାଏର କରିଥିଲେ।

## ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ କରିଦିଅ; ଆମେ କ'ଣ ବାଟି ଖେଳିବାକୁ ଆସିଛୁ



ମୁମ୍ବାଇ, ୨୬।୯ (ଏଜେନ୍ସି): ମହିଳା ଆଇପିଏସ ଅଧିକାରୀଙ୍କୁ ଖୋଲମଖୋଲା ଧମକ ଦେଇ ବିବାଦରେ ଫସିଥିବା ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଏବେ ଗରିବ ଚାଷୀଙ୍କ ଉପରେ ରାଗ ଝାଡ଼ିଛନ୍ତି। ମରାଠାୱାଡ଼ା ଧାରାଶିବରେ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବାକୁ ଯାଇ ସେ ଚାଷୀଙ୍କ ଉପରେ ଚିହିଁକି ଉଠିଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବନ୍ୟା ଫସଲ କ୍ଷତି ହୋଇଥିବା ଦର୍ଶାଇ ଚାଷୀ ଋଣ ଛାଡ଼ ଦାବି କରିବାରୁ ଉପ-ମୁଖ୍ୟମନ୍ତ୍ରୀ ଆଉ ନିଜକୁ ସମ୍ଭାଳି ପାରି ନ ଥିଲେ। ଚାଷୀଙ୍କ ଉପରେ ଦାଉ ସାଧି ଥିଲେ। ଯେଉଁ ଚାଷୀ ଋଣ ଛାଡ଼ ଦାବି କରିଥିଲେ ତାଙ୍କୁ ହିଁ ମୁଖ୍ୟମନ୍ତ୍ରୀ କରିଦିଅ ବୋଲି କହିଥିଲେ। ଆମେ କ'ଣ ବାଟି ଖେଳିବାକୁ ଆସିଛୁ ବୋଲି ପଚାରି ଥିଲେ। ଏହାକୁ ବିଭିନ୍ନ ମହଲରେ ତାଙ୍କୁ ସମାଲୋଚନା କରାଯାଉଛି। ଜଣେ ରାଜନେତା ହୋଇ ସେ ଗୁଣ୍ଡାଙ୍କ ଭଳି ବ୍ୟବହାର କରୁଥିବା କୁହାଯାଉଛି।

ଭାଇରାଲ ଭିଡିଓରେ ଅଜିତ ପାୱାର କହୁଛନ୍ତି ଯେ ସକାଳ ୬ଟାରୁ ମୁଁ ଆଜି କାର୍ଯ୍ୟାରମ୍ଭ କରିଛି। ଯିଏ କାମ କରୁଛି ତାକୁ ଖାଲି ଆପଣମାନେ ସମାଲୋଚନା

### ଋଣଛାଡ଼ ଦାବିରେ ରାଗିଗଲେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର

କରୁଛନ୍ତି। ଭଉଣୀମାନଙ୍କୁ ଆମେ ବହୁତ କିଛି ସହାୟତା କରିଛୁ। ବର୍ଷକୁ ୪୫ ହଜାର କୋଟିର ସହାୟତା ଦେଉଛୁ। ଚାଷୀଙ୍କ ବିଜୁଳି ବିଲ୍ ଛାଡ଼ କରୁଛୁ। ଏ ବାବଦକୁ ୨୦ ହଜାର କୋଟି ଟଙ୍କା ଦିଆଯାଇଛି। ତେଣୁ ଟଙ୍କାକୁ ନେଇ ଦେଖେଇ ହୁଅନ୍ତୁ ନାହିଁ ବୋଲି ଅଜିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଚଳିତ ମାସରେ ମହିଳା ଆଇପିଏସ ଅଧିକାରୀ ଅଞ୍ଜନା କୃଷ୍ଣାଙ୍କ ସହ ପାୱାର ଯୁକ୍ତି କରୁଥିବା ଭିଡିଓ ସାମ୍ନାକୁ ଆସିଥିଲା।

## ଲଦାଖ ହିଂସା ପାଇଁ ବନ୍ଧାହେଲେ ୱାଙ୍ଗଚୁକ୍



ଲେହ, ୨୬।୯ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଏହି ହିଂସା ପାଇଁ ସରକାର ତାଙ୍କୁ ଦାୟୀ କରିଛନ୍ତି। ସେ ଉସୁକାଇବା ଭଳି ମନ୍ତବ୍ୟ ଦେବାରୁ ହିଂସା ହେଲା ବୋଲି କୁହାଯାଇଛି। ତେବେ ସେ ଦିନକ ତଳେ ନିଜକୁ ନିର୍ଦ୍ଦୋଷ କହିଥିଲେ। ଏହି କାରଣରୁ ଯେକୌଣସି ସମୟରେ ଗିରଫ କଲେ ଖୁସି ହେବି ବୋଲି କହିଥିଲେ। କିନ୍ତୁ କେଉଁ ମାମଲାରେ ତାଙ୍କୁ ଗିରଫ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୱାଙ୍ଗଚୁକଙ୍କ ବିରୋଧରେ ନ୍ୟାସନାଲ ସିକ୍ୟୁରିଟି ଆକ୍ଟ (ଏନ୍ଏସଏ) ଲଗାଯାଇଛି। ତାଙ୍କୁ ଗିରଫ କରି ଅଜ୍ଞାତ ସ୍ଥାନକୁ ନିଆଯାଇଛି। ଶୁକ୍ରବାର ରାତିରେ କିମ୍ବା ଶନିବାର ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି। ଏନ୍ଏସଏ ଅଧିନରେ ଅଭିଯୁକ୍ତଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ସୁରକ୍ଷା ଏଜେନ୍ସିକୁ ଅନୁମତି ଦିଆଯାଇଛି। ଏହା ସହିତ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଲଦାଖରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଭୁଲ୍ ସୂଚନା ପ୍ରଚାରପ୍ରସାରକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଗତ ୨୪ ତାରିଖରେ ହୋଇଥିବା ହିଂସା ପରଠାରୁ କ୍ରମାଗତ ତୃତୀୟ ଦିନ ପାଇଁ ଲେହରେ କର୍ଫ୍ୟୁ ଜାରି ରହିଛି। ସ୍କୁଲ-କଲେଜଗୁଡ଼ିକୁ ଶନିବାର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଲେହକୁ ରାଜ୍ୟମାନ୍ୟତା ଏବଂ ଷଷ୍ଠ ଅନୁସୂଚୀରେ ସାମିଲ ଦାବିକୁ ନେଇ ବିକ୍ଷୋଭ ଚାଲିଥିବାବେଳେ ଏହି ହିଂସା ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ୪୦ ପୁଲିସ କର୍ମଚାରୀଙ୍କ ସମେତ ୮୦ରୁ ଅଧିକ ଆହତ ହୋଇଥିଲେ। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬୦ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି। ଅନ୍ୟପକ୍ଷରେ ୱାଙ୍ଗଚୁକଙ୍କ ସଂସ୍ଥା ଷ୍ଟୁଡେଣ୍ଟସ ଏଜୁକେସନାଲ ଆଣ୍ଡ କଲଚୁରାଲ ମୁଭମେଣ୍ଟ ଅଫ ଲଦାଖ (ଏସଇସିଏମଓଏଲ)ର ବିଦେଶୀ ଫଣ୍ଡିଂ ଲାଇସେନ୍ସକୁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ରଦ୍ଦ କରିଦେଇଛି। ଏହି ସଂସ୍ଥା ବିଦେଶୀ ପାଣ୍ଠି ସଂଗ୍ରହ ନିୟମକୁ ଉଲ୍ଲଘଂନ କରିଛି ବୋଲି କୁହାଯାଇଛି। ସେହିପରି ସିବିଆଇ ୱାଙ୍ଗଚୁକ୍‌ଙ୍କ ଆଉ ଏକ ଏନ୍‌ଜିଓ ହିମାଳୟାନ ଇନଷ୍ଟିଚ୍ୟୁଟ ଅଫ ଅଲଟରନେଟିଭସ ଲଦାଖ (ଏଚଆଇଏଏଲ)ର ବିଦେଶୀ ଫଣ୍ଡିଂ (ଏଫ୍‌ସିଆରଏ) ମାମଲାର ତଦନ୍ତ ଆରମ୍ଭ କରିଛି। ଏହି ସଂସ୍ଥା ମଧ୍ୟ ଏଫ୍‌ସିଆରଏ ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ଲାଗିଛି। ସିବିଆଇ ଟିମ୍ ବି ଏହି ଏନ୍‌ଜିଓର ଆକାଉଣ୍ଟ ଏବଂ ରେକର୍ଡ ଯାଞ୍ଚ କରୁଛି।

ୱାଙ୍ଗଚୁକ କହିଛନ୍ତି ଯେ ତିନୋଟି ମାମଲାରେ ମିଳିତ ଜାତିସଂଘ, ସ୍ୱିଜରଲାଣ୍ଡର ଏକ ୟୁନିଭର୍ସିଟି ଏବଂ ଇଟାଲୀର ଏକ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହାକୁ ନେଇ ସରକାରଙ୍କୁ

### ଅଜ୍ଞାତ ସ୍ଥାନରେ ରଖାଯାଇଛି

### ତୃତୀୟ ଦିନରେ ଲଦାଖରେ କର୍ଫ୍ୟୁ

ଟିକସ ମଧ୍ୟ ଦିଆଯାଇଥିଲା। ସିବିଆଇ କେବଳ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତର ରେକର୍ଡ ଯାଞ୍ଚ କରିବାର ଥିଲା। କିନ୍ତୁ ଏବେ ୨୦୨୦ ଏବଂ ୨୦୨୧ର ରେକର୍ଡ ବି ଦେଖୁଛି। ବାହାରର ସ୍କୁଲରୁ ମଧ୍ୟ କାଗଜପତ୍ର ମଗାଯାଉଛି। ପ୍ରଥମେ ସ୍ଥାନୀୟ ପୁଲିସ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ଲଗାଇ ଥିଲା। ଚାରି ବର୍ଷ ତଳର ଏକ ପୁରୁଣା ମାମଲା ମଧ୍ୟ ଖୋଲିଥିଲା। ଏଥିରେ ଶ୍ରମିକଙ୍କୁ ଦରମା ଦେଇ ନ ଥିବା ଅଭିଯୋଗ ହୋଇଥିଲା। ନିକଟରେ ଏଚଆଇଏଲ ପକ୍ଷରୁ ଦିଆଯାଇଥିବା ଜମି ପଟାକୁ ସରକାର ଖାରଜ କରିଦେଇଥିଲେ। ଲିଜ୍ ବାବଦ ଦେୟ ଦିଆଯାଇ ନ ଥିବା କୁହାଯାଇଥିଲା। କିନ୍ତୁ ସରକାର ଦେୟ ଗ୍ରହଣ କରିଥିବା ନେଇ ତାଙ୍କ ପାଖରେ ପ୍ରମାଣ ରହିଛି। ଆୟକର ବିଭାଗ ମଧ୍ୟ ତାଙ୍କୁ ନୋଟିସ ପଠାଇଛି। ଅନ୍ୟପଟେ ୱାଙ୍ଗଚୁକ୍‌ଙ୍କ ଗିରଫକୁ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ବିଜେପି ନିଜ ପ୍ରତିଶ୍ରୁତି ପୂରଣ କରିନାହିଁ। ଏଭଳି ସ୍ଥିତି ସୃଷ୍ଟି ହେବାକୁ ବିଜେପି କାହିଁକି ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି।

## ଜାତିସଂଘରେ ନେତନ୍ୟାହୁଙ୍କୁ ବୟକଟ୍

ନ୍ୟୁୟର୍କ, ୨୬।୯ (ଏଜେନ୍ସି): ୟୁକ୍ରେନ ଯୁଦ୍ଧକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଗିରଫ ହେବାର ଭୟ ଘାରିଛି। ତେଣୁ ସେ ମାର୍ଗ ବଦଳାଇ ଆମେରିକାରେ ପହଞ୍ଚିଛନ୍ତି। ୫ ୟୁରୋପୀୟ ଦେଶର ବାୟୁସୀମା ନ ଦେଇ୬୦୦ କିମି ଅଧିକ ଯାତ୍ରା କରି ଜାତିସଂଘ ସାଧାରଣ ପରିଷଦ ବୈଠକ (ୟୁଏନଜିଏ)ରେ ଅଭିଭାଷଣ ଦେବାକୁ ପହଞ୍ଚିଛନ୍ତି। କାରଣ ଗାଜାରେ ନରସଂହାରକୁ ନେଇ ଆଇସିସି ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ତେଣୁ ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ, ବ୍ରିଟେନ, ଆୟରଲାଣ୍ଡ ଆକାଶ ମାର୍ଗ ଦେଇ ଯାଇଥିଲେ ତାଙ୍କୁ ଗିରଫ କରାଯିବାର ଆଶଙ୍କା ଥିଲା। ଅନ୍ୟପଟେ ନେତନ୍ୟାହୁଙ୍କ ଅଭିଭାଷଣକୁ ଜାତିସଂଘରେ ବୟକଟ୍ କରାଯାଇଛି। ସେ ଅଭିଭାଷଣ ଆରମ୍ଭ କରିବା ମାତ୍ରେ ଅନେକ ଦେଶର କୂଟନୈତିଜ୍ଞ ହଲ୍ ଛାଡ଼ି ପଳାଇଛନ୍ତି। ଏହା ସତ୍ତ୍ୱେ ସେ ଭାଷଣ ଜାରି ରଖିଥିଲେ। ଇସ୍ରାଏଲ ନିଜର ସବୁ ଶତ୍ରୁଙ୍କୁ ନିହତ କରିଛି ବୋଲି କହିଥିଲେ।

# ମୋଦୀ-ପୁଟିନଙ୍କୁ ନେଇ ନାଟୋ ମୁଖ୍ୟଙ୍କ ଅପପ୍ରଚାର

### ତୀବ୍ର ବିରୋଧ କଲା ଭାରତ

### ଏଭଳି ମନ୍ତବ୍ୟ ଗ୍ରହଣଯୋଗ୍ୟ ନୁହେଁ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଚାହୁଁଛନ୍ତି। ଏହା ପାଇବା ପାଇଁ ସେ ସବୁ କିଛି କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାକୁ ନେଇ ସେ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କୁ ଅସ୍ତ୍ର କରିଛନ୍ତି। ଆଉ ଭାରତରେ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଶୁଳ୍କ ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନ୍‌ରେ କଥା ହୋଇଥିବା ମାର୍କ ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଥିଲେ ଯେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ରୁଷ୍‌ଠାରୁ ତୈଳ କିଣୁଥିବାରୁ ଏଥିରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ସାମିଲ ରହିଛି। ଏହାର ଗଭୀର ପ୍ରଭାବ ମସ୍କୋ ଉପରେ ପଡ଼ିଛି। ଏହାକୁ ନେଇ ନୂଆଦିଲ୍ଲୀ ଏବଂ ମସ୍କୋ ମଧ୍ୟରେ ଫୋନ ଯୋଗେ ଆଲୋଚନା ଜାରି ରହିଛି। ଏହି ବାର୍ତ୍ତାଳାପରେ ମୋଦୀ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ଯୋଜନା ବିଷୟରେ ପୁଟିନଙ୍କୁ ପଚାରି ଥିଲେ। ଟ୍ରମ୍ପଙ୍କ ଶୁଳ୍କକୁ ନେଇ ଭାରତ ଏବଂ ରୁଷ୍ ମଧ୍ୟରେ ଅନେକ ଥର ଆଲୋଚନା ମଧ୍ୟ ହୋଇଛି। ଏବେ ଭାରତ ଏହାର ମୁଖା



ଖୋଲି ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ଏହାକୁ ସମ୍ପୂର୍ଣ୍ଣ ଆଧାରହୀନ କହିଛି।

ନାଟୋ ମୁଖ୍ୟଙ୍କୁ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଦୃଢ଼ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପକୁ ନେଇ ନାଟୋ ମୁଖ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍। ଏହା ଆଧାରହୀନ ଏବଂ ଭ୍ରମାତ୍ମକ। ମାର୍କଙ୍କ ମନ୍ତବ୍ୟରେ କୌଣସି ସତ୍ୟତା ନାହିଁ। ମୋଦୀ ଏବଂ ପୁଟିନଙ୍କ ମଧ୍ୟରେ ଏଭଳି କୌଣସି ଆଲୋଚନା ହୋଇନାହିଁ। ଉଭୟ ନେତାଙ୍କୁ ନେଇ ନାଟୋ ମୁଖ୍ୟ ଏଭଳି ଆଧାରହୀନ ମନ୍ତବ୍ୟ ଦେବାରୁ ବିରତ ରହିବା ଉଚିତ। ଏଭଳି ଟିପ୍ପଣୀକୁ କଦାପି ସ୍ୱୀକାର କରାଯିବ ନାହିଁ। ନାଟୋ ଭଳି ସଂଗଠନର ମୁଖ୍ୟ ଅଧିକ ଦାୟିତ୍ୱବାନ ହେବା ଉଚିତ। କିନ୍ତୁ ଏଭଳି ଟିପ୍ପଣୀ ନୈରାଶ୍ୟଜନକ। ନାଟୋ ପକ୍ଷରୁ ଏଭଳି ଟିପ୍ପଣୀ ଦିଆ ନ ଯିବା ଉଚିତ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ଧ୍ୟାନରେ ରଖି ଭାରତ ଶକ୍ତି ଆମଦାନୀ ନେଇ ନିଷ୍ପତ୍ତି ନେଇଥାଏ। ଭାରତୀୟ ଗ୍ରାହକମାନଙ୍କୁ କମ୍ ଦାମରେ ଏବଂ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଭାରତ ନିଜର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।

## ଆଜିର ରାଶିଫଳ

**ମେଷ:** ପରିଶ୍ରମ ଅନୁସାରେ ଫଳ ମିଳିବ। ମାନସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଅଚାନକ ଖୁସି ଖବର ପାଇବେ। ପରିବାରର ଦାୟିତ୍ୱ ବଢ଼ିପାରେ। ଲେଖକ/ଲେଖିକାଙ୍କ ପାଇଁ ଦିନଟି ବହୁତ ଭଲ। ଅତିଥି ସତ୍କାର କରିପାରନ୍ତି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ।

**କର୍କଟ:** ଆୟ ଅନୁସାରେ ବ୍ୟୟ ଅଧିକ ହେବ। ଦୀର୍ଘ ଦିନରୁ ଚାଲିଥିବା ପାରିବାରି ସମସ୍ୟାରୁ ମୁକ୍ତି ମିଳିବ। ପିଲାଙ୍କ ଗତିବିଧି ଉପରେ ମା' ମାନେ ନଜର ରଖନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ କରନ୍ତୁ।

**ସିଂହ:** ରାଜନେତାଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ପଡୋଶୀଙ୍କ ସହ ଛୋଟ ଛୋଟ କଥାରେ ମନୋମାଳିନ୍ୟ ହୋଇପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ପାରିବାରିକ ଜୀବନ ସୁଖମୟ ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଉଧାର ଟଙ୍କା ଫେରି ପାଇବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

## ଆଜିର ଇତିହାସ

- ୧୭୬୦- ମୀର୍ କାସିମ୍ ବଙ୍ଗର ନବାବ ହେଲେ।
- ୧୮୩୩- ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଦେହାନ୍ତ।
- ୧୯୦୭- ମହାନ୍ କ୍ରାନ୍ତିକାରୀ ଭଗତ ସିଂହଙ୍କ ଜନ୍ମ।
- ୧୯୩୯- ପୋଲାଣ୍ଡ ଜର୍ମାନୀ ନିକଟରେ ଆତ୍ମସମର୍ପଣ କଲା।
- ୧୯୯୮- ସର୍ଚ୍ଚ ଇଞ୍ଜିନ୍ 'ଗୁଗ୍ଲ'ର ସ୍ଥାପନା ହୋଇଥିଲା।
- ୨୦୦୫- ବିଲ୍ ଗେଟ୍‌ସ ଲଗାତାର ଏଗାର ଥର ପାଇଁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେଲେ।

# ୩୦ ବର୍ଷ ଧରି ପିଉଛନ୍ତି ଇଞ୍ଜିନ୍ ଅଏଲ



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। ଏହି କ୍ରମରେ କର୍ଣ୍ଣାଟକରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତି ତିନି ଦଶନ୍ଧି ଧରି ଭାତ ରୁଟି ଛାଡ଼ି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ଅଛନ୍ତି। ନିକଟରେ ଏହି ବ୍ୟକ୍ତିଙ୍କର ଭିଡିଓ ଭାଇରାଲ ହେବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଶିବମୋଗା ଜିଲ୍ଲାରେ ରହୁଥିବା ଏହି ବ୍ୟକ୍ତି ଜଣକ ଅଏଲ କୁମାର ନାଁରେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ସେ ନିତିଦିନ ପାଖାପାଖି ସାତରୁ ଆଠ ଲିଟର ଇଞ୍ଜିନ୍ ଅଏଲ୍ ପିଇଥାନ୍ତି। ଏହାବାଦ୍ ପ୍ରତିଦିନ ସେ ଚା' ମଧ ପିଅନ୍ତି। ଭାଇରାଲ ଭିଡିଓରେ ଲୋକେ ତାଙ୍କୁ ଖାଦ୍ୟ ଯାଚୁଥିବାର ଦେଖାଯାଇଛି। ସେ କିନ୍ତୁ ଖାଦ୍ୟକୁ ଆଡ଼େଇ ଦେଇ ଇଞ୍ଜିନ୍ ଅଏଲ୍ ପିଉଥିବାର ଦେଖାଯାଇଛି। ଉଲ୍ଲେଖନୀୟ କଥାଟି ହେଉଛି, ତିରିଶ ବର୍ଷ ଧରି ଇଞ୍ଜିନ୍ ଅଏଲ୍ ପିଇବା ସତ୍ତ୍ୱେ ତାଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ନାହିଁ। ଏପରିକି ସେ ଏଥିପାଇଁ ମେଡିକାଲ ମଧ ଯାଇ ନାହାନ୍ତି। ସେ କିଛି ରୋଗରେ ମଧ ପୀଡ଼ିତ ହୋଇ ନାହାନ୍ତି। ଏନେଇ ଅଏଲ୍ କୁମାରଙ୍କ କହିବା କଥା, ତାଙ୍କ ଜୀବନ ଭଗବାନ ଅୟପ୍ପାଙ୍କ କୃପାରୁ ଚାଲିଛି। ଭଗବାନଙ୍କ ଆର୍ଶୀବାଦ ନ ଥିଲେ ସେ ଏତେ ବର୍ଷ ଜିଇ ନ ଥାନ୍ତେ। ଇଞ୍ଜିନ୍ ଅଏଲ୍ ପେଟ୍ରୋଲିୟମ୍‌ରୁ ତିଆରି ହେଉଥିବାରୁ ମଣିଷ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ୍ ବିପଜ୍ଜନକ ବୋଲି କୁହାଯାଏ। ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏହାକୁ ପିଇ ଦିଅନ୍ତି ଏହା ପାଚନତନ୍ତ୍ର ଓ ଫୁସ୍‌ଫୁସ୍ ଉପରେ ଗଭୀର ପ୍ରଭାବ ପକାଇଥାଏ। ତେବେ ଏହି ବ୍ୟକ୍ତି ଜଣକ ଏତେ ଦିନ ଧରି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# ବିଶ୍ୱ ପର୍ଯ୍ୟଟନ ଦିବସ



ଆଜି ବିଶ୍ୱ ପର୍ଯ୍ୟଟନ ଦିବସ। ବିଶ୍ୱବ୍ୟାପୀ ପର୍ଯ୍ୟଟନର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏହାବାଦ୍ ପର୍ଯ୍ୟଟକମାନେ ବିଭିନ୍ନ ଦେଶ ବୁଲି ସେଠାକାର ସଂସ୍କୃତି ସମ୍ପର୍କରେ ଜାଣିବାକୁ ଏହି ଦିବସ ଉତ୍ସାହିତ କରିଥାଏ। ବିଶ୍ୱର ବିଭିନ୍ନ ଦେଶର ଲୋକଙ୍କୁ ପରସ୍ପରର ନିକଟତର ହେବାର ସୁଯୋଗ ଦେବା, ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିବା ଏହି ଦିବସ ବାର୍ତ୍ତା ପ୍ରଦାନ କରିଥାଏ। ବିଶ୍ୱର କୋଣ ଅନୁକୋଣରେ ଥିବା ପର୍ଯ୍ୟଟନସ୍ଥଳଗୁଡ଼ିକ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଂଯୁକ୍ତ ରାଷ୍ଟ୍ର ବିଶ୍ୱ ପର୍ଯ୍ୟଟନ ସଂଗଠନ ଦ୍ୱାରା ୧୯୮୦ ମସିହାରୁ ସେପ୍ଟେମ୍ବର ୨୭ ତାରିଖକୁ 'ବିଶ୍ୱ ପର୍ଯ୍ୟଟନ ଦିବସ' ଭାବେ ପାଳନ କରାଯାଉଛି। ଏହି ଦିବସର ବିଶେଷତ୍ୱ ହେଲା ଯେ, ୧୯୭୦ ମସିହା ଏହି ଦିନ ମିଳିତ ଜାତିସଂଘ, ବିଶ୍ୱ ପର୍ଯ୍ୟଟନ ସଂଗଠନର (UNWTO) ଆଇନକୁ ମାନ୍ୟତା ଦିଆଯାଇଥିଲା। ବିଶ୍ୱସ୍ତରରେ ପର୍ଯ୍ୟଟନକୁ ବିଶେଷ ପ୍ରୋତ୍ସାହନ ଦେବା ସନ୍ଦର୍ଭରେ ଏହି ଆଇନଗତ ପ୍ରକ୍ରିୟା ଏକ ମାଇଲ୍ ଖୁଣ୍ଟ ସଦୃଶ। ପର୍ଯ୍ୟଟନ ସହିତ ଜଡ଼ିତ ଥିବା ଲୋକଙ୍କ ପାଇଁ ବିଶ୍ୱ ପର୍ଯ୍ୟଟନ ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର। ଏହି ଦିନ ପର୍ଯ୍ୟଟନ ଏବଂ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ପ୍ରତିବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ଭିନ୍ନ ବିଷୟବସ୍ତୁ ରହିଥାଏ। ଏ ବର୍ଷର ବିଷୟବସ୍ତୁ ହେଉଛି 'Tourism and Sustainable Transformation'।

# କିଆରାଙ୍କ ସ୍ଥାନ ନେବେ ଅନୀତ!



'ସୈୟାରା' ଫିଲ୍ମରୁ ଅନୀତ ପଡ୍ଡା ରାତାରାତି ଷ୍ଟାର୍ ପାଲଟି ଯାଇଛନ୍ତି। ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏବେ ଅନୀତଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଥିବା ଚର୍ଚ୍ଚା ହେଉଛି। ଦିନେଶ ବିଜନଙ୍କ ହରର୍ କମେଡି ୟୁନିଭର୍ସର ଆଗାମୀ ଫିଲ୍ମ 'ଶକ୍ତି ଶାଳିନୀ'ରେ ସେ ଲିଡ୍ ରୋଲରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଏହି ଫିଲ୍ମ ପାଇଁ କିଆରା ଆଡଭାନୀଙ୍କୁ ଫାଇନାଲ କରାଯାଇଥିଲା। ଏବେ କିଆରାଙ୍କ ସ୍ଥାନ ଅନୀତ ନେବେ ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ମ୍ୟାଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏନେଇ ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ଏଥିରେ କୁହାଯାଇଛି, 'ମହାମୁଞ୍ଜ୍ୟା' ଓ 'ଶକ୍ତି ଶାଳିନୀ'ର କଳାକାରଙ୍କୁ ନେଇ ଆସିଥିବା ଖବର ପୂରାପୂରି ଗୁଜବ। ଏନେଇ ଆମେ ବିଧିବଦ୍ଧ ଭାବେ କିଛି ଘୋଷଣା କରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।' ମ୍ୟାଡକ୍ ଫିଲ୍ମର ସ୍ପଷ୍ଟୀକରଣ ପରେ ବି ଦର୍ଶକେ କିଆରାଙ୍କ ଠାରୁ ଅନୀତ ଭଲ ବିକଳ୍ପ ବୋଲି କହିଛନ୍ତି। 'ଶକ୍ତି ଶାଳିନୀ'ର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ସରପୋତଦାର ଅଛନ୍ତି। ଏହାର ସୁଟିଂ ୨୦୨୫ ଶେଷ ଆଡ଼କୁ ଆରମ୍ଭ ହେବ।

## ଗାନ୍ଧୀ ଜୟନ୍ତୀ



ଭୋଜରାଜ ବୁଡ଼

ଧନ୍ୟ ଧନ୍ୟ ରାଜ୍ୟ ଗୁଜରାଟ,
କୋଳେ ଲଭିଲୁ ପରମ ସୁତ,
ଅଠରଶ ଅଣସ୍ତରୀ ଅକ୍ଟୋବର,
ଦୁଇ ତାରିଖେ କଲୁ ଭୂମିଷ୍ଠ ॥
ଧନ୍ୟ କରମ ଚାନ୍ଦ ଗାନ୍ଧୀ ତାତ,
ପୁତୁଳି ବାଇ ଧନ୍ୟ ତୁମେ ମାତ,
ପୂରୁବ ସୁକୃତ ବଳେ କଲ ଜାତ,
ଦେଶପ୍ରେମୀ, ଗୁଣୀ, ଜ୍ଞାନୀ ସୁତ ॥
ଆହେ ବରେଣ୍ୟ ମହାମାନବ,
ତୁମ ନାମ କି କେହି ଭୁଲିବ,
ଦେଶଦଶ ଲାଗି ପ୍ରାଣବଳି ଦେଲ,
ତା'ର ଦୃଷ୍ଟାନ୍ତ କି କାହିଁ ଥିବ ॥
ଯୋଗୀ ପରି କରମ ସାଧିଲ,
ବୈତ୍ୟ ଫିରିଙ୍ଗି ବଳ ଭାଙ୍ଗିଲ,
ତେର ନଈ ସାତ ଦରିଆ ସେପାରେ,
ବିନା ଅସ୍ତ୍ରେ ରାକ୍ଷସେ ତଡ଼ିଲ ॥
ପରାଧୀନ ଶୃଙ୍ଖଳ ଛିଣ୍ଡିଲା,
ସ୍ୱାଧୀନତା ସୂରୁଜ ଉଇଁଲା,
ଦେଶ ଜନନୀର ତପ୍ତ ଅଶ୍ରୁଧାର,
ଚିର ଦିନ ପାଇଁ ପୋଛିଦେଲା ॥
ଆମେ ତୁମର ତ ବଂଶଧର,
ବକ୍ଷେ ବହେ ତୁମ ରକ୍ତଧାର,
ହେବୁ ଯୋଗ୍ୟସୁତ ଭାରତ ମାତାର,
ସ୍ୱର୍ଗେ ଥାଇ ସୁଆଶିଷ କର ॥
ଆଜି ପାଳୁଛୁ ତବ ଜୟନ୍ତୀ
କରୁ ଭିକ୍ଷା ଦିଅ ହେ ଶକତି,
କୁଟି ଖାଇ କାଟି ପିନ୍ଧିଣ ସାହସେ,
ମାନି ଚଳିବୁ ଅହିଂସା ନୀତି ॥■

ପାଇକମାଳ, ବରଗଡ଼
ମୋ- ୬୩୭୧୯୮୭୫୪୨



## ମାଆ ଆସିବେ ବୋଲି



ଅନସୂୟା ପଣ୍ଡା

ସଜ ହେଲାଣି ଧରଣୀ ରାଣୀ
ଆସିବେ ବୋଲି ମାଆ
ରଙ୍ଗୋଲୀ ଶେଫାଳି ବସି ଆଙ୍କିଲାଣି
କାଶ ଫୁଲରେ ଚାମର କରେ ବାଆ।
ହସୁଛି ଆଜି ଧଳା ବଉଦ
ଆକାଶେ ଲେଖି ସ୍ୱାଗତ ଗୀତ
ମଣ୍ଡପ ସବୁ ସଜ ହେଲାଣି
ମାଆ ଆସିବେ ସଭିଙ୍କ ମନ ପ୍ରୀତ।
ଜାଗଇ ମନେ ଭକତି ଭାବ
ଖେଳେ ମନରେ ମିଠା ଆବେଗ
ସଜାଏ ବୋଉ ଘର ଦୁଆର
ତିଆରି କରେ ନାନା ଜାତିର ଭୋଗ।
କୁନା ଆଣିଛି ନୂଆ ସାର୍ଟ
ଯିବ ଦେବୀ ମେଢ଼କୁ ଦେଖି
ରୂପା ସୁନାର ସାଜ ସଜାରେ
ଝଲସି ଯିବ ତା' ଆଖି।
ନୂଆ ଖେଳଣା ଆଣିବ ବୋଲି
ଲାଗିଛି ତା'ର ମନରେ ପରା ଜିଦି
ଫାଷ୍ଟ ଫୁଡ୍ ଖାଇବ ବୋଲି
ତେଲ ମାରୁଛି ଭାଇକୁ ନିଇତି।
ମାଆ ପାଖରେ ରଖିବ ଅଳି
ଦୁର୍ଦ୍ଦିନ ଦୁର୍ବିପାକ ଯାଉ ସରି
ଶାନ୍ତି ସେନେହର ବରଷା ହେଉ
ଜଗତ ଯାଉ ଖୁସି ଗୀତରେ ଭରି।■

ବୁର୍ଲା, ସମ୍ବଲପୁର
ମୋ- ୯୪୩୯୨୧୧୭୧



# ସୁମନ

## ଭଲ୍ଲୁକ ରଜାର ବିଚାର





ସୁବ୍ରତ ଦାସ

ଜଙ୍ଗଲରେ ଭାଲୁ ରାଜାର ବୟସ ଅଧିକ ହୋଇଯିବ ଲକ୍ଷ୍ୟ କରି ସବୁ ପଶୁପକ୍ଷୀମାନେ ନୂଆ ରାଜା କିଏ ହେବ, ସେହି ଚିନ୍ତାରେ ଥାଆନ୍ତି। କେତେକ ପଶୁ ସିଂହକୁ ରାଜା କରିବା କଥା ପ୍ରସ୍ତାବ ଦେଉଥାନ୍ତି ତ, ଆଉ କେତେକ ପକ୍ଷୀ ଉକ୍ତ ପ୍ରସ୍ତାବରେ ସହମତି ପ୍ରକାଶ କରୁ ନ ଥାନ୍ତି। ଏହିଭଳି ସମସ୍ତେ ନିଜ ନିଜର ପ୍ରସ୍ତାବ ଭାଲୁକୁ ଦେଉ ଥାଆନ୍ତି। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣୁଥାନ୍ତି। ମହାରାଜ କହିଲେ, ଦେଖ ମୁଁ ବୁଢ଼ା ହୋଇଗଲିଣି। ତେଣୁ ମୋ' ପରେ ରଜା ଯିଏ ହେବ ସେ ଯେମିତି ତୁମ ସମସ୍ତଙ୍କର ସୁଖଦୁଃଖର ସାଥି ହେବା ସହ ତୁମ୍ଭମାନଙ୍କୁ ସବୁ ବିପଦରୁ ରକ୍ଷା କରି ପାରୁଥିବ। ତେଣୁ ଭଲ୍ଲୁକ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲରେ ଗୋଟିଏ ସଭା ଡକାଗଲା। ବିଲୁଆ, ମାଙ୍କଡ଼, କଜଳପାତି, ଠେକୁଆ ସମସ୍ତ ପଶୁପକ୍ଷୀମାନଙ୍କୁ ଗୋଟିଏ ସ୍ଥାନରେ ରୁଣ୍ଡ କରିବା ପାଇଁ ଦାୟିତ୍ୱ ନେଲେ। ସମସ୍ତେ ମିଶି ଜଙ୍ଗଲର ଜୀବଜନ୍ତୁମାନଙ୍କୁ ଖବର ଦେଲେ। କିଛି ସମୟ ପରେ ସଭା ଆରମ୍ଭ ହେଲା। ମାଙ୍କଡ଼ ପ୍ରଥମେ ସମସ୍ତ ପ୍ରାଣୀମାନଙ୍କୁ ସଭାର ଉଦ୍ଦେଶ୍ୟ ବିଷୟରେ ଜଣାଇଦେଲା। ବିଲୁଆ କହିଲା, ଭାଇ ଭଉଣୀମାନେ ଆମ୍ଭେ ଜଙ୍ଗଲରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। ଭଲ୍ଲୁକ ମହାରାଜ ଆମ୍ଭର ରାଜା ଥିଲେ, ମାତ୍ର ବୟସ ଅଧିକ ହେତୁ ସେ ଆଉ ଶାସନ ଚଳାଇ ପାରୁନାହାନ୍ତି। ତେଣୁ ଆମ୍ଭମାନଙ୍କୁ ନୂତନ ରାଜା ବାଛିବାକୁ ହେବ। ଆମର ଯିଏ ରାଜା ହେବ ସେଯେମିତି ଆମର ସବୁ ସୁବିଧା ଅସୁବିଧା ବୁଝି ପାରୁଥିବ ଏବଂ ଶତ୍ରୁ ଆକ୍ରମଣରୁ ସୁରକ୍ଷା ଦେଇ ପାରୁଥିବ। ସମସ୍ତେ ମିଳିତ ସ୍ୱରରେ ବିଲୁଆର କଥାକୁ ସମ୍ମତି ଜଣାଇଲେ। ତେଣୁ ରଜା କିଏ ହେବ ବା କାହାକୁ ରାଜା ବାଛିବେ ଜୀବଜନ୍ତୁଙ୍କ ମଧ୍ୟରେ ଭାଳେଣି ପଡ଼ିଲା। ପ୍ରଥମେ ଶୃଗାଳ ସିଂହର ପ୍ରସ୍ତାବ ଦେଇ କହିଲା, ସିଂହ ସବୁଠୁ ବଳବାନ ପ୍ରାଣୀ। ସେ ସବୁ ବିପଦରୁ ଆମ୍ଭକୁ ରକ୍ଷାକରି ପାରିବ। ତାକୁ ସମସ୍ତେ ଭୟ କରନ୍ତି। ତେଣୁ ସିଂହ ଭାଇଙ୍କୁ ରଜା କରାଯାଉ। ପରେ ଗଧିଆ ଥରିଥରି ହସ୍ତୀର ନାମ ପ୍ରସ୍ତାବ ଦେଲା ଏବଂ କହିଲା, ଜଙ୍ଗଲରେ ସବୁଠାରୁ ବୃହତ୍ତର ପ୍ରାଣୀ ହସ୍ତୀ ଅଟେ। ତାର ଗୋଟିଏ ଗର୍ଜନରେ ସାରା ଜଙ୍ଗଲ ଥରହର ହୋଇଯାଏ। ତା' ସାମ୍ନାକୁ କୌଣସି ପ୍ରାଣୀ ସାହସ କରି ଆସିପାରିବେ ନାହିଁ। ତେଣୁ ହସ୍ତୀକୁ ରଜା କରାଯାଉ। ଏହି ପ୍ରସ୍ତାବରେ ବଣି ଚଢ଼େଇ, ହରିଣ ସମେତ ସମସ୍ତ ପକ୍ଷୀ ଜାତି ସମ୍ମତି ପ୍ରଦାନ କଲେ। ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣି ମୁଣ୍ଡ ହଲାଇବା ସହ ଆଉ କେଉଁ ପ୍ରାଣୀମାନଙ୍କର କିଛି କହିବାର ଅଛି ବୋଲି ପ୍ରଶ୍ନ କଲେ। ମାତ୍ର ସମସ୍ତ ପ୍ରାଣୀ ନୀରବ ରହିଲେ। ତାପରେ ଭଲ୍ଲୁକ ମହାରାଜ କହିଲେ, ସବୁ ସ୍ଥଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ମାତ୍ର ଆମ ଜଙ୍ଗଲ ପାର୍ଶ୍ୱ ନଦୀରେ ବାସ କରୁଥିବା ସରୀସୃପ, ଜଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ନାହିଁ। ଆମେ ସମସ୍ତେ ନଦୀର ପାଣିକୁ ବ୍ୟବହାର କରୁଛନ୍ତି। ସେମାନେ ମଧ ଆମ ସହ ବସବାସ କରୁଛନ୍ତି, ତାଙ୍କର ମଧ ମତ ଦେବାର ଅଧିକାର ଅଛି। ତାଙ୍କୁ ବି ଏହି ନିଷ୍ପତ୍ତିରେ ସାମିଲ କରିବା କଥା। ଏହି ପ୍ରସଙ୍ଗରେ ଘୋଡ଼ା, ଚଟୁ ଘୋଡ଼ା, ଠେକୁଆ ସମସ୍ତେ ମିଶି କହିଲେ, ଚାଲ, ଆମେ ସମସ୍ତେ ତାଙ୍କ ପାଖକୁ ଯିବା। ତାଙ୍କର ମତାମତ ନେବା। ସମସ୍ତେ ସାଙ୍ଗ ହୋଇ ଭଲ୍ଲୁକ ମହାରାଜଙ୍କୁ ସାଙ୍ଗରେ ନେଇ ନଦୀ ପାଖକୁ ଗଲେ। ନଦୀ କୂଳରେ କେତେକ କୁମ୍ଭୀର ଶୋଇଥିଲେ। ଜଙ୍ଗଲର ସମସ୍ତ ଜୀବଜନ୍ତୁଙ୍କୁ ଏକା ସାଙ୍ଗରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ବିଲୁଆ ତାଙ୍କୁ ବୁଝାଇ ଦେଲା ଏବଂ କହିଲା, ଆମେ ସମସ୍ତ ପ୍ରାଣୀ ତୁମ୍ଭମାନଙ୍କର ମତାମତ ନେବାକୁ ଆସିଛୁ। କିଏ ଜଙ୍ଗଲର ରଜା ହେବ? ସିଂହ, ହାତୀ ଦୁଇ ଜଣ ପ୍ରାର୍ଥୀଙ୍କ ଭିତରୁ କିଏ ରଜା ହେବା ପାଇଁ ପ୍ରକୃତ ଯୋଗ୍ୟ। କୁମ୍ଭୀର କହିଲା, ଆଜ୍ଞା ଆମେ ଅଧିକାଂଶ ସମୟ ଜଳରେ ବାସ କରୁ। ତେଣୁ ଆମକୁ ସୁରକ୍ଷା ଦେବା ପାଇଁ କେବଳ ହାତୀ ହିଁ ଭରସାଯୋଗ୍ୟ। ତେଣୁ ହାତୀ ରଜା ହେବା ଉଚିତ୍। ଏହି ସମୟରେ ବେଙ୍ଗଟିଏ ପାଣି ଭିତରୁ ଡେଇଁ ପଡି ଉପରକୁ ଆସି ଭଲ୍ଲୁକ ମହାରାଜଙ୍କୁ ମୁଣ୍ଡିଆଟେ ମାରି କହିଲା, ମଣିମା ଆମ୍ଭେ ସମସ୍ତେ କୁମ୍ଭୀର ଭାଇ କଥାରେ ଏକମତ। କାରଣ ଆମ୍ଭେ ବେଙ୍ଗ ଜାତି ଖୁବ୍ ଛୋଟ ଆଉ ଦୁର୍ବଳ ପ୍ରାଣୀ। ଯେଉଁ ପ୍ରାଣୀ ଛୋଟ ଜୀବଜନ୍ତୁ ଓ ଦୁର୍ବଳ ଶ୍ରେଣୀର ଜନ୍ତୁମାନଙ୍କ ପ୍ରତି ଦୟାବାନ୍ ହେବ, ସେ ରଜା ହେବା ପାଇଁ ଯୋଗ୍ୟ। କାରଣ ସିଂହ ନିଜକୁ ଶକ୍ତିଶାଳୀ ଜୀବ ଭାବି ନଦୀକୁ ପାଣି ପିଇବା ସମୟରେ ଆସିଲାବେଳେ ଆମ୍ଭ ବେଙ୍ଗ ଛୁଆ ଉପରେ ଚଢ଼ି ମାରି ଦିଏ। ସେ ସର୍ବଦା ଉପରକୁ ଅନାଇ ଚାଲେ, ତା'ର ନଜର ତଳକୁ କେବେ ପଡେ ନାହିଁ। ମାତ୍ର ହସ୍ତୀ ଏତେ ବଡ଼ ଜୀବ ହେଲେ ବି ଛୋଟ ଜୀବଙ୍କ ପ୍ରତି ଖୁବ୍ ଯତ୍ନଶୀଳ। କେବେ ବି ଆମ ଶାବକଙ୍କ ଉପରେ ପାଦ ପକାଏ ନାହିଁ। ସବୁବେଳେ ତଳକୁ ନଜର ଦେଇ ଚାଲିଥାଏ। ତେଣୁ ସେ ରଜା ହେବା ପାଇଁ ଯୋଗ୍ୟ। ସମସ୍ତ ଜୀବଜନ୍ତୁମାନେ ବେଙ୍ଗର କଥା ଶୁଣି ଚକିତ ହୋଇଗଲେ। ଭଲ୍ଲୁକ ମହାରାଜ ମୁଣ୍ଡ ଟୁଙ୍ଗାରି କହିଲେ, ହଁ ଠିକ୍ କଥା। ଯିଏ ରଜା ହେବ ସେ ସର୍ବଦା ଦୁର୍ବଳ, ଅସହାୟ ଉପରେ ନଜର ରଖି ତାଙ୍କୁ ସାହାଯ୍ୟ, ସହାୟ ହେବା ଉଚିତ୍। ତେଣୁ ଭଲ୍ଲୁକ ରଜାଙ୍କ ବିଚାରରେ ହସ୍ତୀକୁ ଜଙ୍ଗଲର ନୂଆ ରଜା ରୂପେ ଘୋଷଣା କରାଗଲା। ଏହି ବାର୍ତ୍ତା ଜଙ୍ଗଲ ସାରା ପ୍ରଚାର କରିବା ପାଇଁ ହନୁ ମାଙ୍କଡ଼ ଓ କଜଳପାତୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସମସ୍ତେ ବେଙ୍ଗର ବୁଦ୍ଧିକୁ ପ୍ରଶଂସା କଲେ।■

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭୭୩୧୯୦୩

## ପ୍ରହେଳିକା

- ଦଶ ହାତେ ଦଶ ଅସ୍ତ୍ର ସେ ଧରି
ଧରାକୁ ଆସନ୍ତି ସେ ଅବତରୀ
କରିଥିଲେ ଯିଏ ଦୁଷ୍ଟ ସଂହାର
ଶରତରେ ଚାଲେ ପୂଜା ତାଙ୍କର
ମଣ୍ଡପରେ ବିଜେ କରନ୍ତି ସିଏ
ନାମଟି ତାଙ୍କର କହିବ କିଏ?

ଉ-ଦେବୀ ଦୁର୍ଗା

- ପବନ ସାଥିରେ ଖେଳଇ ଦୋଳି
ନଈପଠାରେ ଘର ସେ କରି
ଧବଳ ରଙ୍ଗରେ ମୁରୁକି ହସେ
ଧରଣୀ ସୁନ୍ଦର ତା'ର ପରଶେ
ପାର୍ବଣ ଋତୁକୁ ସଜାଏ ସିଏ
ନାମଟି ତାହାର କହିବ କିଏ ?



ଉ-କାଶତଣ୍ଡି

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫






ପ୍ରିୟଲ ଶାହ
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର





ମାନସ ରଞ୍ଜନ ଆଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ସ୍ମୃତିରେଖା ବାସ୍କେ
ଚତୁର୍ଥ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଖୁଣ୍ଟା, ମୟୂରଭଞ୍ଜ






ମନୀଷା ନାଏକ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଳାଗଡିଆ, ମୟୂରଭଞ୍ଜ

## ଏସିଆ କପ୍: ନିଶାଙ୍କାଙ୍କ ଶତକ ବ୍ୟର୍ଥ

# ସୁପର ଓଭରରେ ଶ୍ରୀଲଙ୍କାକୁ ହରାଇଲା ଭାରତ

ଦୁବାଇ,୨୬।୯ (ଏଜେନ୍ସି):





ପାଥୁମ ନିଶାଙ୍କା ମ୍ୟାନ୍ ଅଫ୍ ଦି ମ୍ୟାଚ୍

ଅର୍ଶଦୀପ ସିଂହଙ୍କ ଆବଶ୍ୟକ ସମୟରେ ଘାତକ ବୋଲିଂ ଓ ରିଙ୍କୁ ସିଂଙ୍କ ଆକର୍ଷଣୀୟ କ୍ୟାଚ୍ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ସୁପର-୪' ପର୍ଯ୍ୟାୟର ଶେଷ ଲିଗ ମ୍ୟାଚ୍‌ରେ ଭାରତ ସୁପର ଓଭରରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ଭାରତ ଟୁର୍ଣ୍ଣାମେଣ୍ଟରେ ସମସ୍ତ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ରବିବାର ହେବାକୁ ଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ତାହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏସିଆ କପ୍‌ର ୪୧ ବର୍ଷ ଇତିହାସ ଓ ଦୁଇଟିଯାକ ଫର୍ମାଟରେ ଭାରତ ଓ ପାକିସ୍ତାନ ପ୍ରଥମଥର ଏସିଆ କପ୍ ଫାଇନାଲରେ ମୁକାବିଲା କରିବେ। ପୂର୍ବରୁ ଉଭୟ ଦଳ ମଧ୍ୟରେ ୧୨ଟି ସୀମିତ ଓଭର କ୍ରିକେଟ ଫାଇନାଲ ଖେଳାଯାଇଥିଲାବେଳେ ଭାରତ ୪ଟିରେ ଓ ପାକିସ୍ତାନ ୮ଟିରେ ବିଜୟ ହାସଲ କରି ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ଚଳିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ଶତକ ହାସଲ କରିଥିବା ଶ୍ରୀଲଙ୍କାର ନିଶାଙ୍କାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଦୁବାଇର ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଭିଷେକ ଶର୍ମା (୩୧ବଲ୍‌ରେ ୬୧ ରନ୍), ତିଳକ ବର୍ମାଙ୍କ ଅପରାଜିତ ୪୯ ଓ ସଞ୍ଜୁ ସାମସନଙ୍କ ଉପଯୋଗୀ ୩୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୨ ରନ୍ କରିଥିଲା। ଜବାବରେ ପାଥୁମ ନିଶାଙ୍କା(୫୮ ବଲ୍‌ରେ ୧୦୭ ରନ୍)ଙ୍କ ଦମ୍‌ଦାର ଶତକ ବଳରେ ଶ୍ରୀଲଙ୍କା ମଧ୍ୟ ୨୦ ଓଭରରେ ୫ ୱିକେଟ ହରାଇ ୨୦୨ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହା ଫଳରେ ମ୍ୟାଚ୍‌ର ଫଳାଫଳ ଜାଣିବା ଲାଗି ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫ଟି ବଲ୍ ଖେଳି ୨ ରନ୍ ବିନିମୟରେ ୨ଟିଯାକ ୱିକେଟ ହରାଇ ଅଲଆଉଟ ହୋଇଥିଲା। ଜବାବରେ ଭାରତ ମାତ୍ର ଗୋଟିଏ ବଲ ଖେଳି ୩ ରନ୍ କରିବା ସହ ମ୍ୟାଚ୍ ଜିତିନେଇଥିଲା। ଭାରତର ଏହି ଲଢୁଆ ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ ଅର୍ଶଦୀପ ସିଂହ। ଶ୍ରୀଲଙ୍କା ଇନିଂସ ୧୯ତମ ଓଭର ଓ ସୁପର ଓଭରରେ ଚମତ୍କାର ବୋଲିଂ କରି ସେ ଭାରତର ନିଶ୍ଚିତ ପରାଜୟ ମ୍ୟାଚ୍‌କୁ ବିଜୟରେ ପରିଣତ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଟି-୨୦ ଫର୍ମାଟରେ ପାଥୁମ ନିଶାଙ୍କା ପ୍ରଥମ ଶତକ ହାସଲ କରିଥିଲେ। ଭାରତ ପକ୍ଷରୁ ଅଭିଷେକ ଶର୍ମା ହ୍ୟାଟ୍ରିକ ଅର୍ଦ୍ଧଶତକ ହାସଲ କରି ଚଳିତ ଟୁର୍ଣ୍ଣାମେଣ୍ଟରେ ରନ୍ ସଂଖ୍ୟା ୩୦୯ ରେ ପହଞ୍ଚାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ : ୨୦୨/୫, ୨୦ ଓଭର**
(ଅଭିଷେକ ଶର୍ମା-୬୧, ତିଳକ ବର୍ମା-ଅପରାଜିତ ୪୯, ସଞ୍ଜୁ ସାମସନ-୩୯)

**ଶ୍ରୀଲଙ୍କା : ୨୦୨/୫, ୨୦ ଓଭର**
(ପାଥୁମ ନିଶାଙ୍କା-୧୦୭, କୁଶାଲ ପରେରା-୫୮, ଦାସୁନ ଶାନକା-ଅପରାଜିତ-୨୨)।

## ● ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ

# ରୌଫ୍, ସୂର୍ଯ୍ୟକୁମାରଙ୍କୁ ଆର୍ଥିକ ଦଣ୍ଡ





ଦୁବାଇ,୨୬।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମୁକାବିଲାବେଳେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ଉଭୟ ଦେଶର ଦୁଇ ଖେଳାଳି ଦଣ୍ଡିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଓ ଭାରତୀୟ ଅଧିନାୟକ ଆଇସିସି ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନଙ୍କ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଉଭୟ ଖେଳାଳିଙ୍କ ମ୍ୟାଚ୍ ଫି'ର ୩୦ ଶତକଡ଼ା ଦଣ୍ଡ ଆକାରରେ କାଟି ନିଆଯାଇଛି। କିନ୍ତୁ ବନ୍ଧୁକ ମାରିବା ଆକ୍ସନରେ ଅର୍ଦ୍ଧଶତକ ସିଲେବ୍ରେସନ କରିଥିବା ପାକିସ୍ତାନୀ ଓପନର ସାହିବଜାଦା ଫରହାନ୍‌ଙ୍କୁ କେବଳ ଚେତାବନୀ ଦିଆଯାଇ ଛାଡ଼ିଦିଆଯାଇଛି। ସେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରି ନ ଥିବା କିମ୍ବା ପ୍ରତିପକ୍ଷ ଖେଳାଳି କିମ୍ବା ସମର୍ଥକଙ୍କୁ ଉସୁକାଇ ନ ଥିବା ରିଚାର୍ଡସନଙ୍କର ହୃଦ୍‌ବୋଧ ହୋଇଥିଲା। ଗୁରୁବାର ଏଠାରେ ରିଚାର୍ଡସନ ଉଭୟ ଦଳ ପକ୍ଷରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଆଜି ସେ ତାଙ୍କର ରାୟ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୧୪ ତାରିଖରେ ପାକିସ୍ତାନକୁ ଲିଗ୍ ମ୍ୟାଚ୍‌ରେ ହରାଇବା ପରେ ଦେଇଥିବା ପ୍ରତିକ୍ରିୟାରେ ଦଳର ବିଜୟକୁ ଭାରତୀୟ ସେନା ଓ ପହଲଗାମ୍‌ରେ ସନ୍ତ୍ରାସବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ଭାରତୀୟଙ୍କ ପରିବାର ସଦସ୍ୟଙ୍କୁ ଉତ୍ସର୍ଗ କରିଥିଲେ। ଖେଳରେ ରାଜନୀତି ପୂରାଇଥିବା ସେ ଲେଭଲ-୧ ଅପରାଧ କରିଥିଲେ। ସେହିପରି ସେପ୍ଟେମ୍ବର ୨୧ ତାରିଖ ଭାତ ବିପକ୍ଷ ସୁପର-୪ ମୁକାବିଲାରେ ପାକିସ୍ତାନର ଫାଷ୍ଟ ବୋଲର ପ୍ରତିପକ୍ଷ ଖେଳାଳିଙ୍କୁ ଉସୁକାଇବା ଓ ଅଶୋଭନୀୟ ଶୈଳୀରେ ସମର୍ଥକଙ୍କ ସହ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିଲେ। ଏହା ଆଇସିସି ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଥିବାରୁ ଲେଭେଲ-୧ ଅପରାଧ କରିଥିଲେ। ଏହା ଫଳରେ ତାଙ୍କୁ ଚେତାବନୀ ଦିଆଯିବା ସହ ଦଣ୍ଡ ପ୍ରଦାନ କରାଯାଇଛି। ଉଭୟ ଦେଶର କ୍ରିକେଟ ବୋର୍ଡ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ଗୁରୁବାର ଏହାର ଶୁଣାଣି କରି ରିଚାର୍ଡସନ ଶୁକ୍ରବାର ଏପରି ନିଷ୍ପତ୍ତି ନେଇଛନ୍ତି।

## ● ଅଷ୍ଟ୍ରେଲିଆର କ୍ରମାଗତ ତୃତୀୟ ପରାଜୟ

# ଭାରତର ଦିନିକିଆ ସିରିଜ୍ ସ୍ୱିପ୍

ବ୍ରିସ୍‌ବେନ୍,୨୬।୯ (ଏଜେନ୍ସି): ବେଦାନ୍ତ ତ୍ରିପାଠୀ (୮୬), ରାହୁଲ କୁମାର (୬୨)ଙ୍କ ଅର୍ଦ୍ଧଶତକ ସହିତ ଖୀଲନ ପଟେଲ (୪/୨୬) ଓ ଉଧବ ମୋହନ (୩/୨୬)ଙ୍କ ସୁନ୍ଦର ବୋଲିଂ ବଳରେ ଇଆନ ହିଲି ଓଭାଲ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ୧୬୭ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୩ ମ୍ୟାଚ୍ ଦିନିକିଆ ସିରିଜ୍‌କୁ ୩-୦ରେ ଜିତି ରିଜ୍ ସ୍ୱିପ୍ କରିଛି। ଏହା ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତ ୭ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୫୧ ରନ୍‌ରେ ଜିତିଥିଲା। ଦିନିକିଆ ସିରିଜ୍ ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଏଠାରେ ଓ ଦ୍ୱିତୀୟ ମ୍ୟାଚ୍ ମ୍ୟାକୟରେ ଅକ୍ଟୋବର ୭ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୮୦ ରନ୍ କରିଥିଲା। ଦଳ ପକ୍ଷରୁ ଗୁଜରାଟ ବ୍ୟାଟର ବେଦାନ୍ତ ତ୍ରିପାଠୀ ୯୨ ବଲ୍‌ରୁ ୮ ଚୌକା ସହ ସର୍ବାଧିକ ୮୬ ରନ୍ କରିଥିଲେ। ପଞ୍ଜାବର ରାହୁଲ କୁମାର ୮୪ ବଲ୍‌ରୁ ୬ ଚୌକା ସହ ୬୨ ରନ୍‌ର ଯୋଗଦାନ ଦେଇଥିଲେ। ନଂ-୩ ବିହାନ ମାଲହୋତ୍ରା ୪୦, ହରବଂଶ ପାଙ୍ଗଲିଆ ୨୩ ଓ ଖୀଲନ ପଟେଲ ୨୦ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୨୬.୩ ଓଭରରେ ମାତ୍ର ୧୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଆଲେକ୍ସ ଟର୍ଣ୍ଣର ୩୨, ଟମ୍ ହୋଗାନ ୨୮ ଓ ଅଧିନାୟକ ୱିଲ ମଲାନଜୁକ୍ ୧୫ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଭାରତ ପକ୍ଷରୁ ଗୁଜରାଟ ବାମହାତୀ ସ୍ପିନର ଖୀଲନ ପଟେଲ ୨୬ ରନ୍‌ରେ ସର୍ବାଧିକ ୪ଟି ଓ ଦିଲ୍ଲୀର ପେସ୍ ବୋଲର ଉଧବ ମୋହନ ମଧ୍ୟ ୨୬ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ରାଜସ୍ଥାନ ଅଫ୍ ସ୍ପିନର କନିଷ୍କ ଚୌହାନଙ୍କୁ ୨ଟି ୱିକେଟ ମିଳିଥିଲା।

# ୨୦୨୬ ଫିଫା ବିଶ୍ୱକପ୍‌ର ମାସ୍କଟ ଉନ୍ମୋଚିତ



କୋରାଲ ଗାବଲ୍ସ, ୨୬।୯ (ଏଜେନ୍ସି): ଆମେରିକା, କାନାଡା ଓ ମେକ୍ସିକୋରେ ଖେଳାଯିବାକୁ ଥିବା ୨୦୨୬ ଫିଫା ବିଶ୍ୱକପ୍ ଲାଗି ଆଜି ମାସ୍କଟ ଉନ୍ମୋଚନ କରାଯାଇଛି। ଏହି ମାସ୍କଟର ନାମ ରଖାଯାଇଛି କ୍ଲଚ୍, ଜାୟୁ ଓ ମାପଲ। ଆମେରିକାକୁ କ୍ଲଚ୍, ମେକ୍ସିକୋକୁ ଜାୟୁ ଓ କାନାଡାକୁ ମାପଲ ପ୍ରତିନିଧିତ୍ୱ କରୁଛି। ଜୁନ୍ ୧୧ରେ ଫିଫା ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱକପ୍ ପ୍ରଥମଥର ୩ଟି ଦେଶରେ ଓ ପ୍ରଥମଥର ୪୮ଟି ଦେଶକୁ ନେଇ ଆୟୋଜିତ ହେଉଛି। ଜୁଲାଇ ୧୯ରେ ଶେଷ ହେବାକୁ ଥିବା ଏହି ବିଶ୍ୱକପ୍ ୧୬ଟି ସହରରେ ଖେଳାଯିବ।

# ଶ୍ରଦ୍ଧାଞ୍ଜଳି ଜାତୀୟ ଫୁଟବଲ ଚୟନକର୍ତ୍ତା



ଭୁବନେଶ୍ୱର,୨୬।୯ (ସମିସ): ଓଡ଼ିଶାର କିଂବଦନ୍ତୀ ମହିଳା ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଜାତୀୟ ମହିଳା ଫୁଟବଲର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି। ବରିଷ୍ଠ ଦଳରେ ଏହା ତାଙ୍କର ପ୍ରଥମ ନିଯୁକ୍ତି। ଛତିଶଗଡ଼ଠାରେ ଅକ୍ଟୋବର ୧ରୁ ୧୦ ତାରିଖ ଯାଏ ଜାତୀୟ ବରିଷ୍ଠ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରୁ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରିବା ଶ୍ରଦ୍ଧାଞ୍ଜଳି ଓ ତାଙ୍କ ଟିମ୍‌ର ଦାୟିତ୍ୱ। ଆସନ୍ତାବର୍ଷ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମ୍ଭାବ୍ୟ ଦଳ ଚୟନ କରାଯିବ ବୋଲି ଜଣାଯାଇଛି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ୨୦୨୪ରେ ଭାରତର ୧୯ ବର୍ଷରୁ କମ୍ ଦଳକୁ ସାଫ୍ କପ୍ ଜିତାଇଥିଲେ। ଏପରି ସମ୍ମାନଜନକ ଦାୟିତ୍ୱ ପାଇଥିବାରୁ ଶ୍ରଦ୍ଧାଞ୍ଜଳି ତାଙ୍କ ନିଯୁକ୍ତିଦାତା ନାଲକୋ, ରାଜ୍ୟ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାକୁ କୃତଜ୍ଞତା ଜଣାଇଛନ୍ତି।

# ସୁଶ୍ରୀ ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟିକା



କଟକ,୨୬।୯(ସମିସ): ଆସନ୍ତା ଅକ୍ଟୋବର ୮ରୁ ବରିଷ୍ଠ ମହିଳା ଜାତୀୟ ଟି-୨୦ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳ ଘୋଷଣା କରାଯାଇଥିଲା। ୧୬ ଜଣିଆ ଦଳରେ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ନେତୃତ୍ୱ ଦିଆଯାଇଛି। ବିଜୟଲକ୍ଷ୍ମୀ ବେହେରା, ଡି ଜାନକୀ ରେଡ୍ଡୀ, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାଏକ, ମାଧୁରୀ ମେହେଟା, ମୋନାଲିସା ରାଉତ(ୱିକେଟ କିପର), ନିବେଦିତା ଜନ୍ ନାଏକ, ପ୍ରଜ୍ଞା ପରମିତା ମହାନ୍ତି(ୱିକେଟ କିପର), ରାମେଶ୍ୱରୀ ନାଏକ, ରାଣୀ ଟୁଡୁ, ରୀମାଲକ୍ଷ୍ମୀ ଏକ୍କା, ସଙ୍ଗୀତା ଖାଡିଆ(ଉପଅଧିନାୟିକା), ସରିତା ମେହର, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ତନ୍ମୟୀ ବେହେରା ଦଳରେ ସ୍ଥାନ ପାଇଛନ୍ତି। ଏଲିଟ୍-ସି ଗ୍ରୁପରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ହାଇଦ୍ରାବାଦ ବିପକ୍ଷରେ ପ୍ରଥମ ଲିଗ୍ ମ୍ୟାଚ୍ ଖେଳିବ। ଗ୍ୱାଲିୟରରେ ଗ୍ରୁପର ସମସ୍ତ ମ୍ୟାଚ୍ ଖେଳାଯିବ। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ, ମୁଖ୍ୟ କୋଚ୍ ସୁମନ ଶର୍ମା ଉପସ୍ଥିତ ଥିଲେ।

## ରାହୁଲ ୧୭୬*, ସୁଦର୍ଶନ ୧୦୦

# ଭାରତ-ଏ'ର ଐତିହାସିକ ବିଜୟ



ଲକ୍ଷ୍ନୌ, ୨୬।୯ (ଏଜେନ୍ସି): ବରିଷ୍ଠ ଖେଳାଳି ଲୋକେଶ ରାହୁଲଙ୍କ ଅପରାଜିତ ୧୭୬ ଓ ସାଇ ସୁଦର୍ଶନଙ୍କ ୧୦୦ ରନ୍ ସହାୟତାରେ ଏଠାରେ ଶୁକ୍ରବାର ଶେଷ ହୋଇଥିବା ଦ୍ୱିତୀୟ ଅନ୍ତିମ ଟେଷ୍ଟରେ ଅଷ୍ଟ୍ରେଲିଆ-ଏ'କୁ ୫ ୱିକେଟରେ ହରାଇ ଐତିହାସକ ବିଜୟ ହାସଲ କରିଛି। ଏହି ମ୍ୟାଚ୍ ଜିତିବାକୁ ଭାରତ-ଏ' ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଘରୋଇ ଦଳ ରାହୁଲ ଓ ସୁଦର୍ଶନଙ୍କ ଶତକ, ଅଧିନାୟକ ଧ୍ରୁବ ଜୁରେଲଙ୍କ ୫୬ ରନ୍ ସହାୟତାରେ ଦଳ ୫ ୱିକେଟ ହରାଇ 'ଏ' ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହ କରି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଦଳ ୨୦୨୨ ହାବନଟୋଟାରେ ଶ୍ରୀଲଙ୍କା-ଏ' ବିପକ୍ଷରେ ୩୬୭ ରନ୍ କରି ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ-ଏ'ର ରେକର୍ଡକୁ ଅତିକ୍ରମ କରିଥିଲେ। ଭାରତ ମଧ୍ୟ ନିଜ ରେକର୍ଡରେ ଉନ୍ନତି ଆଣିଛି। ୨୦୦୩ରେ ନର୍ଟିଂହାମସାୟର ବିପକ୍ଷରେ ଭାରତ-ଏ' ୩୪୦ ରନ୍ କରି ବିଜୟୀ ହୋଇଥିଲାବେଳେ ଏଠାରେ ମଧ୍ୟ ଏହି ରେକର୍ଡ ଅତିକ୍ରମ ହୋଇଯାଇଛି। ଏହି ବିଜୟ ଫଳରେ ଭାରତ-ଏ' ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୦ରେ ଜିତିନେଇଛି। ଏଠାରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟ ହାରଜିତ ବିନା ଫଇସଲାରେ ଶେଷ ହୋଇଥିଲା।

ଭାରତ-ଏ' ପକ୍ଷରୁ ଖେଳୁଥିବା ରାହୁଲ ତାଙ୍କ ପାରମ୍ପରିକ ଟ୍ରେଡମାର୍କ ସଟ୍ ସହାୟତାରେ ୨୧୦ ବଲ ଖେଳରି ୧୬ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୧୭୬ ରନ୍ ଦଳକୁ ଜିତାଇଥିଲେ। ଏହି ପ୍ରଦର୍ଶନ ଲାଗି ତାଙ୍କୁ ମଧ୍ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ୨ଟି ଟେଷ୍ଟର ୪ଟିଯାକ ଇନିଂସରେ ସଫଳ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ-ଏ'ର ଜୋଶ ଫିଲିପ୍ସଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଭାରତ-ଏ' ଦ୍ୱିତୀୟ ଇନିଂସରେ ସାଇ ସୁଦର୍ଶନ ୧୭୨ ବଲ୍‌ରୁ ୧୦୦ ଓ ଅଧିନାୟକ ଧ୍ରୁବ ଜୁରେଲ ୬୬ ବଲ୍‌ରୁ ୫୬ ରନ୍ ସଂଗ୍ରହ କରି ଉପଯୁକ୍ତ ସହାୟତା ଯୋଗାଇଥିଲେ। ଶେଷରେ ନୀତୀଶ କୁମାର ରେଡ୍ଡୀ ଅପରାଜିତ ୧୬ କରି ରାହୁଲଙ୍କ ସହ ଦଳକୁ ମ୍ୟାଚ୍ ଜିତାଇଥିଲେ।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ'ର ୪୨୦ ରନ୍ ଜବାବରେ ଭାରତ-ଏ' ମାତ୍ର ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଭାରତ-ଏ'ର ବୋଲରମାନେ ଘାତକ ପ୍ରଦର୍ଶନ କରିବା ଫଳରେ ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୧୮୫ ରନ୍ କରିଥିଲା। ଫଳରେ ପ୍ରଥମ ଇନିଂସରେ ୨୨୬ ରନ୍‌ର ଅଗ୍ରଣୀକୁ ମିଶାଇ ଅଷ୍ଟ୍ରେଲିଆ-ଏ' ଘରୋଇ ଦଳ ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ଭାରତ ମାତ୍ର ୫ ୱିକେଟ ହରାଇ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛି। ଟେଷ୍ଟ ସିରିଜ୍ ପରେ ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ମଧ୍ୟରେ କାନପୁରର ଗ୍ରୀନ୍‌ପାର୍କ ଷ୍ଟାଡିୟମ୍‌ରେ ୪ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ।

## ଆଇଏସଏସ୍ ଜୁନିଅର ୱାର୍ଲ୍ଡକପ୍



# ଜୋନାଥନଙ୍କୁ ସ୍ୱର୍ଣ୍ଣ, ରଶ୍ମିକାଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଭାରତର ଜୋନାଥନ ଆଣ୍ଟୋନି ତାଙ୍କ ଇଟାଲୀୟ ପ୍ରତିଦ୍ୱନ୍ଦ୍ୱୀ ଲୁକା ଆରିଘିଙ୍କୁ ୮.୫ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଏଠାରେ ଚାଲିଥିବା ଆଇଏସ୍‌ଏସ୍ ଜୁନିଅର ୱାର୍ଲ୍ଡ କପ୍ ସୁଟିଂରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡଃ କାର୍ଣ୍ଣି ସିଂହ ରେଞ୍ଜରେ ଆଜି ଅନୁଷ୍ଠିତ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ କର୍ଣ୍ଣାଟକର ଜୋନାଥନ ବିଜେତା ହୋଇଛନ୍ତି। ଖେଳରତ୍ନ ପୁରସ୍କାର ବିଜେତା ଜିତୁ ରାୟଙ୍କ ତତ୍ତ୍ୱାବଧାନରେ ଜୋନାଥନ ପ୍ରଶିକ୍ଷଣ ନେଉଛନ୍ତି। ମହିଳା ଏୟାର ପିସ୍ତଲରେ ନିରପେକ୍ଷ ଦେଶ ଭାବେ ଭାଗନେଇଥିବା ରୁଷର ଇଭେଲିନା ସିନା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହି ଭାରତର ରଶ୍ମିକା ସେହଗଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଦ୍ୱିତୀୟ ଦିନ ସୁଦ୍ଧା ଭାରତ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ସହ ପଦକ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛି।

# ତାରାକାନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୬।୯ (ସମିସ): ଇଣ୍ଡିଆନ ମାଉଣ୍ଟେନିୟରିଂ ଫେଡେରେସନ (ଆଇଏମ୍ଏଫ୍) ପକ୍ଷରୁ ନେଦରଲାଣ୍ଡ ଟିମ୍‌ର ଲିଆସନିଂ ଅଫିସର ଭାବେ କାମ କରି ସଫଳତା ପାଇଥିବା ଓଡ଼ିଶାର ତାରାକାନ୍ତ ପରିଡ଼ାଙ୍କୁ ଆସା (ଅସୋସିଏସନ ଅଫ୍ ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟି) ପକ୍ଷରୁ ସମ୍ମାନିତ କରାଯାଇଛି। ଜୁଡୋ ହଲ ପରିସରରେ ଶୁକ୍ରବାର ଆୟୋଜିତ ବନ୍ଧୁମିଳନରେ ତାରାକାନ୍ତଙ୍କୁ ଆସା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଅନୁଷ୍ଠିତ ଏକ ଅନୌପଚାରିକ ବୈଠକରେ ଆସାର ଉପଦେଷ୍ଟା ତଥା ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଥମ ଏଭରେଷ୍ଟ ଆରୋହଣକାରୀ ତଥା ଆସାର ସମ୍ପାଦକ ଗଣେଶ ଜେନା, ହରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସା ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।

# 'କଟକ ପାନ୍ଥର୍ସ' ଓପିଟିଏଲ ଚାମ୍ପିଅନ

କଟକ,୨୬।୯ (ସମିସ):



କଟକ ପାନ୍ଥର୍ସ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସଂସ୍କରଣର ଚାମ୍ପିଅନ ହୋଇଛି। ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପାନ୍ଥର୍ସ ୫ ରନରେ ସମ୍ବଲପୁର ୱାରିୟର୍ସକୁ ହରାଇଛି। ଚାମ୍ପିଅନ ପାନ୍ଥର୍ସକୁ ଟ୍ରଫି ସମତେ ୫୦ଲକ୍ଷ ଏବଂ ରନର୍ସଅପ ୱାରିୟର୍ସକୁ ଟ୍ରଫି ସମେତ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଦିନ ତମାମ ଲଗାଣ ବର୍ଷା ଫାଇନାଲ ମୁକାବିଲାକୁ ସମ୍ପୂର୍ଣ୍ଣ ବ୍ୟାଘାତ କରିବ ବୋଲି ଆଶଙ୍କା ରହିଥିଲା। ମାତ୍ର ସନ୍ଧ୍ୟା ପରେ ବର୍ଷାର କୋପ ଥମିବା ମାତ୍ରେ ୧୦ଓଭର ବିଶିଷ୍ଟ ମ୍ୟାଚ୍ କରାଯିବାକୁ ମ୍ୟାଚ୍ ରେଫରି ସ୍ଥିର କରିଥିଲେ। ୱାରିୟର୍ସ ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ପାନ୍ଥର୍ସକୁ ବ୍ୟାଟିଂ ଡାକରା ଦେଇଥିଲେ। ବିପ୍ଳବ ସାମନ୍ତରାୟଙ୍କ ୮ ବଲରୁ ୨୩ରନ, ଶୁଭମ ଶତ୍ରୁଜିତଙ୍କ ୧୫ବଲରୁ ୨୫ରନ ବଳରେ ୮.୪ ଓଭର ସୁଦ୍ଧା ପାନ୍ଥର୍ସ ୫ ୱିକେଟ ହରାଇ ୯୨ରନ ସଂଗ୍ରହ କରିଥିଲା। ପୁନର୍ବାର ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ୱାରିୟର୍ସ ତରଫରୁ ସୁମିତ ଶର୍ମା ୨ଓଭର ବୋଲିଂ କରି ୬ରନ ବିନିମୟରେ ୩ଟି ୱିକେଟ ଦଖଲ କରିଥିଲେ। ବାମହାତୀ ଅର୍ଥୋଡକ୍ସ ସୁମିତ ଗୋଟିଏ ଓଭରରେ ଇନଫର୍ମ ବ୍ୟାଟର ସୌରଭ ଗୌଡ ଏବଂ ହର୍ଷିତ ରାଠୋଡଙ୍କ ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ବିଳମ୍ବ ଯୋଗୁଁ ଡିଏଲଏସ୍ ପଦ୍ଧତିର ବିନିଯୋଗ କରାଯାଇ ୱାରିୟର୍ସ ସମ୍ମୁଖରେ ୫ ଓଭରରେ ୬୨ ରନର ଟାର୍ଗେଟ ମିଳିଥିଲା। ହେଲେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଦଳକୁ ଟାଇଟଲ୍ ଠାରୁ ଦୂରେଇ ରଖିଥିଲା। ଅନ୍ତିମ ଓଭରରେ ବିଜୟ ନିମନ୍ତେ ୨୯ରନ ଆବଶ୍ୟକ ଥିବା ବେଳେ ଇମ୍ପାକ୍ଟ ଖେଳାଳି ଆଦିତ୍ୟ ରାଉତ ୩ଟି ଛକା, ଗୋଟିଏ ଚୌକା ଏବଂ ଗୋଟିଏ ୱାଇଡ୍ ସହ ୨୩ ରନ୍ କରିଥିଲେ। ଦଳ ୫ରନରେ ପଛୁଆ ରହି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଓଡ଼ିଶା ଜୁନିୟର ଦଳର ସ୍ପିନର ରାଜା ଯାଦବ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୱାରିୟର୍ସର ପ୍ରବୀଣ ଲୁହା, ପ୍ରୟାସ ସିଂହ ଓ ଆୟୁଷ ବାରିକଙ୍କୁ ଗୋଟିଏ ଓଭରରେ ପ୍ୟାଭିଲିୟନ ଫେରାଇ ଦଳ ପାଇଁ ସହଜ ବିଜୟର ବାଟ ଫିଟାଇ ଦେଇଥିଲେ। ଆଦିତ୍ୟ ୧୩ବଲରୁ ୩୬ରନ କରିଥିବା ବେଳେ ଶୁଭ୍ରାଂଶୁ ଶୂନରେ ଆଉଟ ହୋଇଥିଲେ ଏବଂ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS